

 କ୍ରିକେଟ୍‌ରୁ ଅବସର ନେଲେ କରୁଣାରତ୍ନେ
ପୃଷ୍ଠା ୬


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 312 | ଭାଗ ୩୨ | ସଂଖ୍ୟା ୩୧୨ | Bhubaneswar | Wednesday 5 February 2025 | Page 8 Rs. 4.00 | ଭୁବନେଶ୍ୱର ବୁଧବାର ୫ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ବିରୋଧୀଙ୍କୁ ମୋଦି ପ୍ରହାର

- ସହରୀ ନକ୍ସଲଙ୍କ ଭାଷା କହୁଛି ଗାନ୍ଧି ପରିବାର
- ଦେଶରେ ଦାରିଦ୍ର୍ୟ ସୀମା ଉପରକୁ ଉଠିଛନ୍ତି ୨୫କୋଟି
- ଦେଶରେ ମେଡିକାଲ୍ କଲେଜ ସଂଖ୍ୟା ୭୮୦ରେ ପହଞ୍ଚିଛି
- ରାଜନୈତିକ ନୈରାଶ୍ୟ ଯୋଗୁଁ ବିରୋଧୀ ବାଉଳି ହେଉଛନ୍ତି
- କିଛି ନେତା କେବଳ ଭାଷଣବାଜି କରନ୍ତି



ନୂଆଦିଲ୍ଲୀ,୪।୨: ଆଜି ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଚାଲିଥିବା ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଜବାବ ରଖିଛନ୍ତି। ସେ କହିଛନ୍ତି ଯେ କିଛି ଲୋକ ଗରିବଙ୍କ କୁଡ଼ିଆରେ ଫଟୋ ଉଠାଇ ଆନନ୍ଦ ପାଆନ୍ତି, କିନ୍ତୁ ସେହି ଲୋକମାନେ ସଂସଦରେ ଗରିବଙ୍କ ଉପରେ ଦିଆଯାଉଥିବା ଭାଷଣକୁ ବୋରିଂ ବୋଲି କହନ୍ତି। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ କଟାକ୍ଷ କରିଥିବା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସର ପୂର୍ବତନ ସଭାପତି ସୋନିଆ ଗାନ୍ଧିଙ୍କୁ ଟାର୍ଗେଟ୍ କରି ସେ ଏପରି କହିଥିବା ଅନୁମାନ କରାଯାଉଛି। ସେହିପରି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ନାମ ନ ନେଇ ତାଙ୍କୁ ମଧ ମୋଦି କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ କିଛି ଲୋକ ନିଜ ଘରେ ଜାକୁଜି (ବିଳାସମୟ ବାଥଟବ୍) ଓ ଶାୱାର୍ ରହିଛି। ସ୍ୱାଧୀନତାର ୭୫ ବର୍ଷ ପରେ ଦେଶର ପ୍ରାୟ ୧୬ କୋଟି ଘର ମଧ୍ୟରୁ ପ୍ରାୟ ୭୫ ପ୍ରତିଶତ ଘରେ ଟ୍ୟାପ୍ ସଂଯୋଗ ନ ଥିଲା। କିନ୍ତୁ ଆମ ସରକାର କ୍ଷମତାକୁ ଆସିବା ପରେ ୧୨୦ ନିୟୁତ ପରିବାରକୁ ଟ୍ୟାପ୍ ପାଣି ଯୋଗାଇ ଦେଇଛି। ଏବେ ବି ଏ ଦିଗରେ ଦ୍ରୁତ ଗତିରେ କାମ ଆଗେଇ ଚାଲିଛି। ଆମେ ଗରିବଙ୍କ ପାଇଁ କ'ଣସବୁ କରିଛୁ, ସେନେଇ ଚଳିତ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି। କିନ୍ତୁ ତାଙ୍କୁ ଯେପରି ଭାବେ ସମାଲୋଚନା କରାଗଲା, ତାହା କଦାପି ଗ୍ରହଣୀୟ ନୁହେଁ। ଦେଶରେ ଗତ ୫ ବର୍ଷରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରୁ ଉପରକୁ ଉଠିଛନ୍ତି। ଏହା ପ୍ରମାଣିତ କରୁଛି ଏନ୍‌ଡିଏ ସରକାର ଗରିବଙ୍କ ପାଇଁ କ'ଣ ସବୁ କାମ କରିଛି ବୋଲି ମୋଦି କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସର ପୂର୍ବତନ ସଭାପତି ରାହୁଲ୍ ଗାନ୍ଧିଙ୍କୁ ମଧ ଟାର୍ଗେଟ୍ କରିବାକୁ ମୋଦି ଭୁଲିନାହାନ୍ତି। ସେ କହିଛନ୍ତି ଯେ ମଣିଷକୁ ଜ୍ୱର ହୋଇଥିବା ସମୟରେ ସେ ବାଉଳିଚାଉଳି ହୁଏ, କିଛି ବି କହିଯାଏ। ସେହିପରି ଯେତେବେଳେ ନିରାଶା ଚରମ ସୀମାରେ ପହଞ୍ଚେ, ସେତେବେଳେ ମଧ ମଣିଷ ଭୁଲ୍‌ଭାଲ୍ କଥାବାର୍ତ୍ତା କରିଥାଏ। ରାଜନୈତିକ ନୈରାଶ୍ୟ ଯୋଗୁଁ ବିରୋଧୀ ଦଳର ସଦସ୍ୟଙ୍କ ମାନସିକ ସ୍ଥିତି ମୁଁ ବୁଝିପାରୁଛି। ଗାନ୍ଧି ପରିବାର ଏବେ ସହରୀ ନକ୍ସଲଙ୍କ ଭାଷା କହୁଛି ବୋଲି ମୋଦି ଆକ୍ଷେପ କରି କହିଛନ୍ତି। ତାଙ୍କ କହିବାନୁସାରେ, ଯେଉଁମାନେ ଦେଶରେ ଜନ୍ମ ହୋଇନାହାନ୍ତି, ସେମାନେ ବି ସରକାର ଦେଉଥିବା ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଫାଇଦା ନେଉଛନ୍ତି। କିନ୍ତୁ ଗରିବ ଲୋକଙ୍କୁ ସୁବିଧାସୁଯୋଗ ଦେବା ସକାଶେ ଆମ ସରକାର କଦାପି ରାଜନୈତିକ ଫାଇଦା କିମ୍ବା କ୍ଷତିକୁ ଖାତିର୍ କରିନାହିଁ। ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତିଟି ନାଗରିକଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ଦିଗରେ ଆମେ ପ୍ରୟାସ ଜାରି ରଖିଛୁ। ପୃଷ୍ଠା-୬



# ଆଜି ଦିଲ୍ଲୀ ଭୋଟ୍

- ସକାଳ ୭ଟାରୁ ସନ୍ଧ୍ୟା ସାଢ଼େ ୬ ପର୍ଯ୍ୟନ୍ତ ଭୋଟ୍
- ୭୦ ଆସନ ପାଇଁ ୬୯୯ ପ୍ରାର୍ଥୀ
- ୮୩.୭୬ ଲକ୍ଷ ପୁରୁଷ ଓ ୭୨.୩୬ ଲକ୍ଷ ମହିଳା ଭୋଟର୍
- ୧୩୭୬୬ରୁ ଭିନ୍ନକ୍ଷମଙ୍କ ପାଇଁ ୭୩୩ ବୁଥ୍
- ମଇଦାନରେ କେଜ୍ରିୱାଲ୍, ଅତିସୀ, ସିସୋଦିଆ, ଅଲକା, ରମେଶ ବିଧୁରି
- ସୁରକ୍ଷା ଦାୟିତ୍ୱରେ ୨୨୦ ପାରାମିଲିଟାରୀ ଓ ୩୦ ହଜାର ପୁଲିସ୍
- ଭୋର ୩ରୁ ଚାଲିବ ମେଟ୍ରୋ

ନୂଆଦିଲ୍ଲୀ, ୪।୨: ଇତିମଧ୍ୟରେ ଦିଲ୍ଲୀ ନିର୍ବାଚନ ପାଇଁ ପ୍ରଚାର ଶେଷ ହୋଇଛି। କ୍ଷମତାସୀନ ଆପ୍ ସହ ବିରୋଧୀ ବିଜେପି ଓ କଂଗ୍ରେସ ସହ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନ ପ୍ରଚାର ଶେଷ କରି ଆଗାମୀ ନିର୍ବାଚନରେ ବାଜିମାତ୍ କରିବା ସକାଶେ ଆଶା ବାନ୍ଧି ବସିଛନ୍ତି। ଆସନ୍ତାକାଲି ଇଭିଏମ୍‌ରେ ପ୍ରାର୍ଥୀମାନଙ୍କ ଭାଗ୍ୟ କଏଦ ହେବ। କାରଣ ଆସନ୍ତାକାଲି ଜାତୀୟ ରାଜଧାନୀରେ ଭୋଟ୍ ଗ୍ରହଣ ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୮ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ଭୋଟ୍‌ଦାନ ପ୍ରକ୍ରିୟାରେ ଦିଲ୍ଲୀର ୧.୫୬ କୋଟି ଭୋଟର୍ ସାମିଲ୍ ହେବେ। ଏମାନଙ୍କ ମଧ୍ୟରେ ୮୩.୭୬ ଲକ୍ଷ ପୁରୁଷ ଭୋଟର୍ ଥିବା ବେଳେ ୭୨.୩୬ ଲକ୍ଷ ମହିଳା ଏବଂ ୧୨୬୭ ଜଣ ତୃତୀୟ ଲିଙ୍ଗୀ ଭୋଟର୍ ଅଛନ୍ତି। ଜନସାଧାରଣଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ଦେବା ସକାଶେ ଦିଲ୍ଲୀରେ ମୋଟ ୧୩ ହଜାର ୭୬୬ ପୋଲିଂ ବୁଥ୍ ପ୍ରସ୍ତୁତ କରାଯାଇଛି। ନିର୍ବାଚନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଅବାଧ କରିବା ସକାଶେ ଭାରତୀୟ ନିର୍ବାଚନ କମିଶନ ପକ୍ଷରୁ ମଧ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ବହୁ ସଂଖ୍ୟାରେ କିପରି ଭୋଟର୍ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହେବେ, ତା' ଉପରେ ଗୁରୁତ୍ୱ ଦେଇଛନ୍ତି ନିର୍ବାଚନ କମିଶନ। ଏଥିପାଇଁ ଦିଲ୍ଲୀର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଆସନ୍ତାକାଲି ଛୁଟି ଘୋଷଣା କରାଯାଇଛି। କିନ୍ତୁ ଏହି ସମୟରେ ଦିଲ୍ଲୀ ମେଟ୍ରୋ ଓ ବସ ସେବା ଭଳି ଅତ୍ୟାବଶ୍ୟକ ସେବାଗୁଡ଼ିକ ଜାରି ରହିବ। ଏହି କ୍ରମରେ ରାତି ୩ଟାରୁ ମେଟ୍ରୋ ରେଳ ସେବା ଆରମ୍ଭ ହେବ। ଗୁରୁଗ୍ରାମ ଓ ପୃଷ୍ଠା-୬

## ଓଡ଼ିଶା ଗସ୍ତରେ ଷୋଡ଼ଶ ଅର୍ଥ କମିଶନ

ଜନଜାତି ସଂଗ୍ରହାଳୟରେ ଆଦିବାସୀ କଳାକୃତି ଦେଖି ଅଭିଭୂତ

କଳିଙ୍ଗ ଷ୍ଟାଡିୟମରେ ଖେଳାଳିଙ୍କ ସହ ଭାବବିନିମୟ

ଆଜି ଧଉଳି, କୋଣାର୍କ, ପୁରୀ ଗସ୍ତ

ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ): ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଷୋଡ଼ଶ ଅର୍ଥ କମିଶନ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। କମିଶନ ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ଅପରାହ୍ନରେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ଓ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିଦର୍ଶନ ବେଳେ ବ୍ୟକ୍ତିଗତ ଆଭୂଷଣ କେନ୍ଦ୍ରରେ ଜନଜାତି ଅଳଙ୍କାର, ପୃଷ୍ଠା-୬

## ବଢ଼ିଲା ଭତ୍ତା, ମିଳିବ ଘରଭଡ଼ା

ଅଗ୍ନିଶମ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି



ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ): ଅଗ୍ନିଶମ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବାକୁ ଭତ୍ତା ବଢ଼ାଇଛନ୍ତି ରାଜ୍ୟ ସରକାର। ଏମାନଙ୍କ ପାଇଁ ବଡ଼ ଖୁସି ଖବର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେବଳ ଭତ୍ତା ନୁହେଁ ବରଂ ଘରଭଡ଼ା ସହ ମେଡିକାଲ ଖର୍ଚ୍ଚ ବି ସରକାର ବହନ କରିବେ। ଅଗ୍ନିଶମ କର୍ମଚାରୀଙ୍କ ଖାଇବା ଭତ୍ତା ୯୦୦ ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ମୋଟର ସାଇକେଲ ଭତ୍ତା ୩୦୦ରୁ ୧୦୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିଭଳି ମୋବିଲିଟି ଭତ୍ତା ୧୫୦ରୁ ୩୦୦କୁ ବଢ଼ାଇ ଦିଆଯାଇଛି। କର୍ମଚାରୀଙ୍କୁ ମିଳୁଥିବା ରିସ୍କ ଭତ୍ତା ୪୦୦ରୁ ବୃଦ୍ଧି କରାଯାଇ ଏଣିକି ଏ ବାବଦରେ ୧୦୦୦ ଟଙ୍କା ପ୍ରଦାନ କରାଯିବ। ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହାଦ୍ୱାରା ୬୦୫୮ ଅଗ୍ନିଶମ କର୍ମଚାରୀ ଉପକୃତ ହେବେ।

## କ୍ୟାନ୍ସର ଓ କିଡନୀ ରୋଗୀଙ୍କ ହେବ ପଞ୍ଜୀକରଣ

ଭୁବନେଶ୍ୱର, ୪।୨ (ସଂଚାର ବ୍ୟୁରୋ):ବିଶ୍ୱ କର୍କଟ ଦିବସରେ ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି। ଓଡ଼ିଶାରେ ଆରମ୍ଭ ହେବ କିଡନୀ ରୋଗ ଓ କ୍ୟାନସର ରେଜିଷ୍ଟ୍ରେସନ। ସାରା ରାଜ୍ୟର ସବୁ ଜିଲ୍ଲାର ତଥ୍ୟକୁ ନେଇ ଦୁଇ ପ୍ରକାର ରେଜିଷ୍ଟ୍ରି ରହିବ। ହସ୍ପିଟାଲ ଆଧାରିତ ରେଜିଷ୍ଟ୍ରି ଓ ଜନସଂଖ୍ୟା ଆଧାରିତ ରେଜିଷ୍ଟ୍ରି। ବର୍ତ୍ତମାନ ସମୟରେ ଆଚାର୍ଯ୍ୟ ହରିହର, ଭୁବନେଶ୍ୱର ଏମ୍ସ ଓ ଆପୋଲୋ ଭୁବନେଶ୍‌ବରରେ ହସ୍ପିଟାଲ ଆଧାରିତ ରେଜିଷ୍ଟ୍ରି ପୃଷ୍ଠା-୬

## ମୋନାଲିସାଙ୍କ ଆଖିରେ ଲୁହ



ବିଜେଡି ମୁଖପାତ୍ର ମୋନାଲିସା ଗନ୍ତାୟତଙ୍କ ଆଖିରେ ଲୁହ। ତାହା ପୁଣି ଶଙ୍ଖଭବନ ନିକଟରେ। ଅନ୍ୟତମ ମୁଖପାତ୍ର ଲେନିନ୍ ମହାନ୍ତିଙ୍କ କଟୁ ଗାଳିରେ କାନ୍ଦିଛନ୍ତି ମୋନାଲିସା। ଖାଲି କାନ୍ଦିନାହାନ୍ତି, କନ୍ଦାକଟା କରି ନିବାସରେ ବି ଫେରାଦ ହୋଇଛନ୍ତି। ତେବେ ଆଜିର ଏହି ଘଟଣାଟି ସାମ୍ବାଦିକମାନଙ୍କ ଆଗରେ ଯେଭଳି ଘଟିଲା, ସେଥିରୁ ବିଜେଡି ମୁଖପାତ୍ରଙ୍କର କିପ୍ରକାର ଅସହିଷ୍ଣୁତା ଓ ଦାଦାଗିରି ଚାଲିଛି, ତାହାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଘଟଣାଟି ଏମିତି, ମୁଖପାତ୍ର ମୋନାଲିସା ଶଙ୍ଖଭବନ ଭିତରକୁ ଯାଉଥିବା ସମୟରେ ଶଙ୍ଖଭବନ ଫାଟକ ନିକଟରେ ଦୁଇ ଜଣ ଇଲେକଟ୍ରୋନିକ ମିଡିଆର ସାମ୍ବାଦିକ ଦେଖାହୋଇଗଲେ। ମୁଖପାତ୍ରଙ୍କୁ ଦେଖି ସେମାନେ ବାଇଟ୍ ନେବାକୁ ଚାହିଁଲେ। ବିଜେପିର ଠେଙ୍ଗାବୁଲା ଉପରେ ପ୍ରଶ୍ନ ଥିବାରୁ ସୌଜନ୍ୟତା ଦୃଷ୍ଟିରୁ ମୋନାଲିସା ବାଇଟ୍ ଦେଲେ। ଏତିକିବେଳେ ଶଙ୍ଖଭବନ ଭିତରେ ଥିବା ଲେନିନଙ୍କ ନିକଟରେ ଖବର ପହଞ୍ଚିଲା ଯେ ମୋନାଲିସା ବାହାରେ ପୃଷ୍ଠା-୬

## ବାରବାଟୀର ବଜ୍ର ଅଭିଶାପ
## ଯିଏ ବସିଲା ସିଏ ଗଲା

ବାରବାଟୀ ଓଡ଼ିଶାର ନେତାମାନଙ୍କ ପାଇଁ ଏକପ୍ରକାର ଅଭିଶାପ ପାଲଟିଛି। ପୂରା ବଜ୍ର ଅଭିଶାପ। ଯିଏ ବାରବାଟୀର ଦାୟିତ୍ୱ ନେଲା, ତା'ର ରାଜନୀତି କ୍ୟାରିଅର୍ ସରିଲା ବୋଲି ଜାଣ। ଏହି ତାଲିକା ଧିରେ ଧିରେ ଲମ୍ବା ହେଉଥିବା ବେଳେ ରାଜନେତାମାନେ ଆଉ ବାରବାଟୀ ଆଡ଼େ ଅନାଉନାହାନ୍ତି। ବାରବାଟୀର ଅଭିଶାପ ତାଲିକାରେ ରହିଛନ୍ତି ସମୀର ଦେ, ରଞ୍ଜୀବ ବିଶ୍ୱାଳ, ଆର୍ଶୀବାଦ ବେହେରା ଓ ବବି ଦାସଙ୍କ ଭଳି ରାଜନେତା। ଏମାନେ ସମସ୍ତେ ଏବେ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ। ସମୀର ଦେ ରାଜ୍ୟର ମନ୍ତ୍ରୀ ଥିଲେ। ବାରବାଟୀ ଦାୟିତ୍ୱ ନେବା ପରେ ଆଉ ବିଧାୟକଟିଏ ବି ହୋଇପାରିଲେ ନାହିଁ। ସିଏ ଏବେ ସ୍ୱର୍ଗବାସୀ। ଏକଦା ରାଜ୍ୟର ସୁପର ଚିଫ୍‌ମିନିଷ୍ଟର ଥିବା ବସନ୍ତ ବିଶ୍ୱାଳଙ୍କ ସୁପୁତ୍ର ରଞ୍ଜୀବ ବିଶ୍ୱାଳ କଂଗ୍ରେସ ସାଂସଦ ଥିଲେ। କ୍ରିକେଟ ସହିତ ରାଜନୀତି କ୍ୟାରିଅର ବି ଭଲ ଚାଲିଥିଲା। ହେଲେ ବାରବାଟୀ ସହିତ ସମ୍ପର୍କ ଯୋଡ଼ିବା ପରେ ତାଙ୍କର ରାଜନୈତିକ କ୍ୟାରିଅର ଏକପ୍ରକାର ଶେଷ ହୋଇଯାଇଛି। ବାରବାଟୀର ଆଉ ଜଣେ ମାମଲତକାର ହେଲେ ଆର୍ଶୀବାଦ ବେହେରା। ଉଭୟ ବାପ ପୁଅ ଲଗାତାର ଭାବେ ବାରବାଟୀକୁ ସମ୍ଭାଳିଛନ୍ତି। ହେଲେ ରାଜନୀତିରେ ଏମାନଙ୍କର ପ୍ରଦର୍ଶନ ଶୂନ। ଆର୍ଶୀବାଦ କିମ୍ବା ସଞ୍ଜୟ କେହି ହେଲେ ପୃଷ୍ଠା-୬



## ଓଡ଼ିଶା ସୀମାନ୍ତ ଛତିଶଗଡ଼ରେ ମାତିଲେ ଲାଲବାହିନୀ
# ଦୁଇ ଜଣଙ୍କୁ ଗଳାକାଟି ହତ୍ୟା

ବିଜାପୁର,୪।୨(ସଂଚାର ବ୍ୟୁରୋ): ଛତିଶଗଡରେ ପୁଣିଥରେ ଲାଲ ବାହିନୀର ବର୍ବର କାଣ୍ଡ ଦେଖିବାକୁ ମିଳିଛି। ମାଲକାନଗିରି ସୀମାନ୍ତବର୍ତ୍ତୀ ବିଜାପୁର ଜିଲ୍ଲାରେ ନକ୍ସଲମାନେ ପୁଣିଥରେ ଆତଙ୍କ ଖେଳାଇ ଅତି ନୃଶଂସ ଭାବେ ଦୁଇ ଜଣ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ତରେମ କ୍ଷେତ୍ର ବୁଡଗିଚେରୁ ଗ୍ରାମର ଉକ୍ତ ଦୁଇ ଗ୍ରାମବାସୀଙ୍କ ଗଳାକାଟି ନକ୍ସଲମାନେ ହତ୍ୟା କରିଛନ୍ତି। ଏନେଇ ଏଏସପି ଚନ୍ଦ୍ରକାନ୍ତ ଗର୍ଭଣା କହିଛନ୍ତି ଯେ ଗତକାଲି ବିଳମ୍ବିତ ରାତିରେ ମାଓବାଦୀମାନେ ୩୨ ବର୍ଷୀୟ କାରମ ରାଜୁକୁ ହତ୍ୟା କରିଛନ୍ତି। କାରମ ତାଲାବାପାର ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ମାଓବାଦୀମାନେ ବୁଡଗୀଚେରୁର ମାଡ଼ବୀ ମୁତ୍ରା (୨୭)ଙ୍କୁ ମଧ ହତ୍ୟା କରିଛନ୍ତି। ସେ ନୟାପାରା ବୁଡ଼ଗିଚେରୁର ବାସିନ୍ଦା। ସେମାନଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ହୋଇଯାଇଛି। ହତ୍ୟା ସୂଚନା ପାଇବା ପରେ ତରେମ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଏଏସ୍‌ପି ଶ୍ରୀ ଗର୍ଭଣା କହିଛନ୍ତି।

ଏହା ପୂର୍ବରୁ ଗତ ମାସ ୨୭ ତାରିଖରେ ବିଜାପୁରରେ ମାଓବାଦୀମାନେ ୪୧ ବର୍ଷୀୟ ଗ୍ରାମବାସୀଙ୍କୁ ତାଙ୍କ ଘରେ ପଶି ହତ୍ୟା କରିଥିଲେ। ଘଟଣାସ୍ଥଳରୁ ମାଓବାଦୀ ସଙ୍ଗଠନ ଭୈରମଗଡ଼ ଏରିଆ କମିଟିର ଏକ ଚିଠି ମିଳିଥିଲା, ଯେଉଁଥିରେ ମାଓବାଦୀମାନେ ତାଙ୍କୁ ପୋଲିସ ପୃଷ୍ଠା-୬



## କାନ ଡେରିଥା

ମତଭେଦ ଅଛି ବିଜେଡି ଦଳରେ
କହୁଛନ୍ତି ତାଙ୍କ ନେତା
ପୁରୁଖା ନେତାଙ୍କ
ମେଳିକୁ ଦେଖିଲେ
ବୁଝି ଯେ ଯିବେ ଜନତା
ଭିତିରି ସମ୍ପର୍କ କଥା...
ବରିଷ୍ଠରୁ କିଛି ବିଜେପି ଆସିବେ
ଚାଲୁଅଛି କଥା ବାର୍ତ୍ତା !

ଦେବାଶିଷ


SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2024
14th Best in University Category
26th Best in Engineering Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in


# କୋଇଲା ସିଣ୍ଡିକେଟ୍‌ର ମହାମଣ୍ଡଳାଧୀଶ ସରୋଜ



- ଆଖିବୁଜି ଯୋଗାଇ ଦେଇଥିଲେ ଜମି
- ଆଇଟିଆଇ କର୍ମୀ ଖୋଲିଛନ୍ତି ରହସ୍ୟ
- କୋଇଲା ଚୋରିର ମୁଖ୍ୟ ଉତ୍ସ

ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ): ବର୍ତ୍ତମାନର ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ ସାମଲ ଝାରସୁଗୁଡ଼ାରେ କୋଇଲା ସିଣ୍ଡିକେଟର ମୁଖ୍ୟ ପୃଷ୍ଠପୋଷକ। କୋଇଲା ସିଣ୍ଡିକେଟରେ ସରୋଜ ମହାମଣ୍ଡଳାଧୀଶ ବୋଲି ଝାରସୁଗୁଡ଼ାରେ ଆଲୋଚନା ହେଉଛି। ଇଡ୍‌କୋରେ ଥିବା ସମୟରୁ କୋଇଲା ଚୋରି ପାଇଁ ମୂଳଦୁଆ ପକାଇଥିଲେ। ସିଣ୍ଡିକେଟ୍‌କୁ ଜମି ଯୋଗାଣ କ୍ଷେତ୍ରରେ ସାଜିଥିଲେ କାର୍ପଟଦାର। ଏହାର ଗୁମର ଖୋଲିଛନ୍ତି ଝାରସୁଗୁଡ଼ାସ୍ଥିତ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟ ନାରାୟଣ ରାଓ।

ଶ୍ରୀ ରାଓ ଝାରସୁଗୁଡ଼ାରେ ହେଉଥିବା କୋଇଲା ଚୋରିର ପର୍ଦ୍ଦାଫାସ କରିବା ସହିତ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର, କେନ୍ଦ୍ର କୋଇଲା ମନ୍ତ୍ରଣାଳୟ, ପରିବେଶ ମନ୍ତ୍ରଣାଳୟ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପତ୍ର ଲେଖିଛନ୍ତି। ଶ୍ରୀ ରାଓଙ୍କର ହସ୍ତଗତ ହୋଇଥିବା ଆରଟିଆଇ ସୂଚନାରୁ ଜଣାପଡ଼ିଛି ଯେ ୧୯୯୦ ମସିହାରୁ ଝାରସୁଗୁଡ଼ାରେ ମହାନଦୀ କୋଲ୍ଡ ଫିଲ୍ଡ (ଏମସିଏଲ୍)କୁ ଯେଉଁ ଜମି ହସ୍ତାନ୍ତର କରାଯାଇଥିଲା, ସେହି ଜମିକୁ ୨୦୦୪ ମସିହାରେ ଇଡ୍‌କୋ କର୍ତ୍ତୃପକ୍ଷ ଗ୍ଲୋବାଲ କୋଲ ୱାସେରୀକୁ ହସ୍ତାନ୍ତର କରିଦେଲେ। ସେତେବେଳେ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଥିବା ସରୋଜ ସାମଲ ଏହି ଚୁକ୍ତିନାମାରେ ଆଖିବୁଜି ଦସ୍ତଖତ କରିଛନ୍ତି। ନିୟମ ଅନୁଯାୟୀ ଏମସିଏଲ୍‌କୁ ଦିଆଯାଇଥିବା ଜମିକୁ ସରକାର ଆଉ ବିକ୍ରି କରିପାରିବେ ନାହିଁ କିମ୍ବା କାହାରିକୁ ହସ୍ତାନ୍ତର କରିପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ଥିବାବେଳେ ସରୋଜ ସାମଲ କିନ୍ତୁ ହାତକାଟି ଚୁକ୍ତିନାମାରେ ଦସ୍ତଖତ କରିବା ସହିତ ଜମି ଦେଇଥିଲେ।

ବେଆଇନ୍ ଭାବେ ଜମି ହାତେଇବା ପରେ ସେହି ଗ୍ଲୋବାଲ କୋଲ ଆଣ୍ଡ ମାଇନିଂ ସଂସ୍ଥା ଚଞ୍ଚକତା କରି ପରିବେଶ ମଞ୍ଜୁରୀ ମଧ ଏହି ଜମି ଉପରେ ହାତେଇନେଲା। ଝାରସୁଗୁଡ଼ାଠାରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଏହାର ମୁଖ୍ୟ କାର୍ପଦାର ସାଜିଥିବା କୁହାଯାଉଛି। ଉଭୟ କୋଲ ୱାସେରୀ ମାଲିକ ରାଜ୍ୟ ବାହାରର ହୋଇଥିବାବେଳେ ସେମାନେ କିଭଳି ଇଡ୍‌କୋ ଜରିଆରେ ବେଆଇନ୍ ଜମି ହାତେଇନେଲେ, ତାହା ଏବେ କେନ୍ଦ୍ରୀୟ ସଂସ୍ଥାଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ଆଚମ୍ବିତ କରିଛି। ପରବର୍ତ୍ତୀ ସମୟରେ ଏହି ମାମଲା ଓଡ଼ିଶା ହାଇକୋର୍ଟରେ ପହଞ୍ଚିବା ପରେ ଅଦାଲତ ଗ୍ଲୋବାଲ କୋଲ୍ ୱାସେରୀ ଜମି ଆବଣ୍ଟନକୁ ବେଆଇନ୍ ଦର୍ଶାଇବା ସହିତ ଉକ୍ତ ସଂସ୍ଥାକୁ ଅନ୍ୟତ୍ର ଜମି ଦେବା ପାଇଁ କହିଛନ୍ତି। ସେହିଭଳି ଆଉ ଗୋଟିଏ ସଂସ୍ଥା ଇଏମସିଏଲ୍‌କୁ ମଧ ୨୦୦୩ ମସିହାରେ ଶ୍ରୀ ସାମଲ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ପୃଷ୍ଠା-୬

### ରାଜନଗର ବ୍ଲକରେ ଆବାସ ଦୁର୍ନୀତି

## ଭିଜିଲାନ୍ସ ବିଭାଗର ଖୋଲତାଡ଼



**ରାଜନଗର, ୪।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ସରକାରୀ ଆବାସ ଯୋଜନାରେ ଖୋଲାମେଲା ଦୁର୍ନୀତି ହୋଇଛି। ଆଜି ଭିଜିଲାନ୍ସ ଟିମ ରାଜନଗର ବ୍ଲକରେ ପହଞ୍ଚି ଖୋଲତାଡ କରିଛି ଯେ ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ଯୋଜନାରେ ହୋଇଥିବା ଦୁର୍ନୀତିକୁ ନେଇ ଭିଜିଲାନ୍ସ ଟିମ ଦୀର୍ଘ ୩ ଘଣ୍ଟା ଧରି ରାଜନଗର ବ୍ଲକ କାର୍ଯ୍ୟାଳୟରେ ପୁରୁଣା ଘଟଣା ହୋଇଥିଲେ ମଧ୍ୟ ଭିଜିଲାନ୍ସ ବିଭାଗର ଖୋଲତାଡ ପରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ମହଲରେ ଛନକା ପଶିଛି । ରାଜନଗର ବ୍ଲକ କେରେଡାଗଡ ପଞ୍ଚାୟତର ଅନାମ ସେଠୀ , ଫୁଲରାଣୀ ବାରିକ ସ୍ୱାମୀ- ଫକିର ବାରିକ ଓ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗାଁର ଅଲେଖି ମଲ୍ଲିକ ଦୁଇଟି ଲେଖାଏଁ ପ୍ରଧାନମନ୍ତ୍ରୀ ଆବାସ ହାତେଇଥିଲେ ଯେତେବେଳେ ଏନେଇ ଗଣମାଧ୍ୟମରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଦୀର୍ଘ ଆଠ ବର୍ଷ ପରେ ଭିଜିଲାନ୍ସ ବିଭାଗ ରାଜନଗରରେ ପହଞ୍ଚି ଖୋଲତାଡ ଆରମ୍ଭ କରିଛି। ୨ ମାସ ତଳେ ଭିଜିଲାନ୍ସ ଟିମ ରାଜପୁର ପଞ୍ଚାୟତର ବାଲିଚନ୍ଦ୍ରପୁର ଓ କେରେଡାଗଡ ପଞ୍ଚାୟତର ଦୁଇ ଦୁଇଟି ସରକାରୀ କୋଠା ହତେଇଥିବା ହିତାଧିକାରୀଙ୍କ ଘର ନିକଟରେ ପହଞ୍ଚି ହିତାଧିକାରୀ ଓ ପରିବାର ଲୋକଙ୍କୁ ପଚାରି ବୁଝିଥିଲେ। ହିତାଧିକାରୀଙ୍କୁ ପଚରାଉଚରା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଖୋଲତାଡ କରିଥିଲେ। ତିନି ହିତାଧିକାରୀଙ୍କର ଫାଇଲ ଜବତ କରିବା ସହ କିପରି ଜଣେ ଜଣେ ବ୍ୟକ୍ତିଙ୍କୁ ଦୁଇ ଦୁଇଟି ସରକାରୀ କୋଠା ପ୍ରଦାନ କରାଗଲା, ସେ ନେଇ ପଚାରି ବୁଝିଥିଲେ। ତିନି ଜଣ ହିତାଧିକାରୀଙ୍କ ଫାଇଲ ଜବତ କରି ନେଇଥିଲେ। ଦୁଇ ଦୁଇଟି ସରକାରୀ କୋଠା ହତେଇଥିବା ହିତାଧିକାରୀଙ୍କୁ ପେମେଣ୍ଟ କିପରି ପ୍ରଦାନ କରିବାକୁ ଜାଣିବାକୁ ଚାହିଁଥିଲେ। ବ୍ଲକର ମୁଖ୍ୟ କିରାଣୀ ଛୁଟିରେ ଥିବାରୁ ପେମେଣ୍ଟ ସମ୍ପର୍କିତ ତଥ୍ୟ ପାଇପାରିନଥିଲେ । ଆଜି କେନ୍ଦ୍ରାପଡା ଭିଜିଲାନ୍ସ ବିଭାଗର ଡିଏସପି ଭାଗ୍ୟଲକ୍ଷ୍ମୀ ପୁହାଣ ରାଜନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଘର କିପରି ଜଣେ ଜଣେ ବ୍ୟକ୍ତିଙ୍କୁ ଦୁଇଟି ଲେଖାଏଁ ଘର ପାଇଁ କାର୍ଯ୍ୟାଦେଶ ଦିଆଗଲା ଓ ପେମେଣ୍ଟ ମଧ୍ୟ କରି ଦିଆଗଲା ସେ ନେଇ ବ୍ଲକର କର୍ମଚାରୀଙ୍କୁ ପଚାରି ବୁଝିବା ସହିତ ଫାଇଲ ଜବତ କରିଛନ୍ତି।

### ୧୩୫ ସରକାରୀ ଚାକିରିଆଙ୍କୁ ନୋଟିସ

## ମିନି ଅଙ୍ଗନବାଡି କର୍ମୀ ଓ ହେଲପରଙ୍କୁ ନୋଟିସ ନେଇ ତେଜୁଛି ପ୍ରତିକ୍ରିୟା



**ରାଜନଗର, ୪।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ୧୩୫ ସରକାରୀ ଚାକିରିଆ ପରିବାର ଦୀର୍ଘ ବର୍ଷ ହେଲା ସରକାରୀ ଚାଉଳ ଲୁଟୁଥିଲେ। ୧୩୫ ଜଣ ସରକାରୀ କର୍ମଚାରୀ ପରିବାରର ୬୦୪ ଜଣ ହିତାଧିକାରୀ ପ୍ରତି ମାସରେ ୩୦ କୁଇଣ୍ଟାଲ ଚାଉଳ ଲୁଟୁଥିଲେ। ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ନୋଟିସ ପରେ ତଥ୍ୟ ସାମନାକୁ ଆସିଛି। ଅନ୍ୟ ପକ୍ଷରେ ଅଙ୍ଗନବାଡି କର୍ମୀ ଓ ହେଲପରଙ୍କୁ ନୋଟିସକୁ ନେଇ ପତିକ୍ରିୟା ବଢିବାରେ ଲାଗିଛି।ଗୋଟିଏ ପଟେ ଅଙ୍ଗନବାଡି କର୍ମୀ ଓ ହେଲପରଙ୍କୁ ସୁଭଦ୍ରା ଯୋଜନାରେ ଟଙ୍କା ମିଳିବ ବୋଲି ମନ୍ତ୍ରୀ କହୁଥିବା ବେଳେ ରାସନ କାର୍ଡ ହାତେଇଥିବାରୁ ନୋଟିସ ଦିଆଯିବା ଘଟନା ଅଡୁଆ ସୃଷ୍ଟି କରିଛି ଯେ ରାଜନଗର ବ୍ଲକର ୪୩ ଜଣ ମିନି ଅଙ୍ଗନବାଡି କର୍ମୀ ଓ ୯ ଜଣ ହେଲପରଙ୍କୁ ନୋଟିସ ଦିଆଯାଇଛି। ସରକାରଙ୍କ ଦ୍ୱାରା ପ୍ରେରିତ ଏଚଆରଏମଏସ ତାଲିକାରେ ନାମ ଥିବାରୁ ଏହି ନୋଟିସ ଦିଆଯାଇଛି। ୩ ଦିନ ମଧ୍ୟରେ କାଗଜପତ୍ର ଦାଖଲ ନକଲେ ସରକାରୀ ଚାକିରିଆ ହୋଇଥିବା କାରଣରୁ ରାସନ କାର୍ଡ ଡାଟାବେଶରୁ ବାଦ ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ଆଜି ଅଙ୍ଗନବାଡି କର୍ମୀ ଓ ହେଲପର ରାଜନଗର କାର୍ଯ୍ୟାଳୟରେ ପହଞ୍ଚି ଏହାର ପ୍ରତିବାଦ କରିଛନ୍ତି ଓ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ରବୀନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ ସରକାରଙ୍କ ଦ୍ୱାରା ପ୍ରେରିତ ଏଚଆରଏମଏସ ତାଲିକାରେ ନାମ ଥିବାରୁ ଏହି ନୋଟିସ ଦିଆଯାଇଛି। ସେମାନେ କାଗଜପତ୍ର ଦାଖଲ କରିବା ପରେ ଯିଏ ଯୋଗ୍ୟ ସିଏ ନିଶ୍ଚିନ୍ତ ରାସନ କାର୍ଡ ପାଇବ ବୋଲି କହିଛନ୍ତି।

# ମହାକାଳପଡ଼ା ବିଡିଓ କରୁଛନ୍ତି ରାଜନୀତି !

**ମହାକାଳପଡ଼ା, ୪।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବିଡ଼ିଓ ଏବେ ରାଜନୀତି କରିବାରେ ଲାଗିପଡିଛନ୍ତି। ପଞ୍ଚାୟତରେ ହୋଇଥିବା କାମର ଆଜି ପର୍ଯ୍ୟନ୍ତ ବିଲ୍ କରାଇ ଦେଉନାହାଁନ୍ତି। ବିଭିନ୍ନ ସମୟରେ ସରପଞ୍ଚ ଓ ସଭ୍ୟ ମାନଙ୍କୁ ହଇରାଣ କରୁଛନ୍ତି। ଏମିତି ଅଭିଯୋଗ ଆଣିଛନ୍ତି ଖୋଦ୍ ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତ। କଳ୍ପନାଙ୍କ ସହିତ ସରପଞ୍ଚ ଓ ସମିତି ସଭ୍ୟ ମାନେ ମଧ୍ୟ ଉପସ୍ଥିତ ରହି ସମାନ ଅଭିଯୋଗ କରିବା ସହିତ ମହାକାଳପଡ଼ା ବିଡ଼ିଓଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ମତ ବଢ଼ାଇଲା ସନ୍ଦେହ

ବିଲ୍ କରାଇଦେଉ ନାହାଁନ୍ତି, ସମୟ ଦେଇ ଦେଖା ଦେଲେନି

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧିନ କେତେକ ପଞ୍ଚାୟତର ସଭ୍ୟ ସରପଞ୍ଚ ମାନେ ପଞ୍ଚାୟତର କାମ କରିବା ସତ୍ତ୍ୱେ ମଧ୍ୟ ଦୀର୍ଘଦିନ ଧରି ବିଲ୍ ହୋଇପାରୁନି। ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କ ବିଲ୍ ପାସ୍ ହେଉନି। ଏ ନେଇ ସେମାନେ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତଙ୍କ ନିକଟରେ ଜଣାଇଥିଲେ। ଆଜି ମହାକାଳପଡ଼ା ବିଡ଼ିଓଙ୍କ ସହିତ ଏବାବଦରେ ସବିଶେଷ ଆଲୋଚନା ପାଇଁ ସମୟ ନେଇଥିଲେ ଅଧ୍ୟକ୍ଷା । ବିଡ଼ିଓ ମଧ୍ୟ ୧୧ ଟା ସମୟରେ ସମୟ ଦେବାକୁ କହିଥିଲେ। ସଠିକ୍ ସମୟ ପୂର୍ବରୁ ଅଧ୍ୟକ୍ଷାଙ୍କ ସମେତ ମହାକାଳପଡ଼ା ବ୍ଲକ ରେ ସଭ୍ୟ, ସରପଞ୍ଚ ମାନେ ଏକାଠି ହୋଇଥିଲେ। ହେଲେ ୧୧ ରୁ ୩ ବାଜିଲା ବିଡ଼ିଓ ଆସିଲେନି। ଯାହାକୁ ନେଇ ଲୋକପ୍ରତିନିଧି ମାନେ ଅସନ୍ତୋଷ ଦେଖାଇବା ସହିତ ଗଣମାଧ୍ୟମ ଆଗରେ ବିଡ଼ିଓଙ୍କ ନାମରେ ଉଦବେଗ ପ୍ରକାଶ କରିଛନ୍ତି। ଯଦି ପଞ୍ଚାୟତ ପ୍ରତିନିଧିମାନଙ୍କ କଥା ବିଡ଼ିଓ ଶୁଣୁ ନାହାଁନ୍ତି ତେବେ ସାଧାରଣ ଲୋକଙ୍କ କଥା କେମିତି ଶୁଣୁଥିବେ ବୋଲି ସେମାନେ କହିଛନ୍ତି।



ଟିକରପଙ୍ଗା ସମିତି ସଭ୍ୟ ରାଜ୍ ମିଶ୍ର କହିଛନ୍ତି ମହାକାଳପଡ଼ା ବ୍ଲକ ଉପର ଅଫିସ ଏବେ ବାର୍ ସାଜିଛି। ଜଣେ ଡେଙ୍ଗା ବାବୁ ଏବେ ବିଡ଼ିଓ ଙ୍କ ପାଇଁ କାଳେ ମଦ ମାଂସ ଦେଇ ସବୁ ଚଳାଇଛନ୍ତି। ବିଡ଼ିଓଙ୍କ ଉପରେ ଏବେ ରାଜନୈତିକ ଅଙ୍କୁଶ ଲାଗିଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ବିଜୟ ଶୁକ୍ଳା, ସରପଞ୍ଚ ଅରବିନ୍ଦ ଜେନା, ବିଶ୍ୱଜିତ ବସୁ, ଜ୍ୟୋତିରଞ୍ଜନ ଖଟୁଆ, ସମିତି ସଭ୍ୟ ଗୀତାଞ୍ଜଳି ବେହେରା,ସବିତା ମଲ୍ଲିକ, ସ୍ୱର୍ଣ୍ଣପ୍ରଭା ବେହେରା, ଅରୁଣ ରାଉତ, ରାଜଲକ୍ଷ୍ମୀ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ସୁବୋଧ ଲେଙ୍କା ଓ ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଗୌଡ଼ଗାଁ ଗ୍ରାମ ରାସ୍ତା ହେବ ଉନ୍ନତିକରଣ

## ଶିଳାନ୍ୟାସ କଲେ ବିଧାୟକ ଅରବିନ୍ଦ ମହାପାତ୍ର

**ମାର୍ଶାଘାଇ, ୪।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅଧୀନରେ ଥିବା ଯମପଡ଼ା ପଞ୍ଚାୟତ ଗୌଡ଼ଗାଁ ଗ୍ରାମ ରାସ୍ତାର ହେବ ଉନ୍ନତିକରଣ ଏଥି ପାଇଁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଙ୍ଗଳବାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । ଏ ନେଇ ଗୌଡ଼ ଗାଁ ଅନୁକୂଳ ଚନ୍ଦ୍ର ଆଶ୍ରମ ପରିସରରେ ଏକ ସଭା ସମାଜସେବୀ ପୃଥ୍ୱୀରାଜ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଧାୟକ ଅରବିନ୍ଦ ମହାପାତ୍ର ଯୋଗ ଦେଇଥିବା ବେଳେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କା, ସରପଞ୍ଚ ମନୋଜକାନ୍ତ ପରିଡା, ସମିତି ସଭ୍ୟା ସୁପ୍ରଭା ଜେନା,ପୂର୍ବତନ




ଜିଲ୍ଲାପରିଷଦ ସଦସ୍ୟ ସୁଧାଂଶୁ ଶେଖର ରାୟ,ମେହେନ୍ଦିନଗର ସମିତି ସଭ୍ୟ ରମାକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ହୃଷିକେଶ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ମଞ୍ଚସୀନ ଥିଲେ । କନିଷ୍ଠ ଯନ୍ତ୍ରୀ ରମାକାନ୍ତ ବେହେରା ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ । ଯୁବକର୍ମୀ ବିକ୍ରମ କିଶୋରୀ ଲେଙ୍କା, ସନ୍ତୋଷ ପରିଡା,ବିମଳେନ୍ଦୁ ସ୍ୱାଇଁ, ପ୍ରଦୀପ୍ତ ପ୍ରଧାନ, ଜ୍ଞାନ ବାରିକ, ବିଦ୍ୟାଧର ଦାସ, ଦୀପକ ରାଉତରାୟ, ଅମୀୟ ପରିଡା, ରବିନ୍ଦ୍ର ପଣ୍ଡା, ବାବୁଲି ଜେନା, ବିବେକାନନ୍ଦ ଜେନା, ସ୍ମୃତି ରଞ୍ଜନ ପଟ୍ଟନାୟକ, କୁଞ୍ଜ ବିହାରୀ ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଲୋଚନାଚକ୍ର ଏବଂ ଇ-ପତ୍ରିକା 'ନବବର୍ଷ ବିଶେଷାଙ୍କ' ଉନ୍ମୋଚିତ

**କେନ୍ଦ୍ରାପଡା, ୪।୨ (ସଂଚାର ବ୍ୟୁରୋ):** ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ମାସିକ ବନ୍ଧୁମିଳନ ପର୍ବ ଆଭାସୀ ବୈଠକ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ସରସ୍ୱତୀ ପୂଜା ଅବସରରେ ପ୍ରାୟୋଜିତ ବନ୍ଧୁ ମିଳନର ଏହି ମାହେନ୍ଦ୍ର ମୁହୂର୍ତ୍ତରେ ମାସିକ ରାଜଶ୍ରୀ ଇ-ପତ୍ରିକାର ଜାନୁଆରୀ ମାସ ସଂଖ୍ୟା "ନବବର୍ଷ ବିଶେଷାଙ୍କ"କୁ ବିଶିଷ୍ଟ କବି ତଥା ମୌସୁମୀର ସମ୍ପାଦକ କବି ଡ. ଶ୍ରୀଧର ସାମଲ ଉନ୍ମୋଚନ କରିଥିଲେ । ଇ-ପତ୍ରିକାର ମୁଖ୍ୟ ସମ୍ପାଦକ ବରିଷ୍ଠ କବି ସଞ୍ଜୟ କୁମାର ରଥଙ୍କ ସମ୍ପାଦନା ଏବଂ ସଂଯୋଜିକା କବି ସୁପ୍ରିୟା ସାହୁଙ୍କ ଅଳଙ୍କରଣରେ ପତ୍ରିକାଟି ଲୋକାର୍ପିତ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ବିଜୟ ଦାସ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ନାଟ୍ୟଭୂଷଣ ଡ. ରମାକାନ୍ତ ନାୟକ, ଭାଷ୍ୟକାର ଅନାଦି ଚରଣ ମାହାଳି, କବି ଶିଶିର କୁମାର ଜେନା, କବି ନିଧି ସାହୁ ଏବଂ କବି ବୀଣାପାଣି ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରି ସାହିତ୍ୟରେ ଆଧ୍ୟାତ୍ମିକତାର ସ୍ୱର ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ରାଜଶ୍ରୀର ସଭାପତି କାଶୀନାଥ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏବଂ ଆଶୁକବି ହେମନ୍ତ ଜେନାଙ୍କ ସଞ୍ଚାଳନାରେ ପରିଚାଳିତ ସଭାରେ ଉପ ସଭାପତି କବି ପ୍ରଜ୍ଞାଶ୍ରୀ ପ୍ରମୋଦ କୁମାର ତ୍ରିପାଠୀ ବେଦପାଠ, କାର୍ଯ୍ୟକାରୀ ସଭାପତି କବି ମଞ୍ଜୁଳ ମଞ୍ଜୁଶ୍ରୀ ବରାଳ ସ୍ୱାଗତ ଭାଷଣ, କବି ପ୍ରତାପ କିଶୋର ରାଉତ ବାଣୀ ବନ୍ଦନା ଗାନ ଏବଂ କବି ଡ. ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ କବି ରତିନାରାୟଣ ରାଉତ ଶାନ୍ତି ମନ୍ତ୍ର ପାଠ କରିଥିଲେ । ଉକ୍ତ ସାରସ୍ୱତ ଉତ୍ସବରେ କବି ସୁଜିତ କୁମାର ପଣ୍ଡା, କବି ବନଲକ୍ଷ୍ମୀ ମହାନ୍ତି, କବି ବ୍ରଜ ସୁନ୍ଦର ସାହୁ, ବ୍ୟଙ୍ଗକବି ଅପର୍ତ୍ତି ଚରଣ ସେଠୀ, କବି ରାଖାଲ ଚନ୍ଦ୍ର ମହାନ୍ତି, କବି ପୂର୍ଣ୍ଣଚନ୍ଦ୍ର ମେହେର, କବି ଜଗନ୍ନାଥ ନାୟକ, କବି ରଶ୍ମିତା ନାୟକ, କବି ଶୋଭାମୟୀ ପତ୍ରୀ, କବି ସନ୍ନିଭା ମିଶ୍ର ଦାଶ, କବିୟତ୍ରୀ ପ୍ରଜ୍ଞାଲିନ ସାହୁ, କବି ମନୋଜ କୁମାର ଦାସ, କବିୟତ୍ରୀ ନିରୂପମା ମିଶ୍ର, କବିୟତ୍ରୀ ଲୀଳାମୟୀ ଦାଶ, କବିୟତ୍ରୀ ସବିତା ପଣ୍ଡା, କବି ମନୋଜ ପାଣିଗ୍ରାହୀ ଏବଂ ଶିଶୁ କବି ଦିବ୍ୟାଂଶୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ବାଇକ୍ ଭାଙ୍ଗି ଲୁଟିନେଲେ ଚାଷୀଙ୍କ ଧାନବିକା ଟଙ୍କା

**ପଟ୍ଟାମୁଣ୍ଡାଇ, ୪।୨ (ସଂଚାର ବ୍ୟୁରୋ):** ସମ୍ପ୍ରତି ପଟାମୁଣ୍ଡାଇ ଅଂଚଳରେ ମାତିଛନ୍ତି ଲୁଟେରା । ଚତୁରତାର ସହିତ ପଲସର୍ ବାଇକରେ ଆସି ଲୁଟି ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କା । ଆଜି ଦିନ ଦ୍ୱିପହରରେ ଜଣେ ଚାଷୀଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୧ଲକ୍ଷ ଲୁଟି ନେଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରେ ଘଟିଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗ୍ରାମଂଚଳ ଥାନା ଅନ୍ତର୍ଗତ ପନ୍ତୁରି ଗ୍ରାମର ଚାଷୀ କମଳାକାନ୍ତ ପ୍ରଧାନଙ୍କ ବାଇକ ଡିକି ଭାଙ୍ଗି ୧ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ନେଇ ସେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି । ଆଦର୍ଶ ଥାନାରେ କମଳାକାନ୍ତ କରିଥିବା ଅଭିଯୋଗ ଅନୁଯାୟୀ ସେ ବିକ୍ରି କରିଥିବା ଧାନ ଟଙ୍କା ତାଙ୍କ ବ୍ୟାଙ୍କ ଜମା ଖାତାକୁ ଆସିଥିଲା । ଏହା ଜାଣିବା ପରେ କମଳାକାନ୍ତ ଆଜି ପୂର୍ବାହ୍ନ ୧୦. ୩୦ମିନିଟ ସମୟରେ ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କ ଶାଖାକୁ ଯାଇ ତାଙ୍କ ଜମା ଖାତାରୁ ୧ ଲକ୍ଷ ଟଙ୍କା ଉଠାଇ ବାଇକ ଡିକିରେ ରଖିଥିଲେ। ଏହା ପରେ ସେ ପୂର୍ବାହ୍ନ ପ୍ରାୟ ୧୧ଟା ୨୦ ମିନିଟ ସମୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରେ ବାଇକ ରଖି ଜିନିଷ କିଣିବା ପାଇଁ ଏକ ଦୋକାନକୁ ଯାଇଥିଲେ। ମାତ୍ର କିଛି ସମୟ ପରେ ଜଣେ ଚୋର ଆସି ଡିକି ଭାଙ୍ଗି ତାଙ୍କ ଟଙ୍କା ଭର୍ତ୍ତି ବ୍ୟାଗ ନେଇ ଫେରାର ମାରିବାର ଦେଖି କମଳାକାନ୍ତ ତୁରନ୍ତ ଦୌଡ଼ି ଯାଇ ଦୁର୍ବୃତଙ୍କ ପିଛା କରିଥିଲେ ମଧ୍ୟ ସେମାନେ ଏକ କଳା ପଲସରରେ ଟଙ୍କା ଭର୍ତି ବ୍ୟାଗକୁ ନେଇ ଛୁ ମାରିଥିଲେ । ଚାଷୀ କମଳାକାନ୍ତଙ୍କ ଅଭିଯୋଗକୁ ଭିତ୍ତି କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏକ ଲୁଟ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଛି ।

## ଚାଷୀଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

**କେନ୍ଦ୍ରାପଡ଼ା, ୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ତହସିଲ ଅଂଚଳରେ ଶିଳ୍ପ ପାଇଁ ଜମି ହରାଇବାକୁଥିବା ଚାଷୀ ପ୍ରତିନିଧିମାନଙ୍କ ସହ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମଙ୍ଗଳବାର ସନ୍ଧ୍ୟାରେ ଗରାପୁରସ୍ଥିତ ଆବାସିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଲୋଚନା କରିଛନ୍ତି। ମହାକାଳପଡ଼ା ତହସିଲର ଅଞ୍ଚଳରେ ମିତ୍ତଲ କମ୍ପାନୀ ଦ୍ୱାରା ପ୍ରତିଷ୍ଠା ହେବାକୁ ଥିବା ଇସ୍ପାତ କାରଖାନା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଇଡ୍‌କୋ ମାଧ୍ୟମରେ ବିଭିନ୍ନ ଗ୍ରାମରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏଥିଲାଗି ଜମି ହରାଇବାକୁ ଥିବା ଚାଷୀମାନଙ୍କ ମଧ୍ୟରେ ଆଶଂକା ପ୍ରକାଶ ପାଇଛି । ଦୀର୍ଘ ଶହେ ବର୍ଷ ଧରି ସେମାନେ ଭୋଗଦଖଲରେ ଥିବା ଜମି ହରାଇବାକୁ ଯାଉଥିବାରୁ ସେମାନଙ୍କର ଅନିଶ୍ଚିତ ଭବିଷ୍ୟତ ଜୀବନ ଜୀବିକା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଥିଲାଗି ଚାଷୀମାନେ କ୍ଷତିପୂରଣ ଆଶାରେ ବାରମ୍ବାର ରାଜରାସ୍ତାକୁ ଓହ୍ଲାଉଛନ୍ତି । ଏହି ମର୍ମରେ ସେମାନଙ୍କର ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ଜିଲ୍ଲାପାଳଙ୍କ ଠାରୁ ଡାକରା ପାଇ ଆଜି ଅଖିଳ ଭାରତ କୃଷକ ସଭା ଓ ରାମଚଣ୍ଡୀ କୃଷକ ସଭାର ମିଳିତ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ଜିଲ୍ଲାପାଳଙ୍କ



ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ସହ ଆଲୋଚନାରେ ସମ୍ମିଳିତ ହୋଇଥିଲେ । ଜିଲ୍ଲାପାଳ ଶ୍ରୀ ପ୍ରଧାନ ଚାଷୀ ପ୍ରତିନିଧିମାନଙ୍କ ସମସ୍ତ ଯୁକ୍ତିଯୁକ୍ତ ଦାବି ଶୁଣିବାପରେ ଜମି ହରାଉଥିବା ଚାଷୀମାନଙ୍କୁ ନ୍ୟାୟପୂର୍ଣ୍ଣ ସହାୟତା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଥିଲେ । ଆଲୋଚନାରେ ଚାଷୀ ପ୍ରତିନିଧିମାନଙ୍କ ମଧ୍ୟରେ ସିପିଆଇ ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା, ରାମଚଣ୍ଡୀ କୃଷକସଭା ନେତା କୈଳାସ ଚନ୍ଦ୍ର ସାହୁ, ପ୍ରଶାନ୍ତ ଚୌଧୁରୀ, ସୁବାସ ମହାପାତ୍ର, ହରେକୃଷ୍ଣ ମାଝୀ, ଧୀରେନ୍ଦ୍ର ସାମଲ, ବସନ୍ତ କୁମାର ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ନିପୁଣ ଓଡ଼ିଶା ମେଳାରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସାମଗ୍ରୀ ପଦର୍ଶନ

**ମାର୍ଶାଘାଇ, ୪।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ମୌଳିକ ସାକ୍ଷରିତା ବିକାଶ ନିମନ୍ତେ ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ନିପୁଣ ଓଡିଶା ମେଳାର ଶୁଭାରମ୍ଭ ହୋଇଛି । ନୃସିଂହଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ମାଣିକପୁର କ୍ଲଷ୍ଟରର ସିଆରସିସି ପର୍ଶୁରାମ ନାୟକ ଓ ମହାକାଳୀ ବିଦ୍ୟାପୀଠ, ପାଇଲୋର ପ୍ରଧାନ ଶିକ୍ଷକ ନିମେଇ ଚରଣ ବେହେରା ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ




ଅନ୍ତେଇ ପଞ୍ଚାୟତ ସରପଞ୍ଚ ସଞ୍ଜୟ ସେଠି, ସମିତି ସଭ୍ୟ ଅଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇ ନିପୁଣ ଓଡିଶା ମିଶନର ଲକ୍ଷ୍ୟ ଓ ଉଦ୍ୟମ ସଂକ୍ରାନ୍ତିରେ ମତବ୍ୟକ୍ତ କରିଥିଲେ । ଶିକ୍ଷକ କୈଳାଶ ଚନ୍ଦ୍ର ଜେନା, ଦୈତାରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ମୌଳିକ ସଂଖ୍ୟାଜ୍ଞାନ, ସାହିତ୍ୟିକ ପ୍ରତିଭା ଓ ସାକ୍ଷରତା ନିମନ୍ତେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଦର୍ଶିତ ହୋଇଥିଲା ।

## 'ଇତିହାସ ବିଭାଗର ଗାନ୍ଧୀ ଦର୍ଶନ ଓ ବର୍ତ୍ତମାନ ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର

**ମହାକାଳପଡ଼ା, ୪।୨ (ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ଇତିହାସ ବିଭାଗ ଆନୁକୂଲ୍ୟରେ ବିଭାଗ ଗୃହରେ ଏକ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଦର୍ଶନ ଓ ଏହାର ବର୍ତ୍ତମାନ ପ୍ରାସଙ୍ଗିକତା ଶୀର୍ଷକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଅକ୍ଷୟ କୁମାର ରାଉତ ଜ୍ଞାନ ସାଧନ ବ୍ୟକ୍ତି ଭାବେ ଯୋଗଦେଇ ବିଷୟ ଆଧାରିତ ତଥ୍ୟ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଲୋଚନା ଦାଶ ମୁଖ୍ୟ ଅତିଥି ଓ ନିରଞ୍ଜନ ନାୟକ ସମ୍ମାନିତ ଅତିଥି ଓ ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ କୁମାର ନନ୍ଦ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ। ବିଭାଗର ଅନ୍ୟ ଅଧ୍ୟାପକ ବିଜୟ କୁମାର ଜେନା ଓ ଚିତ୍ତରଞ୍ଜନ ମହାପାତ୍ର ଆଲୋଚନାରେ ଭାଗ ନେଇଥିଲେ। ଯୁକ୍ତ ୩ ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷ ର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମାନଙ୍କ ଲେଖା ରିପୋର୍ଟ ପ୍ରଦାନ କରିଥିଲେ। ତୃତୀୟ ବର୍ଷ ଛାତ୍ରୀ ସୀମାରାଣୀ ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ପ୍ରଥମ ବର୍ଷ ଛାତ୍ରୀ ଉପାସନା ରାଉତ ଧନ୍ୟବାଦ ଦେଇଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଧାନ ଚାଷ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା ପ୍ରଶିକ୍ଷଣ

**ମାର୍ଶାଘାଇ, ୪।୨ (ସଂଚାର ବ୍ୟୁରୋ):** ଧାନ ଚାଷ ପରବର୍ତ୍ତୀ ପଡିଆ ଜମିର ବିସ୍ତୃତ ପରିଚାଳନା କରି ଚାଷୀମାନେ ମୁଗ, ବିରି ଚାଷ କରିବା ଏବଂ ଉକ୍ତ ଜମିରେ ଅଣୁ ସାର ଏବଂ ଔଷଧ ବ୍ୟବହାର ସମ୍ପର୍କରେ କୃଷି ଅଧିକାରୀ ଏବଂ ଚାଷୀମାନଙ୍କ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ଗ୍ରାମ ର ଚାଷୀମାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛନ୍ତି।

ଉକ୍ତ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜ୍ଞାନ ରଞ୍ଜନ ବସନ୍ତିଆ, ଅଗ୍ରଣୀ ଚାଷୀ ଡମ୍ବରୁଧର ସାହୁ, ପ୍ରମୋଦ ମେହେରା, ନିଶାମଣି ସ୍ୱାଇଁ, ଗୋବିନ୍ଦ ରଣା, କପିଳ ବେହେରା, ଗନିଆ ମହାନ୍ତିଙ୍କ ସହିତ କୃଷି ସମ୍ପର୍କରେ ଆଲୋଚନା କରିବା ସହିତ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସରକାର ଚାଷୀମାନଙ୍କୁ ନିଃଶୁଳ୍କ ଯୋଗାଇ ଦେଉଥିବା ମୁଗ, ବିରି ବିହନ ସମେତ ଅଣୁସାର ଏବଂ ଘାସମରା ଔଷଧ ବ୍ୟବହାର ସମ୍ପର୍କରେ ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ସାମଲ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ବ୍ଲକ ସହକାରୀ କୃଷି ଅଧିକାରୀ



ପ୍ରଦୀପ୍ତ କୁମାର ଘୋଷ, ସ୍ୱେଚ୍ଛାସେବୀ ସଂଗଠନ 'ଶାନ୍ତି ମୈତ୍ରୀ'ର ସୁପରଭାଇଜର ରଞ୍ଜନ କୁମାର ଦାସ, ନିରୀକ୍ଷକ ଅଦ୍ୱୈତ ପ୍ରସାଦ କର, ଗ୍ରାମ୍ୟ କୃଷି କର୍ମଚାରୀ ଭରଦ୍ୱାଜ ମାଝୀ, କୃଷକ ସାଥି ଗୁରୁଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାବଗ୍ରାହୀ କଳା ନିକେତନର ଭଜନ ଓ ନୃତ୍ୟରେ ଦର୍ଶକ ବିଭୋର

**କେନ୍ଦ୍ରାପଡା, ୪।୨ (ସଂଚାର ବ୍ୟୁରୋ):** ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଓ୍ୱାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତନୁପୁର ଗ୍ରାମରେ ବାବା ଆଖଣ୍ଡଳମଣି ଏବଂ ମାଆ ପଚ୍ଛପାଳଙ୍କ ମନ୍ଦିରର ବାର୍ଷିକ ଉତ୍ସବରେ ମନୋଜ୍ଞ ଭଜନ ଓ ନୃତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି।

ମନ୍ଦିର କମିଟି ତରଫରୁ ସମାଜସେବୀ କିଶୋର ସାହୁ କଳାକାର ମାନଙ୍କୁ ସ୍ୱାଗତ କରିଥିଲ । କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଶ୍ରୀ ପରିଡାଙ୍କ ସମେତ ନିରୁପମା ଜେନା, ପୁରୀରୁ ଆସିଥିବା ପତିତପାବନ ଦାସ ଶିବ, ଜଗନ୍ନାଥ, ବଳଦେବ ଏବଂ ତାରିଣୀ ଭଜନ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ରୂପାଲି ସୂତାର, ରାଜଲକ୍ଷ୍ମୀ ପରିଡା, ପ୍ରତୀକ୍ଷା ନାୟକ, କୁସୁମ ପଣ୍ଡା, ନିବେଦିତା ନାୟକ ପ୍ରମୁଖ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ। ବିମଳ ପରିଡାଙ୍କ ରଚିତ ମା ପଚ୍ଛପାଳ ଏବଂ ତନୁପୁର ଗ୍ରାମ ଗୀତ ବିଶେଷ ଆଦୃତ ହୋଇଥିଲା।



ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଅଂଶୁମାନ ମହାନ୍ତି, ହେମନ୍ତ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ବୀନ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣପୁରୀ ଏକାଡେମୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ

**ଗରଦପୁର, ୪।୨ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତ ସ୍ଥିତ କଦମଛନ୍ଦା ଗ୍ରାମରେ ମା ରଣପୁରୀ ଏକାଡେମୀ (ହାଇସ୍କୁଲ୍)ର ବାର୍ଷିକ କ୍ରୀଡା ଓ ଅନ୍ୟାନ୍ୟ ପ୍ରତିଯୋଗିତା ନିମନ୍ତେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ରୁଦ୍ର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତୀତର ସ୍ମୃତୀ ଚାରଣ କରିଥିଲେ। ବିଦ୍ୟାଳୟ ୧୯୮୫ ମସିହାରେ ପ୍ରତିଷ୍ଠିତ ହୋଇ ବହୁ ବାଧା ବିଘ୍ନରେ ସ୍ୱୀକୃତି ମିଳିଥିଲା। ଏପରିକି ଏଥିପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ



ହେବାକୁ ପଡ଼ିଥିଲା। ଇତି ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ଶିକ୍ଷକ ଓ ଅଣ ଶିକ୍ଷକ ଅବସର ଗ୍ରହଣ କରି ସାରିଲେଣି। ବର୍ତ୍ତମାନ ମାତ୍ର ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଅଷ୍ଟମ, ନବମ, ଦଶମ ଶ୍ରେଣୀର ପାଠପଢ଼ା ହେଉଛି । ମାତ୍ର ଦୁଇଜଣ ବ୍ୟତୀତ ଅନ୍ୟମାନେ ଆଉ କିଛିଦିନ ମଧ୍ୟରେ ଅବସର ଗ୍ରହଣ କରିବେ । ଏଥି ନିମନ୍ତେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଉକ୍ତ ସଭାରେ ଗତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୌମ୍ୟ ରଞ୍ଜନ ଷେଣ୍ଢଙ୍କୁ ରଣଜିତ୍ ଟ୍ରଫି, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସ୍ୱାତୀ ଜେନାଙ୍କୁ ରବିନାରାୟଣ ଟ୍ରଫି ଓ ତୃତିୟ ସ୍ଥାନ ଅଧିକାର କରିଥିବା ସୁଶାନ୍ତ କୁମାର ମଲିକ ଙ୍କୁ ଗୋଲକ ନାରାୟଣ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ସହିତ କ୍ରୀଡା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସଭାର ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ପାଳ, ଗରଦପୁର ବ୍ଲକ ସିଆରସି ରାଜେନ୍ଦ୍ର ଭୋଇ, ଅନୁପମା ସିଂହ, ନିକୁଞ୍ଜ ମିଶ୍ର, ମିର୍ ଗୁରଫାନ ଅଲ୍ଲୀ ଉପସ୍ଥିତ ଥିଲେ । ଉକ୍ତ ସଭାକୁ କାହ୍ନୁ ଚରଣ ମଲ୍ଲିକ ସଭାପତିତ୍ୱ କରିଥିଲେ ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ନ୍ୟାସନାଲ୍ ଡିଫେନ୍ସ କଲେଜର ପ୍ରତିନିଧିମଣ୍ଡଳୀ

● ଓଡ଼ିଶାର ଦ୍ରୁତ ପ୍ରଗତିକୁ ପ୍ରଶଂସା



**ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ):** ନ୍ୟାସନାଲ୍ ଡିଫେନ୍ସ କଲେଜର୧୭ ଜଣିଆ ପ୍ରତିନିଧିମଣ୍ଡଳୀ ଆଜି ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କୁ ସାକ୍ଷାତ କରିଛନ୍ତି। ଅଭିଷେକ ହଲ୍ ଠାରେ ରାଜ୍ୟପାଳଙ୍କ ସହ ବାର୍ତ୍ତାଳାପ ସମୟରେ ଓଡ଼ିଶାର ଦ୍ରୁତ ପ୍ରଗତିକୁ ପ୍ରତିନିଧିମଣ୍ଡଳୀ ପ୍ରଶଂସା କରିଛନ୍ତି। ଭାରତୀୟ ସ୍ଥଳ ସେନା, ବାୟୁସେନା, ନୌସେନା ଏବଂ ବେସାମରିକ ସେବାର ବରିଷ୍ଠ ଅଧିକାରୀ-ତଥା-ମିତ୍ରରାଷ୍ଟ୍ର ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ନେପାଳ ଓ ବାଂଲାଦେଶରୁ ଆସିଥିବା ବରିଷ୍ଠ ପଦାଧିକାରୀଙ୍କ ସହ ବାର୍ତ୍ତାଳାପ ସମୟରେ ରାଜ୍ୟପାଳ ଡ. କମ୍ଭମ୍ପାଟି ଓଡ଼ିଶାର ଦ୍ରୁତ ପ୍ରଗତି ସମ୍ପର୍କରେ ସୂଚନା ଦେଇ ଦେଶର ଶ୍ରେଷ୍ଠ ପ୍ରଗତିଶୀଳ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପରିଗଣିତ ହୋଇଛି ବୋଲି କହିଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶାର ଶାସନ ବ୍ୟବସ୍ଥା, ଉନ୍ନୟନ ନୀତି, ଦକ୍ଷତା ବିକାଶ, ବୈଷୟିକ କୌଶଳ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଉନ୍ନୟନ ଓ କଲ୍ୟାଣ ମୂଳକ ଯୋଜନାର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଓଡ଼ିଶା ସରକାର ଗ୍ରହଣ କରିଥିବା ପଦକ୍ଷପ ସମ୍ପର୍କରେ ଅବତାରଣା କରି ଦେଶର ସାମଗ୍ରିକ ବିକାଶରେ ରାଜ୍ୟର ଭୂମିକା ସମ୍ପର୍କରେ କହିଥିଲେ। ପ୍ରତି ସଂସ୍ଥାରେ ଦକ୍ଷତା ବିକାଶର ଗୁରୁତ୍ୱ ସହ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ପାଇଁ ଦକ୍ଷ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ। ଓଡ଼ିଶାର ଖଣିଜ ସମ୍ପଦ, ଶିଳ୍ପାୟନ, ବନ୍ଦରମାନଙ୍କର ବିକାଶ, ଜାତୀୟ ରାଜପଥ, ବିମାନ ବନ୍ଦର, ସୁବିସ୍ତୀର୍ଣ୍ଣ ବେଳାଭୂମି, ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ପର୍କରେ ଆଲୋଚନା କରି ଗତ ଜାନୁୟାରୀ ମାସରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ ଦିବସ ଏବଂ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଓଡ଼ିଶାର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ରାଜ୍ୟପାଳ କହିଥିଲେ।

## ଦୁର୍ଘଟଣା ପରେ ୧୦ ଫୁଟ ତଳକୁ ଖସିଲା କାର: ଜଣେ ମୃତ ; ୨ ଗୁରୁତର

**ହରଭଙ୍ଗା,୪।୨(ସଂଚାର ବ୍ୟୁରୋ):** ଦୁର୍ଘଟଣା ପରେ ୧୦ ଫୁଟ ତଳକୁ ଖସିଲା କାର । ମାଡିଗଲା କାର୍। ଫଳରେ ଏଥିରେ ଜଣେ ମୃତ, ଦୁଇ ଗୁରୁତର ହୋଇଛନ୍ତି। ଲୋକଙ୍କୁ ଧକ୍କା ଦେବା ପରେ କାରଟି ଏକ ଗ୍ୟାରେଜ ଉପରେ ମାଡି ଯାଇଥିଲା । ଫଳରେ ୪ରୁ ଉର୍ଦ୍ଧ୍ୱ ମୋଟରସାଇକେଲ ଭାଙ୍ଗି ଚୁନା ହୋଇଯାଇଥିଲା । ଖୋର୍ଦ୍ଧା ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ବୌଦ୍ଧ ଥାନା ଅନ୍ତର୍ଗତ ଚମ୍ପାପୁର ଛକରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ମୃତକ ହେଲେ ଚମ୍ପାପୁର ଗାଁର ସତ୍ୟଭାମା ମେହେର । ସୂଚନା ଅନୁସାରେ ବୌଦ୍ଧ ପଟୁ ଏକ କାର ଫୁଲବାଣୀ ଯାଉଥିବାବେଳେ ଚମ୍ପାପୁର ଛକରେ ପ୍ରଥମେ ଏକ ବୃଦ୍ଧଙ୍କୁ ଧକ୍କା ଦେଇଥିଲା । ଏହାପରେ ଗ୍ୟାରେଜରେ ଥିବା ବାଇକ ଉପରେ ଚଢ଼ିଯାଇ ୧୦ ଫୁଟ ତଳକୁ ଖସି ପଡିଥିଲା । କାରରେ ଥିବା ଦୁଇ ଜଣ ବ୍ୟକ୍ତି ଗ୍ରାମବାସୀ ଅଟକ ରଖିଥିବାବେଳେ ଘଟଣା ସ୍ଥଳରେ ବୌଦ୍ଧ ପୋଲିସ ପହଁଚି ତଦନ୍ତ ଆରମ୍ଭ କରିଛି । କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ଜାତୀୟ ରାଜପଥର ଚମ୍ପାପୁର ଛକରେ ଟାୟାର ଜାଳି ରାସ୍ତା ଅବରୋଦ କରିଛନ୍ତି। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।



## ପ୍ରଶାସନର ପଦକ୍ଷେପ ସତ୍ତ୍ୱେ ଥମୁନି ଝାଡ଼ାବାନ୍ତି

**ପୁରୀ,୪।୨(ସଂଚାର ବ୍ୟୁରୋ):** ପୁରୀ ଜିଲା କଣାସ ବ୍ଲକରେ ଥମୁନି ଝାଡ଼ାବାନ୍ତି ପ୍ରଶାସନର ବିଭିନ୍ନ ପଦକ୍ଷେପ ସତ୍ତ୍ୱେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାଗୁଲେଇପଦରରୁ ୩ଜଣ ଝାଡ଼ାବାନ୍ତି ରୋଗୀ ଭର୍ତ୍ତି ହୋଇଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ରାନ୍ତମାନଙ୍କ ମ୍ୟାପିଂ କରାଯାଇ ଟେଲିଫୋନ ମାଧ୍ୟମରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝାଯାଇଥିଲା। ମଙ୍ଗଳବାରଠାରୁ ଜାଗଲେଇପଦରରେ ସ୍ୱାସ୍ଥ୍ୟଶିବିରରେ ଜଣେ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ୨୪ ଘଣ୍ଟିଆ ଅବସ୍ଥାପିତ କରିବା ପାଇଁ ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

## ପୁରୀରୁ ଧରାପଡ଼ିଲା ଷ୍ଟାର ହୋଟେଲ ଲୁଟେରା

**ପୁରୀ,୪।୨(ସଂଚାର ବ୍ୟୁରୋ):** ପୁରୀରୁ ଧରାପଡ଼ିଲା ଷ୍ଟାର ହୋଟେଲ ଲୁଟେରା । ପୁରୀ ବଳିଆପଣ୍ଡା ସ୍ଥିତ ଏକ ବିବାହ ମଣ୍ଡପରୁ ସୁଟକେସ୍ ଚୋରି ବେଳେ ଧରାପଡ଼ିଛି। ବଳିଆପଣ୍ଡା ଥାନା ପୋଲିସ ଏହି ସୁଟବୁଟ୍ ପିନ୍ଧା ଚୋରକୁ ଗିରଫ କରିଛି। ଗିରଫ ଲୁଟେରା ମଧ୍ୟପ୍ରଦେଶ କାଦିଆ ଗାଁର ୨୦ବର୍ଷୀୟ ରିତେଶ ସିସୋଦିଆ। ୨ ତାରିଖ ରାତି ୧୦ଟାରେ ପୁରୀ ବଳିଆପଣ୍ଡା ସ୍ଥିତ ଏକ ହୋଟେଲ୍ ପରିସରରେ ବିବାହ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ରିତେଶ ଏକ ସୁଟ୍‌କେସ୍ ଚୋରି କରି ନେଇ ପଳାଉଥିବାବେଳେ ହୋଟେଲ୍ ସୁରକ୍ଷା କର୍ମୀ ତାକୁ କାବୁ କରିଥିଲେ। ହେଟେଲ ପରିଚାଳକ ଏନେଇ ଥାନାରେ ଏତଲା ଦେଇଥିଲେ। ବଳିଆପଣ୍ଡା ଥାନା ପୁଲିସ ମାମଲା ରୁଜୁ କରି ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ଭୁବନେଶ୍ୱର ଷ୍ଟାର ହୋଟେଲରୁ ବହୁମୂଲ୍ୟ ସୁନା ଗହଣା ଲୁଟିନେଇଥିଲା। ସୁଟବୁଟ ପିନ୍ଧି ବରଯାତ୍ରୀ ବେଶରେ ଆସି ୧୦ ଲକ୍ଷ ଟଙ୍କାର ହୀରା ଓ ସୁନା ଅଳଙ୍କାର ସହ ଖାମରେ ଥିବା ଅଢେଇ ଲକ୍ଷ ନଗଦ ଟଙ୍କା ନେଇ ଚମ୍ପଟ ମାରିଥିଲା।

### ପର୍ଯ୍ୟଟନର ବିକାଶ ପାଇଁ ହାଇଦ୍ରାବାଦରେ ରୋଡ୍ ଶୋ'

# ଓଡ଼ିଶା ସହ ସହଭାଗୀ ହେବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ):** ଓଡ଼ିଶା ପର୍ଯ୍ୟଟନର ଆଭ୍ୟନ୍ତରୀଣ ଓ ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ସ୍ୱତନ୍ତ୍ର ଅଭିଯାନ ସ୍ୱରୂପ ଆଜି ହାଇଦ୍ରାବାଦରେ ଏକ ରୋଡ୍ ଶୋ' ଉଦ୍‌ଘାଟିତ ହୋଇଛି। ହାଇଦ୍ରାବାଦର ତାଜ୍ କ୍ରିଷ୍ଣାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦର ୪୦ରୁ ଉର୍ଦ୍ଧ୍ୱ ଟ୍ରାଭେଲ୍ ଅପରେଟର ଓ ୨୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟନ ନିବେଶକ ପାରସ୍ପରିକ ଆଲୋଚନାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ସାଂସ୍କୃତିକ ଐତିହ୍ୟ ସ୍ମାରକୀ, ଜଳପ୍ରପାତ, ବନ୍ୟପ୍ରାଣୀ, ସ୍ଥାନୀୟ ଖାଦ୍ୟ, ପାହାଡ଼ ଓ ବୌଦ୍ଧ ସର୍କିଟ୍ ସମେତ ଏହାର ବିବିଧ ଆକର୍ଷଣ ପ୍ରଦର୍ଶନ କରି ଘରୋଇ ବଜାର ମଧ୍ୟରେ ଏହାର ପର୍ଯ୍ୟଟନ କ୍ଷେତ୍ରକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରୁଛି। ଏହି ପ୍ରୟାସକୁ ଲୋକପ୍ରିୟ ଇକୋ ରିଟ୍ରିଟ୍ ଓଡ଼ିଶା ଦ୍ୱାରା ଆହୁରି ବୃଦ୍ଧି କରାଯାଇଛି। ତିନି ମାସ ଧରି ଚାଲିଥିବା ଗ୍ଲାମ୍ପିଂ ଫେଷ୍ଟିଭାଲ୍ ବ୍ୟାପକ ସ୍ୱୀକୃତି ପାଇଛି। ଓଡ଼ିଶା ସରକାର ନିୟମିତ ଭାବେ ପର୍ଯ୍ୟଟନର ବିକାଶ ପାଇଁ ଉଦ୍ୟମ ଚଳାଇଛନ୍ତି। ଅତୁଳନୀୟ ଗନ୍ତବ୍ୟସ୍ଥଳ ଏବଂ ଶାନ୍ତସ୍ୱଭାବ ଦୃଶ୍ୟ, ବିବିଧ ପର୍ଯ୍ୟଟନ ଉପକ୍ଷେତ୍ରରେ ସୁଯୋଗ ଦ୍ୱାରା ସମର୍ଥିତ, ଓଡ଼ିଶା ନିବେଶକମାନଙ୍କ ପାଇଁ ଭାରତର ସବୁଠାରୁ ପ୍ରତିଶ୍ରୁତିବଦ୍ଧ ପର୍ଯ୍ୟଟନ ବଜାର ମଧ୍ୟରୁ ଗୋଟିଏରେ ନିର୍ମାଣ, ବିକାଶ ଏବଂ ଉନ୍ନତି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଏହି ଅବସରରେ ସେ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ବର୍ଦ୍ଧିତ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ପର୍ଯ୍ୟଟକ ଓ ନିବେଶକଙ୍କ ପାଇଁ ରାଜ୍ୟରେ ଏକ ସକାରାତ୍ମକ ବାତାବରଣ ରହିଥିବାରୁ ଏ ଦିଗରେ ନିବେଶ ପାଇଁ ଶ୍ରୀମତୀ ପରିଡ଼ା ନିବେଶକମାନଙ୍କୁ ଆହ୍ୱାନ କରିଛନ୍ତି।




ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ରାଜ୍ୟର ବ୍ୟାପକ ପର୍ଯ୍ୟଟନ ସମ୍ଭାବନା ଏବଂ ଘରୋଇ ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାକୁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ କରିବା ପାଇଁ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ପଡ଼ୋଶୀ ରାଜ୍ୟଗୁଡ଼ିକ ସହିତ ସଂଯୋଗ କରୁଥିବା ଓଡ଼ିଶାର ଉତ୍କୃଷ୍ଟ ସଡ଼କ ନେଟୱାର୍କ ବିଷୟରେ ଆଲୋଚନା କରି, ସେ ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ରାଜ୍ୟର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି ଓଡ଼ିଶାର ବିବିଧ ପର୍ଯ୍ୟଟନସ୍ଥଳଗୁଡ଼ିକୁ ଆଲୋକପାତ କରିଥିଲେ। ପିଏମୟୁ ଓଡ଼ିଶା ପର୍ଯ୍ୟଟନର ମୁଖ୍ୟ ଲୋକେଶ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ସହ ଏକ ଆନ୍ତରିକ ପ୍ରଶ୍ନୋତ୍ତର ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଟ୍ରାଭେଲ୍ ଅପରେଟର, ଟୁର୍ ଏଜେନ୍ସି ଓ ହାଇଦ୍ରାବାଦର ଅନ୍ୟାନ୍ୟ ପର୍ଯ୍ୟଟନ-ସମ୍ବନ୍ଧୀୟ ବ୍ୟବସାୟଗୁଡ଼ିକ ଓଡ଼ିଶା ପର୍ଯ୍ୟଟନ ପ୍ରତିନିଧିମଣ୍ଡଳଙ୍କ ସହ ଆଲୋଚନା କରିଥିଲେ। ଅଧିବେଶନର ଏକ ପ୍ରମୁଖ ଆକର୍ଷଣ ଥିଲା ପ୍ରମୁଖ ପର୍ଯ୍ୟଟନ ପ୍ଲାଜାରେ ଓଡ଼ିଶାର ଅନ୍ତର୍ଭୁକ୍ତି ପାଇଁ ପ୍ରସ୍ତାବ। ଏହା ରାଜ୍ୟର ସମୃଦ୍ଧ ପର୍ଯ୍ୟଟନ ସୁଗମତାକୁ ବୃଦ୍ଧି କରିବ। ପରେ ଦିନର ଶେଷ ଭାଗରେ ଓଡ଼ିଶା ପର୍ଯ୍ୟଟନ ପ୍ରତିନିଧି ଦଳ ରାଜ୍ୟର ବର୍ଦ୍ଧିତ ପର୍ଯ୍ୟଟନ ଭିତ୍ତିଭୂମିରେ ନିବେଶର ସୁଯୋଗ ବିଷୟରେ ଆଲୋଚନା କରିବା ପାଇଁ ଯାତ୍ରା ଏବଂ ପର୍ଯ୍ୟଟନ ଜଗତର ୧୨ରୁ ଉର୍ଦ୍ଧ୍ୱ ସମ୍ଭାବ୍ୟ ନିବେଶକଙ୍କ ସହିତ ବୈଠକରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀମତୀ ପରିଡାଙ୍କ ନେତୃତ୍ୱରେ ଓଡ଼ିଶା ପର୍ଯ୍ୟଟନ ପ୍ରତିନିଧି ଦଳ ରୋହିତ ମାଙ୍ଗା ନିର୍ଦ୍ଦେଶକ ସେନସେସନ୍ ଇନଫ୍ରାକମ୍ ପ୍ରାଇଭେଟ୍ ଲିମିଟେଡ୍, ନିର୍ଦ୍ଦେଶକ, ଟ୍ରାନ୍ସ ପରିଚାଳିତ ହୋଟେଲ୍ସ ସୂର୍ଯ୍ୟବୀର ସିଂହ, ଅଧ୍ୟକ୍ଷ ଏବଂ ଏମ୍‌ଡି (ଫର୍ମୁଲା ୪) ରେସିଂ ପ୍ରମୋସନ୍ସ ପ୍ରାଇଭେଟ୍ ଅଖିଳେଶ ରେଡ୍ଡୀ ଏବଂ ପାର୍ଟନର୍ସ (ସନବର୍ଣ୍ଣ) କଲର୍ସ ଇଭେଣ୍ଟ ସଲ୍ୟୁସନ୍ସ ବିନୟ ହେଗଡ଼େ ଏବଂ ଗୁଣନାଥଙ୍କୁ ଭେଟିଥିଲେ। ଆଲୋଚନା ସମୟରେ, ପର୍ଯ୍ୟଟନ ବିଭାଗ ସହିତ ସହଯୋଗରେ ଓଡ଼ିଶାରେ ହୋଟେଲ, ରିସର୍ଟ, କନସର୍ଟ-ନେତୃତ୍ୱାଧୀନ ଭିତ୍ତିଭୂମିର ବିକାଶ ଅନୁସନ୍ଧାନ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଗୋଲକୁଣ୍ଡା ଦୁର୍ଗ ପରିଦର୍ଶନ କରିଥିଲେ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର




**ଆନନ୍ଦପୁର,୩।୨(ସଂଚାର ବ୍ୟୁରୋ):** ଭାଲୁ ଆକ୍ରମଣରେ ଜଣେକା ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ଛେଳି ଚରାଇବାକୁ ଯାଇଥିବା ସମୟରେ ଉକ୍ତ ମହିଳାଙ୍କୁ ଭାଲୁ ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁସାରେ, କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା କୋଲିମାଟି ଗାଁ ଜଙ୍ଗଲରେ ଏହି ଅଘଟଣ ଘଟିଛି। ଗାଁର ସୁକାନ୍ତି ବେହେରା ନାମ୍ନୀ ମହିଳା ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ସମୟରେ ଅଚାନକ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁ ତାଙ୍କୁ ଆକ୍ରମଣ କରିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତେବେ ଲହୁଲୁହାଣ ହୋଇଥିଲେ ମଧ୍ୟ ଭାଲୁ ହାବୁଡ଼ରୁ ସୁକାନ୍ତି ସୌଭାଗ୍ୟ କ୍ରମେ ଖସି ପଳାଇ ଆସିବାରେ ସକ୍ଷମ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେଠାରେ ସୁକାନ୍ତି ଚିକିତ୍ସାଧୀନ ଅଛନ୍ତି। ତେବେ ଏହି ଘଟଣାରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

## ବିଧାନସଭା ପରିସରରେ ଉତ୍କଳଗୌରବଙ୍କୁ ଶ୍ରଦ୍ଧାଞ୍ଜଳି

### ମଧୁସୂଦନଙ୍କ ଜୀବନ ଥିଲା ସଂଘର୍ଷମୟ

**ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ):** ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ରାଜ୍ୟ ଓ ଓଡ଼ିଆ ଜାତିର ଉନ୍ନତି ତଥା ସ୍ୱାର୍ଥରକ୍ଷା ଏବଂ ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ଇହଲୀଳା ସମ୍ବରଣ ପର୍ଯ୍ୟନ୍ତ ତାଙ୍କ ଜୀବନ ଥିଲା ସଂଘର୍ଷମୟ। ସେ ସାରା ଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି ବୋଲି ଉତ୍କଳଗୌରବଙ୍କ ଶ୍ରାଦ୍ଧଦିବସରେ ଅତିଥିଗଣ ମତ ବ୍ୟକ୍ତ କରିଛନ୍ତି। ଆଜି ସ୍ଥାନୀୟ ବିଧାନସଭା ପରିସରରେ ଥିବା ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ବିଧାୟକ ବାବୁ ସିଂ, ସୁନୀଲ କୁମାର ମହାନ୍ତି, ଦୁର୍ଗା ପ୍ରସନ୍ନ ନାୟକ, ନୀଳମଣି ବିଷୋୟୀ, କୃଷ୍ଣଚନ୍ଦ୍ର ନାୟକ, ସୋଫିଆ ଫିର୍‌ଦୋସ୍, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଉତ୍କଳ ସମ୍ମିଳନୀର ବରିଷ୍ଠ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଶାଶ୍ୱତୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସୂଚନାଧିକାରୀ ବିନାୟକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସୁନା ଦୋକାନରୁ ଲୁଟ୍ ଉଦ୍ୟମ

**ଆଳି,୪।୨(ସଂଚାର ବ୍ୟୁରୋ):** ସୁନା ଦୋକାନରୁ ଲୁଟ୍ ଉଦ୍ୟମ। ଲୁଟେରାକୁ କାବୁ କରି ପୋଲିସର ଜିମା ଦେଲେ ଲୋକ । ଦୁଇ ବନ୍ଧୁକ ଓ ମାରଣାସ୍ତ୍ର ଜବତ। କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ସିଙ୍ଗିରି ବଜାର ସ୍ଥିତ ଏକ ସୁନା ଦୋକାନରୁ ଲୁଟ୍ ଉଦ୍ୟମ କରିଥିଲେ ଲୁଟେରା ଗ୍ୟାଙ୍ଗ । ଦୋକାନ ପଛପଟ କାନ୍ଥ ଖୋଳି ଯାଉଥିବାବେଳେ କିଛି ଯୁବକ ଦେଖିବାକୁ ପାଇଥିଲେ । ଯୁବକଙ୍କୁ ଦେଖି ଦୌଡି ପଳାଇଥିଲେ ଲୁଟେରା । ସେମାନଙ୍କ ମଧ୍ୟରୁ ଜଣଙ୍କୁ କାବୁ କରିଛନ୍ତି ଯୁବକ। ପରେ ଲୁଟେରାକୁ ପୋଲିସର ଜିମା ଦେଇଥିଲେ । ପୋଲିସ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଦୁର୍ଘଟଣା ପରେ ଉତ୍ତେଜନା, ରାତିସାରା ମୃତଦେହ ରଖି ରାସ୍ତାରୋକ

**ଅନୁଗୁଳ,୪।୨(ସଂଚାର ବ୍ୟୁରୋ):** ଦୁର୍ଘଟଣା ପରେ ଉତ୍ତେଜନା । ରାତିସାରା ରାସ୍ତା ଉପରେ ମୃତଦେହ ରଖି ରାସ୍ତାରୋକ। ଗତକାଲି ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ରାସ୍ତା ପାର ହେଉଥିବାବେଳେ ମାଡ଼ିଯାଇଥିଲା ଟାଟା ଏସି । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତକ ହେଲେ ବେଣାଗାଡ଼ିଆ ଗାଁର ଗିରିଶ ଦାସ । ଅନୁଗୁଳ ଜିଲ୍ଲା ମଝିକା ହାତ ଛକ ଠାରେ ଘଟିଛି ଦୁର୍ଘଟଣା । ଗିରିଶ ଚା ପିଇବାକୁ ଯାଉଥିବାବେଳେ ଟାଟା ଏସି ଧକ୍କା ଦେଇ ଫେରାର ହୋଇଯାଇଥିଲା । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ୬୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି । ରାସ୍ତାରୋକ ଫଳରେ ଅଟକି ରହିଛି ଶହ ଶହ ଟ୍ରକ। ଅନୁଗୋଳ ଦେଓ୍ୱଗଡ ମୁଖ୍ୟ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି ।

## ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

### କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ

**ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଭଅଁରା ନିଜିଗଡ଼ ନିକଟ କୁଶ୍ୱେଇ କେନାଲଠାରେ ଆଜି ସକାଳୁ ଜଣେ ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ଭାଲିଆ ଦଣ୍ଡା ମଉକା ସାହିର ଅକ୍ଷୟ ଭୋଇ ( ୪୫ ) ଗୁରୁତର ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରା ଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ଘଟଣାରେ ସୂଚନା ପାଇ ପୁଲିସ ଏଯାଏଁ ପହଁଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ପୁଲିସ ର ଭୂମିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଅକ୍ଷୟ ଆଜି ସକାଳୁ କାମକୁ ଯାଉଥିଲେ । ହଂସପାଳ-ନିମାପଡ଼ା କେନାଲ ବନ୍ଧ କୁଶ୍ୱେଇ କେନାଲ ନିକଟରେ ହୋଇଥିବା ବେଳେ ମଉକା ସାହିର ଭାସ୍କର ଭୋଇ ସେଠାରେ ପହଞ୍ଚି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା । ଟାଙ୍ଗିଆ ଚୋଟରେ ଅକ୍ଷୟଙ୍କ ଡାହାଣ ହାତ କାନ୍ଧ ଓ ପେଣ୍ଡା ରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ଏହି ଘଟଣାରେ ସ୍ଥାନୀୟ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ କରିଥିବା ଜଣାପଡିଛି । ତେବେ ଭାସ୍କର ଜଣେ ଅସାମାଜିକ ଯୁବକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । କିଛି ଦିନ ପୂର୍ବରୁ ସେ ନିଜ ସମ୍ପର୍କୀୟ ଭାଇକୁ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲା । ସେଥିପାଇଁ ମଧ୍ୟ ଜେଲ ଦଣ୍ଡ ଭୋଗିଥିଲା। ବାରମ୍ବାର ସ୍ଥାନୀୟ ଅଞ୍ଚଳରେ କୌଣସି କଥାକୁ କେନ୍ଦ୍ର କରି ଆତଙ୍କ ଖେଳାଉଥିବା ଲୋକେ ଅଭିଯୋଗ କରିଛନ୍ତି ।




## ବିଶ୍ୱ କର୍କଟ ଦିବସରେ 'ମଦର୍' ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ):** ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଆଜି ବିଶ୍ୱ କର୍କଟ ଦିବସ ଅବସରରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମହାତ୍ମାଗାନ୍ଧୀ ମାର୍ଗରେ ଏନେଇ ଆୟୋଜିତ ପଥପ୍ରାନ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ମାନେ ପଥଚାରୀ ମାନଙ୍କୁ କର୍କଟ ରୋଗ ସମ୍ବନ୍ଧରେ ସଚେତନ କରାଇଥିଲେ। ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ପ୍ରଖ୍ୟାତ ଚିକିତ୍ସକ ଡାକ୍ତର ଅଶୋକ ମହାପାତ୍ର ଯୋଗଦେଇ କହିଥିଲେ କି, କର୍କଟ ରୋଗର ପ୍ରାଥମିକ ସ୍ତରରେ ଚିହ୍ନଟ କରିବା ସହ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଆରମ୍ଭ କରିବା ହିଁ ଏହାକୁ ହରାଇବାର ଏକ ମାତ୍ର ରାସ୍ତା। ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଖାଦ୍ୟପେୟରେ ସନ୍ତୁଳନ ଦ୍ୱାରା କର୍କଟ ସହ ମୁକାବିଲା ସମ୍ଭବ ହୋଇ ପାରିବ ବୋଲି ଡ ମହାପାତ୍ର ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଦସ୍ୟ ମାନେ କ୍ୟାନ୍ସର ଉପରେ ସଚେତନତା ହିଁ ଜରୁରୀ ବୋଲି ଲୋକମାନଙ୍କୁ ବୁଝାଇଥିଲେ। ତେଣୁ ଲକ୍ଷଣ ଦେଖାଯିବା ମାତ୍ର ତୁରନ୍ତ ଚିକିତ୍ସା କରିବା ଆବଶ୍ୟକ ବୋଲି ସଚେତନତା ବାର୍ତ୍ତା ଦିଆଯାଇଥିଲା। ମଦରର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୋଦ ଦାସ କହିଥିଲେ କି ମଦର ପକ୍ଷରୁ ଦୀର୍ଘ ଦିନ ହେବ କର୍କଟ ରୋଗକୁ ନେଇ ଲୋକଙ୍କୁ ସଚେତନ କରାଯାଉଛି। ଏ ରୋଗରୁ ବର୍ତ୍ତିବା ପାଇଁ କେବଳ ସଚେତନତା ହିଁ ଏକମାତ୍ର ଉପାୟ। ଅଧିକରୁ ଅଧିକ ସଂଖ୍ୟାରେ ଲୋକମାନେ କର୍କଟ ବିଷୟରେ ଜାଣିଲେ ହିଁ ଏହାକୁ ହରାଇବା ସମ୍ଭବ।

# କପିଶୂନ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ):** ଯୁକ୍ତଦୁଇ ପରୀକ୍ଷାକୁ କପିଶୂନ୍ୟ ଓ ପ୍ରଶ୍ନପତ୍ର ଭାଇରାଲକୁ ରୋକିବାକୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଥର ରହିବ ୫ ସ୍ତରରେ ସ୍କ୍ୱାଡ ବ୍ୟବସ୍ଥା । ପ୍ରଥମେ ସ୍କୁଲ ସ୍ତରରେ ସ୍କ୍ୱାଡ ମୁତୟନ ହେବେ । ତାପରେ ଜୋନ ସ୍ତରରେ ଓ ପରେ ଜିଲ୍ଲା ପ୍ରଶାସନ ସ୍କ୍ୱାଡ । ଚାରି ଜୋନରୁ ଅପରେଟ ହେବେ ସ୍ୱତନ୍ତ୍ର ସ୍କ୍ୱାଡ ଏବଂ ୩୦ ଜିଲ୍ଲାରେ ୩୫ ଟି ଜାଗାରେ ସେଣ୍ଟ୍ରାଲ ସ୍କ୍ୱାର୍ଡ ମଧ୍ୟ ମୁତୟନ ହେବେ । ସୁରକ୍ଷାକୁ ଦେଖି ସବୁ ସେଣ୍ଟରରେ ସିସିଟିଭି ରହିଛି । କେବଳ ସେଣ୍ଟ୍ରାଲ ଅଫିସରେ ସବୁ ସିସିଟିଭିକୁ ଆସେସ କରିହେବ । ପରୀକ୍ଷା ଦେଢ଼ ଘଣ୍ଟା ଆଗରୁ ଅର୍ଥାତ ୮.୩୦ ପୂର୍ବରୁ ପରୀକ୍ଷା ସେଣ୍ଟରରେ ପହଞ୍ଚିବ ପରୀକ୍ଷା ପ୍ରଶ୍ନପତ୍ର । ଯେଉଁମାନେ ପ୍ରଶ୍ନପତ୍ର ଲିକ କରିବେ କିମ୍ବା କୌଣସି ଭୁଲ ଖବର ବୁଲେଇବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ପରୀକ୍ଷା ସିଲାବସରେ କୌଣସି ପରିବର୍ତ୍ତନ ହୋଇନି, କେବଳ ପରୀକ୍ଷା ପ୍ୟାଟର୍ନରେ ପରିବର୍ତ୍ତନ ହୋଇଛି । ଏଥର ୧୦ ମାର୍କ ବଦଳରେ ୫ ମାର୍କ ପରୀକ୍ଷା ପ୍ରଶ୍ନ ପଡ଼ିବ । ୪୫ ଦିନ ମଧ୍ୟରେ ବାହାରିବ ପରୀକ୍ଷା ଫଳ ।

- ପ୍ରଶ୍ନପତ୍ର ଲିକ ରୋକିବାକୁ ପଞ୍ଚସ୍ତରୀୟ ସ୍କ୍ୱାଡ୍
- ସବୁ ପରୀକ୍ଷା ସେଣ୍ଟରରେ ଲାଗିବ ସିସିଟିଭି
- ଜିଲ୍ଲାପାଳମାନଙ୍କୁ ତଦାରଖ ଓ ସମୀକ୍ଷା ଦାୟିତ୍ୱ
- ପ୍ରତି ଜିଲ୍ଲାରେ ରହିବେ ନୋଡାଲ୍ ଅଧିକାରୀ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୫ ଯଥା ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା (ଭୋକେସନାଲ) ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ୍) ପରୀକ୍ଷା-୨୦୨୫ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଯୁକ୍ତ ୨ କଳାରେ ୨ ଲକ୍ଷ ୪୭ ହଜାର ୩୯୧, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୯୮୦, ବାଣିଜ୍ୟରେ ୨୫ ହଜାର ୫୨୬ ଜଣ, ଧନ୍ଦାମୂଳକ ପରୀକ୍ଷାରେ ୫ ହଜାର ୭୨୧ ଜଣ ଏହିପରି ମୋଟ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଆସନ୍ତା ୧୮ରୁ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ୨୦୫ଟି ପରୀକ୍ଷା ପରିଚାଳନା ହବ୍ କାର୍ଯ୍ୟକାରୀ ପୂର୍ବକ ୧୨୭୬ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ମାଟ୍ରିକ୍ ପରୀକ୍ଷାରେ ୫ ଲକ୍ଷ ୧୦ ହଜାର ୭୭୮ ଜଣ, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୭ ହଜାର ୭୬୬ ଜଣ, ମଧ୍ୟମାରେ ୩ ହଜାର ୭୯୨ ଜଣ ଏହିପରି ମୋଟ ୫ ଲକ୍ଷ ୨୨ ହଜାର ୩୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଉପନୀତ ହେବେ। ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨ ହଜାର ୯୭୯ଟି କେନ୍ଦ୍ରରେ ହେବାକୁ ଥିବା ବେଳେ ଅନ୍ୟ ପରୀକ୍ଷାକୁ ମିଶାଇ ମୋଟ ୩ ହଜାର ୧୩୩ଟି କେନ୍ଦ୍ରରେ ପରୀକ୍ଷା ହେବ। ଆସନ୍ତା ୨୧ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ।

ଉଭୟ ଯୁକ୍ତ ୨ ଓ ମାଟ୍ରିକ୍ ପରୀକ୍ଷାକୁ ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଉପରେ ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଜିଲ୍ଲା ପ୍ରଶାସନ ସହ ପୁଲିସ ପ୍ରଶାସନ ସମନ୍ୱୟରେ କିପରି ପରୀକ୍ଷା ପରିଚାଳନା ହୋଇପାରିବ, ସେନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୁଲିସ ମୁତୟନ ସହ ସିସିଟିଭି ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି।

### ୪୫ ଦିନରେ ଯୁକ୍ତ ଦୁଇ ପରୀକ୍ଷାଫଳ

**ଭୁବନେଶ୍ୱର:** ଆସନ୍ତା ୧୮ରୁ ଯୁକ୍ତ ଦୁଇ ପରୀକ୍ଷା ହେବାକୁ ଥିବା ବେଳେ ରାଜ୍ୟର ୩୦ଟି ଜିଲ୍ଲାର ୧୨୭୬ ସେଣ୍ଟରରେ ମୋଟ ୩ ଲକ୍ଷ ୯୩ ହଜାର ୬୧୮ ଜଣ ପରୀକ୍ଷାର୍ଥୀ ୨୨ଟି ସିଟିଂରେ ପରୀକ୍ଷା ଦେବେ। ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ସରିବାର ୪୫ ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପକ୍ଷରୁ କୁହାଯାଇଛି। ତାଙ୍କ ସୂଚନାନୁସାରେ, ପରୀକ୍ଷାର ପ୍ରଥମ ଦିନରେ ବିଜ୍ଞାନ ବିଭାଗର ସାହିତ୍ୟ ପରୀକ୍ଷା ହେବ। ପରୀକ୍ଷା ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ହବ ସଂଖ୍ୟା ୨୦୫କୁ ବୃଦ୍ଧି କରାଯାଇଛି। କପି ରୋକିବାକୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ସବୁ ସେଣ୍ଟରରେ ୨୪ ଘଣ୍ଟିଆ ସିସିଟିଭି ଲଗାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ଧର୍ମର ମୂଳତତ୍ତ୍ୱ-ବିଶ୍ୱର ସବୁ ଧର୍ମର ମୂଳତତ୍ତ୍ୱ ସମାନ। ସବୁ ଧର୍ମର ମୂଳ ତତ୍ତ୍ୱ ହେଲା ମାନବିକତା। ଈଶ୍ୱରଙ୍କୁ ଉପାସନାର ଢଙ୍ଗ ଭିନ୍ନ ହୋଇପାରେ, କିନ୍ତୁ ଉଦ୍ଦେଶ୍ୟ ସମାନ। ଅନ୍ୟାୟ, ଅନୈତିକ କୌଣସି ଧର୍ମ ସ୍ୱୀକୃତି ଦିଏନାହିଁ।

SANCHAR
ସଂଚାର



# ବିହାରକୁ ଖୁସି କରିବା ପ୍ରୟାସ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ କେନ୍ଦ୍ରୀୟ ବଜେଟରେ ବିହାରକୁ ପ୍ରାଥମିକତା ଦିଆଯାଇଛି ଏବଂ ଏହି ରାଜ୍ୟର ବିକାଶ ନିମନ୍ତେ ଅଧିକ ଅନୁଦାନ ଦିଆଯାଇଛି। ଗତ ବର୍ଷ ବଜେଟରେ ମଧ ଏନଡିଏ ଶାସନରେ ଥିବା ଆନ୍ଧ୍ର ଏବଂ ବିହାରକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏହାକୁ ବଜେଟରେ ରାଜନୈତିକ ପ୍ରଭାବ ବୋଲି କୁହାଯାଇପାରେ। ଯେତେବେଳେ ଲୋକସଭା ବା କୌଣସି ରାଜ୍ୟ ବିଧାନସଭା ନିର୍ବାଚନ ହେବାର ଥିବ ସେତେବେଳେ ବଜେଟରେ ଏହି ରାଜ୍ୟକୁ ଅଧିକ ଅନୁଦାନ ମିଳିଥାଏ। ଏହା ଏକ ସ୍ୱାଭାବିକ କଥା। ପ୍ରତି ସରକାର ଏହି ନୀତି ଅନୁସରଣ କରନ୍ତି। କେନ୍ଦ୍ରରେ ଏକ ରାଜନୈତିକ ସରକାର ଗଠିତ ହୋଇଛି। ଏହାର ନିଷ୍ପତ୍ତି ନିଶ୍ଚିତ ଭାବେ ରାଜନୈତିକ ଦୃଷ୍ଟିଭଙ୍ଗୀ ଆଧାରରେ ହେବ। ୨୦୨୭ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୟୁପି ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଆସନ୍ତା ବର୍ଷ ବଜେଟରେ ୟୁପିକୁ ଅଧିକ ଅନୁଦାନ ମିଳିବ ଏବଂ ଏହାକୁ ଫୋକସ କରାଯିବ। ଏଭଳି ପ୍ରକ୍ରିୟାରେ ସବୁ ରାଜ୍ୟର କେବେ ନା କେବେ ପାଳି ପଡ଼ିବ। ତେଣୁ ବିହାରକୁ ଅଧିକ ଅନୁଦାନ ମିଳିଲା ବୋଲି ଅନ୍ୟ ରାଜ୍ୟମାନେ ଅଭିଯୋଗ କରିବା, ଅସନ୍ତୋଷ ପ୍ରକାଶ କରିବାର ଯଥାର୍ଥତା ନାହିଁ। ତେବେ ବଜେଟରେ ଆଞ୍ଚଳିକ ଦୃଷ୍ଟିଭଙ୍ଗୀ କଦାପି ସ୍ୱାଗତ ଯୋଗ୍ୟ ନୁହେଁ। ମମତା ବାନାର୍ଜୀ ଯେତେବେଳେ କେନ୍ଦ୍ରରେ ରେଳବାଇ ମନ୍ତ୍ରୀ ଥିଲେ ସେତେବେଳେ ସେ ରେଳ ବଜେଟରେ ପଶ୍ଚିମବଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ଏବଂ ନିଜ ରାଜ୍ୟରେ ରେଳ ବିକାଶକୁ ପ୍ରାଥମିକତା ଦେଉଥିଲେ। ଏହା ଫଳରେ ଓଡ଼ିଶା ଭଳି ଅନେକ ରାଜ୍ୟ ଅନ୍ୟାୟର ଶିକାର ହେଉଥିଲେ। ଏହା କଦାପି ଗ୍ରହଣୀୟ ନୁହେଁ। ଦେଶର ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଦେଶର ବିକାଶକୁ ସମାନ ଗରୁତ୍ୱ ଦେବା କଥା। କିନ୍ତୁ ମମତା ଏହାର ବ୍ୟତିକ୍ରମ ଥିଲେ। ସେଥିପାଇଁ ସ ଆଜି ପର୍ଯ୍ୟନ୍ତ ଜାତୀୟ ରାଜନୀତିରେ ନିଜକୁ ପ୍ରତିଷ୍ଠିତ କରିପାରିନାହାଁନ୍ତି। କିନ୍ତୁ ବଜେଟରେ କିଛି ରାଜ୍ୟକୁ ପ୍ରାଥମିକତା ଦେବାରେ ଭୁଲ ନାହିଁ। ଏଥର ବଜେଟରେ ଦୁଇଟି ନିର୍ଦ୍ଦିଷ୍ଟ ରାଜ୍ୟକୁ ଫୋକସ କରାଯାଇଛି। ସେହି ଦୁଇଟି ରାଜ୍ୟ ହେଲା ଦିଲ୍ଲୀ ଏବଂ ବିହାର। ଦିଲ୍ଲୀରେ ଦିନକ ପରେ ବିଧାନସଭା ନିର୍ବାଚନ ଲାଗି ଭୋଟ ଗ୍ରହଣ କରାଯିବ। ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବ। ଦିଲ୍ଲୀରେ ଅନେକ ସରକାରୀ କର୍ମଚାରୀ ଅଛନ୍ତି। ସେମାନଙ୍କୁ ଖୁସି କରିବା ପାଇଁ ବଜେଟରେ ବେତନଭୋଗୀଙ୍କ ନିମନ୍ତେ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି। ଏହା ପୂର୍ବରୁ କେନ୍ଦ୍ର କ୍ୟାବିନେଟ ବୈଠକରେ କେନ୍ଦ୍ରୀୟ କର୍ମଚାରୀଙ୍କ ଲାଗି ଅଷ୍ଟମ ବେତନ କମିଶନ ଗଠନ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଅନ୍ୟ ପକ୍ଷରେ ବଜେଟରେ ବିହାର ଲାଗି ଅନେକ ପ୍ରସ୍ତାବ ରହିଛି। ପାଟନାରେ ଏକ ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରତିଷ୍ଠା ସହିତ ଏକ କୃଷକ ତାଲିମ ପ୍ରତିଷ୍ଠାନ ହେବ। ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବଜେଟରେ ଏହାକୁ ଅଧିକ ଅନୁଦାନ ପ୍ରଦାନ କରାଯାଇଥିବା ସମ୍ପର୍କରେ ବିରୋଧୀ ଦଳର ଅଭିଯୋଗର ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ବିହାର ଏକ ବଡ଼ ରାଜ୍ୟ ଏବଂ ଅତ୍ୟନ୍ତ ଜନବହୁଳ। ଏହାର ସଂସ୍କୃତି ଏବଂ ଐତିହ୍ୟ ସମୃଦ୍ଧ। କିନ୍ତୁ ବିହାର ଆର୍ଥିକ ଏବଂ ସାମାଜିକ ଦୃଷ୍ଟିରୁ ଏକ ପଛୁଆ ରାଜ୍ୟ ଭାବେ ପରିଗଣିତ ହେଉଛି। ଏହାର ମୁଣ୍ଡ ପିଛା ଋଆୟ ଦେଶରେ ସର୍ବନିମ୍ନ। ଏଠାରେ ମୋଟ ଜନସଂଖ୍ୟା ତୁଳନାରେ ବିପିଏଲଙ୍କ ସଂଖ୍ୟା ଢେର ଅଧିକ। ତେଣୁ ଏହାକୁ ବଜେଟରେ ସ୍ୱତନ୍ତ୍ର ଅନୁଦାନ ପ୍ରଦାନର ଯଥାର୍ଥତା ରହିଛି। ପାଟାରେ ଏକ ଗ୍ରୀନ ଫିଲ୍ଡ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରତିଷ୍ଠାରେ କ'ଣ ଅସୁବିଧା ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବିହାର କୃଷି ଉତ୍ପାଦନ ସେଭଳି ଅଧିକ ନୁହେଁ ଯାହା ପଞ୍ଜାବ, ହରିୟାନା ଏବଂ ଆନ୍ଧ୍ରରେ ରହିଛି। ତେଣୁ ବିହାରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପର ଯଥାର୍ଥତା ରହିଛି। ଏହା ଦ୍ୱାରା ସାରା ଦେଶ ଉପକୃତ ହେବ। ଅର୍ଥମନ୍ତ୍ରୀଙ୍କ ଯୁକ୍ତି ଗ୍ରହଣୀୟ। କିନ୍ତୁ ବାସ୍ତବରେ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବଜେଟ ପ୍ରସ୍ତୁତ କରାଯାଇଛି ଏଥିରେ ସନ୍ଦେହ ନାହିଁ। ୟୁପି ପରେ ରାଜନୈତିକ ଦୃଷ୍ଟିରୁ ବିହାର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ଜାତୀୟ ରାଜନୀତିରେ ବିହାର ସବୁ ବେଳେ ପରିବର୍ତ୍ତନର ସଙ୍କେତ ଦେଇ ଆସିଛି। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ବିହାରରୁ ଜନ୍ମ ନେଇଥିଲା। ଏବେ ବିହାରରେ ନୀତିଶ କୁମାରଙ୍କ ନେତୃତ୍ୱରେ ଏନଡିଏ ସରକାର ଚାଲିଛି। ଏଥିରେ ବିଜେପି ସବୁଠାରୁ ବଡ଼ ଦଳ। ନୀତିଶଙ୍କ ଜେଡିୟୁ, ଚିରାଗ ପାଶ୍ୱାନଙ୍କ ,ଲଜେପି, ଜିତନ ରାମ ମାନଚୀ ଏବଂ ଉପେନ୍ଦ୍ର କୁଶସ୍ୱାହଙ୍କ ଦଳ ମଧ ମେଣ୍ଟରେ ରହିଛି। ଅନ୍ୟ ପକ୍ଷରେ ଆରଜେଡି-କଂଗ୍ରେସ-ବାମପନ୍ଥୀ ମେଣ୍ଟକୁ ଗଠିତ ଇଣ୍ଡିଆ ବ୍ଲକ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି। ଗତ ଲୋକସଭା ନିର୍ବାଚନରେ ବିହାରରେ ଏନଡିଏ ଭଲ ପ୍ରଦର୍ଶନ କରିଥିଲା। କିନ୍ତୁ ବିଧାନସଭା ନିର୍ବାଚନରେ ଏହାର ପୁନରାବୃତ୍ତି ହେବ ବୋଲି କୁହାଯାଇପାରିବ ନାହିଁ। ଗତ ବିଧାନସଭା ନିର୍ବାଚନରେ ଏନଡିଏ ଅଳ୍ପକେ ସଂଖ୍ୟାଗରିଷ୍ଠତା ପାଇଥିଲା। ଅବଶ୍ୟ ଏହାର ମୁଖ୍ୟ କାରଣ ଥିଲା ଚିରାଗ ପାଶ୍ୱାନଙ୍କ ଦଳ ଜେଡିୟୁ ବିରୋଧରେ ପ୍ରାର୍ଥୀ ଦେଇଥିଲା। ଏଥର ତାହା ହେବ ନାହିଁ ବୋଲି ଆଶା। କିନ୍ତୁ ତଥାପି ଏଥର ବିହାରରେ ଏନଡିଏର ବିଜୟ ଏତେ ସହଜ ହେବନି। କାରଣ ନୀତିଶ କୁମାର ଅନେକ ବର୍ଷ ହେବ ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ଅନେକ ତାଙ୍କୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ତେଜସ୍ୱୀ ଯାଦବଙ୍କ ଆରଜେଡିର ଲୋକପ୍ରିୟତା ଏବେ ବଢ଼ୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବଜେଟରେ ବିହାରକୁ ଫୋକସ କରାଯାଇଛି। ଏବେ ଦେଖିବାର କଥା ଏହାର ପ୍ରଭାବ ବିହାର ନିର୍ବାଚନରେ କେତେ ଅନୁଭବ କରାଯାଉଛି। ଜାତିଗତ ରାଜନୀତି ଲାଗି କୁଖ୍ୟାତ ବିହାରରେ ଆର୍ଥିକ ଅନୁଦାନ କେତେଦୂର ଭୋଟରଙ୍କୁ ପ୍ରଭାବିତ କରିବ ତାହା ଏକ ବଡ଼ ପ୍ରଶ୍ନ। କିନ୍ତୁ ଯାହା ବି ହେଲେ ଏହାର କିଛିଟା ପ୍ରଭାବ ପଡ଼ିବ ବୋଲି ଆଶା କରାଯାଇପାରେ।

## ସମ୍ପାଦକଙ୍କୁ ପତ୍ର

### ସ୍ୱତନ୍ତ୍ର ରେଳବଜେଟ ଆସୁ

**ମହାଶୟ,**

ପୂର୍ବରୁ ଅନେକ ବର୍ଷ ଧରି ସଂସଦରେ ପ୍ରଥମେ ରେଳ ବଜେଟ ଆସୁଥିଲା। ପରେ ସାଧାରଣ ବଜେଟ ଉପସ୍ଥାପିତ ହେଉଥିଲା। କିନ୍ତୁ ମୋଦି ସରକାର ବ୍ୟବସ୍ଥାରେ ପରିବର୍ତ୍ତନ କରିଛନ୍ତି। ସାଧାରଣ ବଜେଟରେ ରେଳ ବଜେଟକୁ ମିଶାଇ ଦିଆଯାଇଛି। ଅନ୍ୟ ମନ୍ତ୍ରଣାଳୟ ଭଳି ରେଳ ବଜେଟ ଲାଗି ବ୍ୟୟ ବରାଦ ହେଉଛି। ଏହା ଦ୍ୱାରା ରେଳ ବିକାଶ ଲାଗି ବଜେଟରେ କ'ଣ ଅର୍ଥ ବରାଦ ହେଉଛି ତାହା ସାଧାରଣ ଲୋକେ ପ୍ରଥମରୁ କିଛି ଜାଣିପାରୁନାହାଁନ୍ତି। କ'ଣ ନୂଆ ଟ୍ରେନ ଚାଲିବ, ନୂଆ ରେଳ ଲାଇନ ପ୍ରସ୍ତାବ କ'ଣ ରହିଛି, କେଉଁ ପ୍ରକଳ୍ପ ଲାଗି କେତେ ଅର୍ଥ ବରାଦ ହୋଇଛି ତାହା ଅନେକ ଦିନ ପର୍ଯ୍ୟନ୍ତ ସାଧାରଣ ଲୋକେ ଜାଣିକାରୁନାହାଁନ୍ତି। ଏଥର ବଜେଟରେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥ ନିମନ୍ତେ କେତେ ଅର୍ଥ ବରାଦ ହୋଇଛି ତାହା ଓଡ଼ିଶାବାସୀ ଏ ପର୍ଯ୍ୟନ୍ତ ଜାଣି ନାହାଁନ୍ତି। ତେଣୁ ଆସନ୍ତା ବର୍ଷରୁ ପୂର୍ବପରି ସ୍ୱତନ୍ତ୍ର ରେଳ ବଜେଟ ଆଗତ ହେଉ।

**ସୁବାସ ଚନ୍ଦ୍ର ପ୍ରଧାନ ନିମାପଡ଼ା**

# ନେତାଜୀଙ୍କ ନୀତି ଓ ନେତୃତ୍ୱ

**ରମେଶ ପ୍ରଧାନ**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନୀତି ଓ ନେତୃତ୍ୱ ସମ୍ପର୍କରେ ଗବେଷଣାମୂଳକ ପୁସ୍ତକଟିଏ ଲେଖିଛନ୍ତି ଡକ୍ଟର ଶ୍ରୀଧର ଚରଣ ସାହୁ, ରେଭେନ୍ସା କନିଷ୍ଠ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ। ସେ ୧୯୮୦ ଦଶକରେ ସୁଭାଷ ଚନ୍ଦ୍ର ବୋଷଙ୍କ ରାଜନୈତିକ ଦର୍ଶନ ସଂପର୍କରେ ଗବେଷଣା କରୁଥିବାବେଳେ ତାଙ୍କର କେତେକ ଲେଖା ସମାଜ, ପ୍ରଜାତନ୍ତ୍ର, ପ୍ରଗତିବାଦୀ ଆଦି ପ୍ରତିଷ୍ଠିତ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶ ପାଇଥିଲା। ସେହି ଲେଖାଗୁଡ଼ିକ ସହ ଆଉ କେତେକ ଅପ୍ରକାଶିତ ଲେଖାକୁ ସଂଯୋଜିତ କରି ଏହି ସଂକଳନଟି ପ୍ରକାଶ ପାଇଛି।

ଓଡ଼ିଶା ମାଟିରେ ନେତାଜୀଙ୍କ ବ୍ୟକ୍ତିତ୍ୱଗଠନ, ଭାରତଛାଡ଼ ଆନ୍ଦୋଳନରେ ତାଙ୍କର ଭୂମିକା, ତାଙ୍କ ସ୍ୱପ୍ନର ଭାରତ ଏବଂ ରାଜନୈତିକ ଚିନ୍ତାଧାରା ଆଦି ବିଷୟରେ ସାରଗର୍ଭକ ଆଲୋଚନା କରାଯାଇଛି ଏହି ପୁସ୍ତକରେ। ନେତାଜୀଙ୍କ ସଂପର୍କରେ ବିଭିନ୍ନ ଦିଗରୁ ଆଲୋଚନା ଓ ସମାଲୋଚନାକୁ ଲେଖକ ନିରପେକ୍ଷଭାବେ ବିଶ୍ଳେଷଣ କରିବାର ଚେଷ୍ଟା ଏଥିରେ କରିଛନ୍ତି। ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଏକ ନିରବଚ୍ଛିନ୍ନ ଓ ସାଲିସବିହୀନ ସଂଗ୍ରାମର ପକ୍ଷପାତୀ ଥିଲେ ସୁଭାଷ ଚନ୍ଦ୍ର। କୌଣସି ବ୍ୟକ୍ତି, ଦେଶ ବା ଜାତି ଭିକ୍ଷା କରି ସ୍ୱାଧୀନତା ହାସଲ କରିପାରେନାହିଁ ବୋଲି ସେ ଦୃଢ଼ ମତପୋଷଣ କରୁଥିଲେ। 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'- ଏହା ଥିଲା ତାଙ୍କର ବଜ୍ରଗମ୍ଭୀର ପ୍ରାଣସ୍ପର୍ଶୀ ଆହ୍ୱାନ।ଆମର ସ୍ୱାଧୀନତା ପ୍ରାପ୍ତି ସଂପର୍କିତ ଦୃଷ୍ଟିକୋଣ ଭିନ୍ନ ଭିନ୍ନ ହୋଇପାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅକ୍ଷଶକ୍ତିମାନଙ୍କ ସହିତ ନେତାଜୀଙ୍କ ସହଯୋଗକୁ ଆମେ ସମାଲୋଚନା କରିପାରୁ କିନ୍ତୁ ନେତାଜୀ ଯେ ଫାସିବାଦୀ ଦର୍ଶନର ସମର୍ଥକ, ଏକଥା କହିବା ସତ୍ୟର ଅପଳାପ ବୋଲି ଲେଖକ କହିଛନ୍ତି। ନେତାଜୀଙ୍କୁ ଜଣେ ନ୍ୟାୟାଧୀଶ କିମ୍ବା ଆଇନର ଆଖିରେ ବିଚାର ନକରି ଯଦି ତାଙ୍କର ବ୍ୟକ୍ତିତ୍ୱ, ଆଦର୍ଶବାଦ, ରାଜନୈତିକ ଚିନ୍ତାଧାରାର ଗତିପ୍ରକୃତି, ବିଭିନ୍ନ ଭାଷଣ ଓ ଲେଖାକୁ ସୂକ୍ଷ୍ମଭାବରେ ଅନୁଧାନ ଓ ଅନୁଶୀଳନ କରାଯାଏ ଏବଂ ବୁଝିବାର ଚେଷ୍ଟା କରାଯାଏ, ତାହାହେଲେ ହିଁ ତାଙ୍କର ରାଜନୈତିକ ମତବାଦକୁ ଆମେ ଠିକଣା ଭାବରେ ହୃଦୟଙ୍ଗମ କରିପାରିବା




ବୋଲି ଲେଖକ ମତ ଦେଇଛନ୍ତି।

ନେତାଜୀ ଥିଲେ ବହୁମୁଖୀ ବ୍ୟକ୍ତିତ୍ୱ। ମୁଖ୍ୟତଃ ସ୍ୱାଧୀନତା ସଂଗ୍ରାମୀ ଓ ବିଶିଷ୍ଟ ଚିନ୍ତାନାୟକ। ତାଙ୍କ ଚିନ୍ତାଧାରାର ବିଶେଷତ୍ୱ ହେଲା- ଏହାର ବାସ୍ତବବାଦୀ ଓ ଜାତୀୟତାବାଦୀ ଦୃଷ୍ଟିଭଙ୍ଗୀ। ସେ କେବଳ ସ୍ୱାଧୀନତା ହାସଲ ପାଇଁ ଚିନ୍ତା କରୁନଥିଲେ, ସେ ଦେଖୁଥିଲେ ସ୍ୱାଧୀନ ଭାରତର ସ୍ୱପ୍ନ- ଆଗାମୀ ରାଷ୍ଟ୍ରର ରୂପରେଖ ତଥା ଏହାର ଅର୍ଥନୈତିକ ବ୍ୟବସ୍ଥା। ତାଙ୍କ ଭାଷାରେ, "ସ୍ୱାଧୀନ ଭାରତ ପୁଞ୍ଜିପତି, ଜମିଦାର ଓ ଜାତିବାଦୀମାନଙ୍କ ଦେଶ ହେବନାହିଁ। ଏହା ଏକ ସାମାଜିକ ଓ ରାଜନୈତିକ ଗଣତନ୍ତ୍ର ହେବ।" ତେଣୁ ଲେଖକ କହନ୍ତି, ନେତାଜୀ ସୁଭାଷ ବୋଷଙ୍କ ସ୍ୱପ୍ନର ଭାରତ ଏକ ସମାଜବାଦୀ ରାଷ୍ଟ୍ର। ଭାରତୀୟ ଜାତୀୟ କଂଗ୍ରେସରେ ତଥା ଭାରତୀୟ ଜାତୀୟ ଆନ୍ଦୋଳନ ସମୟରେ ସମାଜବାଦୀ ଚିନ୍ତାଧାରାର ପ୍ରଚାର ଓ ପ୍ରସାର କରୁଥିବା ମୁଷ୍ଟିମେୟ ନେତାମାନଙ୍କ ମଧ୍ୟରେ ସୁଭାଷ ବୋଷ ଥିଲେ ଅନ୍ୟତମ ଅଗ୍ରଗାମୀ ବ୍ୟକ୍ତିତ୍ୱ।

ଆଜି ଦେଶ ଏକ ସଙ୍କଟମୟ ପରିସ୍ଥିତିରେ ଗତି କରୁଛି। ସଂପୂର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ କ୍ଷମତାକୁ ଯେନତେନ ପ୍ରକାରେଣ ହାସଲ କରିବା ପାଇଁ ଧର୍ମର ବ୍ୟବହାର ଓ ଅପବ୍ୟବହାର ଦ୍ୱାରା ସୃଷ୍ଟ ସାଂପ୍ରଦାୟିକତା ଜାତୀୟ ଜୀବନକୁ ଗ୍ରାସ କରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ନେତାଜୀଙ୍କ ଧର୍ମନିରପେକ୍ଷ ଚିନ୍ତାଧାରା ସମସ୍ତଙ୍କ ପାଇଁ ଅନୁଧାନର ବିଷୟ ବୋଲି ଲେଖକ କହିଛନ୍ତି। ଏ ସଂପର୍କରେ ନେତାଜୀଙ୍କୁ ନେଇ ଏକ ଘଟଣାର ଉଲ୍ଲେଖ ମଧ ସେ କରିଛନ୍ତି। ସିଙ୍ଗାପୁରରେ ଅବସ୍ଥିତ ଚେଟିଆର ହିନ୍ଦୁ ମନ୍ଦିରର ଏକ ଧର୍ମୀୟ ସଭାରେ ପୌରୋହିତ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରି ନେତାଜୀ ମୁଖ୍ୟ ପୁରୋହିତଙ୍କୁ କହିଥିଲେ, "ମନ୍ଦିର ଏକ ପୂଜାସ୍ଥଳୀ, ନିଜେ ଇଚ୍ଛାନୁସାରେ ପ୍ରତ୍ୟେକଙ୍କର ପୂଜାପାଠ କରିବାର ସ୍ୱାଧୀନତା ଅଛି କିନ୍ତୁ ରାଷ୍ଟ୍ରୀୟ ବ୍ୟାପାରରେ ଧର୍ମର ସଂଯୋଜନ ଅନୁଚିତ।"

ନେତାଜୀଙ୍କ ସଂପର୍କରେ ଏମିତି କେତେକ ଅନାଲୋଚିତ ବା ସ୍ୱଳ୍ପ ଆଲୋଚିତ ତଥ୍ୟ ଓ ଘଟଣା ସ୍ଥାନ ପାଇ ପୁସ୍ତକଟିର ଗୌରବ ବୃଦ୍ଧି କରିଛି। ବସ୍ତୁତଃ ଗବେଷଣାମୂଳକ ହୋଇଥିଲେ ମଧ ବେଶ୍ ସୁଖପାଠ୍ୟ ହୋଇଛି। ନେତାଜୀଙ୍କ ସଂପର୍କରେ ଜାଣିବା ପାଇଁ ଆଗ୍ରହୀ ପାଠକମାନଙ୍କ ପାଖରେ ଏହା ନିଶ୍ଚୟ ଆଦୃତ ହେବ। ଦିବ୍ୟ ପ୍ରକାଶନୀର ବିଭୁ ପ୍ରସନ୍ନଙ୍କ ଅଙ୍କିତ ପ୍ରଚ୍ଛଦ ଖୁବ୍ ପରିଚ୍ଛନ୍ନ ଏବଂ ଅନେକ ବିରଳ ଫଟୋ ସଂଯୋଜିତ ହୋଇ ମୁଦ୍ରଣ ସୌଷ୍ଠବ ମଧ ଆକର୍ଷଣୀୟ ହୋଇଛି। ନେତାଜୀଙ୍କ ସାମଗ୍ରିକ ଜୀବନ ଚରିତ ନ ହେଲେ ମଧ ପୁସ୍ତକଟିରେ ସ୍ଥାନିତ ତଥ୍ୟ ଓ ଘଟଣାବଳୀ ଏହାକୁ ଓଡ଼ିଶାରେ ଓ ଓଡ଼ିଆଭାଷାରେ ଏକ ସ୍ୱତନ୍ତ୍ର ସ୍ଥାନ ଓ ମର୍ଯ୍ୟାଦା ଦେବ।

**ବରିଷ୍ଠ ସାମ୍ବାଦିକ**

# ବଞ୍ଚିବାର କଳା

**ହେମନ୍ତ କୁମାର ପରିଡ଼ା**

ସଂସାର ଦୁଃଖପୂର୍ଣ୍ଣ। ଜୀବନ ଜଞ୍ଜାଳରେ ଭରା। ଜନ୍ମ, ଜରା, ମୃତ୍ୟୁ ସର୍ବତ୍ର ଦୁଃଖ ହିଁ ଦୁଃଖ। ମାତୃଗର୍ଭର ଯନ୍ତ୍ରଣା ଅକଥନୀୟ। ଜରା ଦୁଃଖ ଠାରୁ ଦୁଃଖ ନାହିଁ। ମୃତ୍ୟୁ ଯନ୍ତ୍ରଣା ଆହୁରି ଭୟଙ୍କର। ଅଳ୍ପେ ବହୁତେ ଏହି ଅନୁଭବ ପ୍ରାୟ ସମସ୍ତଙ୍କର ଅଛି। ଆମର ପୁରାଣ ଶାସ୍ତ୍ର ତଥା ଅନୁଭବୀ ସାଧୁସନ୍ଥମାନେ ଏହା ପ୍ରକାଶ କରିଛନ୍ତି। ଜୀବ ଆସିଛି ଦିନେ ସବୁ ଛାଡ଼ି ସ୍ୱଧାମକୁ ଫେରିଯିବ। ତଥାପି ଏହି ନିତ୍ୟ ପରିବର୍ତ୍ତନଶୀଳ ନାମରୂପାତ୍ମକ ସଂସାରର ମୋହରେ ସମସ୍ତେ ମୋହିତ। ସଂସାର ଆମକୁ ପ୍ରଲୋଭିତ କରୁଛି। ସୁଖର ଆଗାର ବୋଲି ପ୍ରତ୍ୟୟ ହେଉଛି। ବାସ୍ତବରେ ଏହା ଦୁଃଖର ଅପାର ପାରାବାର। ଆମ ସମସ୍ତଙ୍କର ସକଳ ପ୍ରଚେଷ୍ଟାର ଲକ୍ଷ୍ୟ ହେଉଛି ଦୁଃଖ ସାଗରରୁ ନିବୃତ୍ତ ହୋଇ ସୁଖ ଶାନ୍ତି ଆନନ୍ଦରେ ନିବାସ କରିବା। "ସୁଖ ବାଞ୍ଛିତ ସର୍ବହି ତତଃ ଧର୍ମ ସମୁଭବ।" ଏହି ସୁଖ ଶାନ୍ତି ଆନନ୍ଦ କେଉଁଠି ବଜାରରେ କିଣାବିକା ହୁଏ ନାହିଁ। ଦୁଃଖ ହେଉ ଅଥବା ସୁଖ ଏହା ସବୁ ଆମ କର୍ମର ଅର୍ଜନ ମାତ୍ର। ଦୁଃଖ, ସୁଖ ଶାନ୍ତି ଆନନ୍ଦ ହେଉଛି ଆମ ମନର ଏକ ଏକ ଅବସ୍ଥା। ଶରୀର ମାଧ୍ୟମରେ ଏହା ଅନୁଭୂତ ହୁଏ। ଜୀବନ ଧାରଣ କରିଥିବା ପ୍ରତ୍ୟେକଙ୍କ ଜୀବନ କାଳ ଏହି ଅନୁଭବର ଅନୁଭୂତିରେ ଋଦ୍ଧିମନ୍ତ। ଜୀବନର ଗତି କେବଳ ସୁଖ, ଶାନ୍ତି ଆନନ୍ଦଭରା ଗୋଲାପର ଶଯ୍ୟା ନୁହେଁ। ଭଗବାନ ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ ହେଲେ ମଧ ସୁଖଦୁଃଖର ଅନୁଭବ ନେଇ ତାଙ୍କୁ ଜୀବନ ନିର୍ବାହ କରିବାକୁ ହୋଇଥାଏ। ସେ ଭଗବାନ ଶ୍ରୀରାମଚନ୍ଦ୍ର ହୁଅନ୍ତୁ ଅଥବା ଭଗବାନଙ୍କର ପୂର୍ଣ୍ଣାବତାର ଶ୍ରୀ କୃଷ୍ଣଚନ୍ଦ୍ର ହୁଅନ୍ତୁ, ଏମାନେ ମର୍ତ୍ତ୍ୟରେ ମାନବୀୟ ଶରୀର ପରିଗ୍ରହ କରି ମାନବୋଚିତ ସୁଖଦୁଃଖ ଭୋଗ କରିଛନ୍ତି। ଜନ୍ମ, ମୃତ୍ୟୁ ଚକ୍ର ଚାଲିଥିବା ଯାଏ ଦୁଃଖ ରହିବ ହିଁ ରହିବ।

ରାମ ଥିଲେ ଅଯୋଧାର ରାଜକୁମାର। ରାତି ପାହିଲେ ରାଜା ହୋଇଥାଆନ୍ତେ। କିନ୍ତୁ ପିତୃସତ୍ୟ ରକ୍ଷା ଅର୍ଥେ ଆଦେଶ ମିଳିଲା ୧୪ ବର୍ଷ ବନବାସ। କଷାୟ ବସ୍ତ୍ର ପରିଧାନ କରି ସୁକୁମାରୀ ପତ୍ନୀ ସୀତା ଓ ପ୍ରିୟ ଭାଇ ଲକ୍ଷ୍ମଣ ସହିତ ଯତି ବେଶରେ ବନଗମନ କଲେ। ଅଯୋଧାର ରାଜା ହେବାକୁ ଥିବା ଜନପ୍ରିୟ ରାଜକୁମାର ଶ୍ରୀରାମ। ଯାହାଙ୍କ ଶିରରେ ରାଜଛତ୍ର ଶୋଭା ପାଇବା କଥା ସେ ଆଜି ଅଯୋଧାର ରାଜରାସ୍ତାରେ ତପସ୍ୱୀ ବେଶ ଧାରଣ କରି ରିକ୍ତ ପଦରେ ବନଗମନ କରୁଛନ୍ତି। ସାଧାରଣ ମଣିଷର ମନ ନେଇ ଶ୍ରୀରାମଙ୍କର ଅବସ୍ଥାକୁ ଅନୁମାନ କଲେ ଜଣେ ସେ ମାନସିକ ସଂଘାତକୁ ବୁଝିପାରିବ। ସାଧାରଣ ଜୀବନରେ ଏହା ତାଳଗଛରୁ ଖସି ପଡ଼ିବା ଭଳି ଅବସ୍ଥା। ଖାଲି ଏତିକି ନୁହେଁ, ତାଙ୍କ ଜୀବନ ଦେଇ ବହିଯାଇଥିବା ଯେତେସବୁ ଜଞ୍ଜାଳର ଝଞ୍ଜାକୁ ଦୃଢ଼ତାର ସହ ସହିନେଇ ସେ ସଂସାରକୁ ମର୍ଯ୍ୟାଦାର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ଅନନ୍ୟ। ମାନବୀୟ ବୋଧଗମ୍ୟର ବାହାରେ ଈଶ୍ୱରୀୟ ଚେତନାର ପରମ ପରାକାଷ୍ଠା ଶ୍ରୀରାମଙ୍କ ଭିନ୍ନ ଅନ୍ୟତ୍ର ଏହା ସମ୍ଭବ ନୁହେଁ। ଜୀବନରେ ପୀଡ଼ାର ପାହାଡ଼କୁ ଧୈର୍ଯ୍ୟର ସହିତ ସହି ସେ ମାନବ ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି। ସେଥିପାଇଁ ସମାଜ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କହି ସମ୍ମାନ କରୁଛି।

ଭଗବାନ ଶ୍ରୀକୃଷ୍ଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖର ପାହାଡ଼ ପରେ ପାହାଡ଼ ଅତିକ୍ରମ କରି କରି ଚାଲିଛନ୍ତି। ଯେତେ ଦୁଃଖ ତାଙ୍କ ଜୀବନରେ ଲେଖା ଯାଇଛି, ସାଧାରଣ ଜୀବନରେ ତାହା ଅସହ୍ୟ। ତଥାପି ସକଳ ପ୍ରତିକୂଳ ଅବସ୍ଥାରେ ସ୍ମିତ ତାଙ୍କ ରଙ୍ଗ ଅଧରରୁ ହସ ଲିଭି ନାହିଁ। ଦୁଃଖ ପିଇ ସୁଖ ବାଣ୍ଟିବାର ଯେଉଁ ମାଧୁର୍ଯ୍ୟମୟ କଳା ସେ ତାଙ୍କ ଜୀବନରେ ପ୍ରଦର୍ଶନ କରିଛନ୍ତି ତା'ର ତୁଳନା ନାହିଁ। ଅଜସ୍ର ଦୁଃଖ ଭିତରେ ସେ ଅ'ରନ୍ତ ସୁଖଶାନ୍ତି ଆନନ୍ଦର ଏକ ଅନନ୍ତ ପ୍ରବାହ। ଲୋକେ ତାଙ୍କୁ ଆନନ୍ଦ ମୂର୍ତ୍ତି କହି ଅର୍ଚ୍ଚନା କରୁଛନ୍ତି। ତାଙ୍କର ଜନ୍ମକର୍ମ ସବୁ ମଧୁର। ଏପରିକି ତାଙ୍କ ଦାନ୍ତି ମୁଗ୍ଧ ମଧୁର ବୋଲି ବର୍ଣ୍ଣିତ ହୋଇଛି। ତାଙ୍କର ଚାଲିଚଳଣ, ଆଚରଣ, ଉଚ୍ଚାରଣ, ଦୃଷ୍ଟିକୋଣ ସବୁଥିରେ ଅମୃତ ଆନନ୍ଦର ପ୍ଳାବନ ପରିଲକ୍ଷିତ ହୁଏ। ବିଶ୍ୱ ସୃଷ୍ଟିରେ ତାଙ୍କୁ ଶ୍ରେଷ୍ଠ ବ୍ୟକ୍ତି ଭାବରେ ପୁରୁଷୋତ୍ତମ ରୂପେ ବିବେଚନା କରାଯାଇଛି। ନିଜ ଇଚ୍ଛାରେ ବିସ୍ତାର କରାଇଥିବା ବିଶାଳ ଯାଦବ ବଂଶକୁ ଆପଣା ଦେହାତରେ ଧ୍ୱଂସ କରି ଶେଷରେ ଜରା ଶବରର ଶରାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କଲେ। ମନରେ ଶୋଚନା ନାହିଁ କିମ୍ବା ଅନୁଶୋଚନା ମୁଗ୍ଧ ନାହିଁ। ଶେଷମୁହୂର୍ତ୍ତରେ ମୁଗ୍ଧ ସେ ତାଙ୍କ ପ୍ରିୟ ସଂସାରରୁ ପ୍ରଶାନ୍ତ ମୁଖମଣ୍ଡଳର ଶାନ୍ତ ମଧୁର ଶେଷ ହସରେ ବିଦାୟ ନେଲେ। ଜୀବନର ସମସ୍ତ ଜଞ୍ଜାଳକୁ ଆଞ୍ଜୁଳା ଆଞ୍ଜୁଳା କରି ପିଇ ଯାଇ ସୃଷ୍ଟିକୁ ସୁନ୍ଦର ମଧୁର ପ୍ରେମାନନ୍ଦ ଲାଭର ପ୍ରଶିକ୍ଷଣ ଦେଇ ସେ ସାରା ବିଶ୍ୱବାସୀଙ୍କୁ ବଞ୍ଚିବାର କଳା ଶିଖାଇ ଦେଇଗଲେ। ତେଣୁ ତାଙ୍କର ସାମଗ୍ରିକ ଜୀବନଚର୍ଯ୍ୟାକୁ ଆକଳନ କରି ସମାଜ ତାଙ୍କୁ ଲୀଳା ପୁରୁଷୋତ୍ତମ କହି ବନ୍ଦନା କରୁଛି।

ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଥିବା ଅନେକ ମହାମାନବ ଆପଣା ଆଦର୍ଶ ଜୀବନଚର୍ଯ୍ୟା ଦ୍ୱାରା ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି। ବେଦ ଭଗବାନ ହୁଅନ୍ତୁ ଅଥବା ଉପନିଷଦ, ପୁରାଣ ଆଦି ଶାସ୍ତ୍ରମାନେ ହୁଅନ୍ତୁ, ସବୁଥିରେ ମାନବ ସମାଜ ପାଇଁ ବଞ୍ଚିବାର କଳା ଶିକ୍ଷା ଭରି ରହିଛି। ଭଗବାନ ସ୍ୱୟଂ ତାଙ୍କ ଶ୍ରୀମୁଖ ନିସୃତ ଗୀତା ଗ୍ରନ୍ଥରେ ଅତି ସ୍ପଷ୍ଟ ଭାବେ ମଣିଷକୁ ବଞ୍ଚିଁବାର କଳା ଶିକ୍ଷା ଦେଇଛନ୍ତି। ଗୀତାର ତେର ଅଧ୍ୟାୟର ପ୍ରକୃତିର ସ୍ୱରୂପ ବର୍ଣ୍ଣନା କରି ଅତିସୁନ୍ଦର ଭାବେ ଭଗବାନ ସେଥିରୁ ନିବୃତ୍ତ ହେବାର ଜ୍ଞାନ ପ୍ରଦାନ କରିଛନ୍ତି। ଅମାନିତ୍ୱ, ଅଦାମ୍ଭିକତା, ଅହିଂସା, କ୍ଷମା, ସରଳତା, ନିଷ୍ଠାର ସହିତ ଗୁରୁସେବା, ବାହ୍ୟ ଅଭ୍ୟନ୍ତର ଉଭୟ ଶୁଦ୍ଧି, ସ୍ଥିରତା, ସୌର୍ଯ୍ୟ ବା ସହିଷ୍ଣୁତା, ମନନିଗ୍ରହ, ଇନ୍ଦ୍ରିୟମାନଙ୍କ ବିଷୟରୁ ବୈରାଗ୍ୟ, ଅହଂକାରରହିତ ହେବା, ଜନ୍ମମୃତ୍ୟୁ, ଜରା ବ୍ୟାଧିରେ କବଳିତ ଶରୀର ପ୍ରତି ବାରମ୍ବାର ଦୋଷଦର୍ଶନ କରିବା, ଆସକ୍ତି ରହିତ ହେବା, ପୁତ୍ରଦାରା, ଗୃହ ଆଦିଠାରୁ ଅନାସକ୍ତ ରହିବା, ଅନୁକୂଳତା ଓ ପ୍ରତିକୂଳତା ପ୍ରାପ୍ତିରେ ଚିତ୍ତ ସମ ବା ସ୍ଥିର ରହିବା, ଈଶ୍ୱରଙ୍କ ପ୍ରତି ଅନନ୍ୟ ଯୋଗ ଦ୍ୱାରା ଅବ୍ୟଭିଚାରିଣୀ ଭକ୍ତି ରଖିବା, ଏକାନ୍ତ ବାସ, ଜନସମ୍ପର୍କରେ ପ୍ରୀତି ରହିତ ଭାବ, ଆଧାତ୍ମ ଜ୍ଞାନରେ ନିତ୍ୟଯୁକ୍ତ ରହିବା, ତତ୍ତ୍ୱଜ୍ଞାନର ଅର୍ଥସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା ଆଦି ଏହି କୋଡ଼ିଏଟି ହେଉଛି ଜ୍ଞାନ ପ୍ରାପ୍ତିର ସାଧନ। ଏହି ଦିବ୍ୟଗୁଣଗୁଡ଼ିକୁ ଜଣେ ଜୀବନରେ ଧାରଣ କଲେ ସେ ଜୀବନରେ ବଞ୍ଚିଁବାର କଳା ଶିଖିଯିବ। ସେ ସ୍ଥିତଧି ହୋଇଯିବ। ତା'ର ଦିବ୍ୟ ସ୍ଥିତି ଲାଭ ହେବ। ଯାହାଦ୍ୱାରା ତାକୁ ଆଉ ଦୁଃଖ, ଶୋକ, ତାପ ପ୍ରଭାବିତ କରିପାରିବ ନାହିଁ। ସର୍ବତ୍ର ସର୍ବକାଳରେ ଆନନ୍ଦ ହିଁ ଆନନ୍ଦ ଉପଲବ୍ଧ ହେବ।

ସମସ୍ତ ଶାସ୍ତ୍ରର ସାରମର୍ମକୁ ଭଗବାନ ତାଙ୍କ ମୁଖନିସୃତ ବାଣୀ ଶ୍ରୀମଦ୍ ଭଗବଦ୍ ଗୀତାର ନିର୍ଯ୍ୟାସ ଭାବେ ପ୍ରଦାନ କରିଛନ୍ତି।

**"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ**
**ଅହଂତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।"**
**(ଗୀତା-୧୮/୬୬)**

ଅର୍ଥାତ୍ ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କରନାହିଁ। ଶରଣାଗତି ହିଁ ଗୀତାର ସାର। ଏହା ସାରା ମାନବ ଜାତି ପାଇଁ ଭଗବାନଙ୍କର ସବିଶେଷ ବରଦାନ। ଭୟଙ୍କର ଯୁଦ୍ଧକ୍ଷେତ୍ରରେ ଭଗବାନ ତାଙ୍କ ଶୋକାତୁର ବିଷାଦଗ୍ରସ୍ତ ସଖା ଅର୍ଜୁନଙ୍କୁ ଗୀତା ଶୁଣାଇ ଥିଲେ। ଗୀତାର ଉପଦେଶ ପ୍ରଭାବରେ ଅର୍ଜୁନ ବିଷାଦରୁ ମୁକ୍ତ ହୋଇ ପ୍ରସାଦ ପ୍ରାପ୍ତ ହୋଇଥିଲେ।

ସନାତନ ଧର୍ମରେ ଭାରତୀୟ ସଂସ୍କୃତିର ମୂଳ ଲକ୍ଷ୍ୟ ହେଉଛି କିଭଳି ପ୍ରତ୍ୟେକ ବ୍ୟକ୍ତି ପ୍ରସାଦ ପ୍ରାପ୍ତ ହୋଇ ଆନନ୍ଦମୟ ଜୀବନଯାପନ କରିବେ। ସତ୍ୟଦ୍ରଷ୍ଟା ମୁନିଋଷି ମାନେ ତାଙ୍କ ଦିବ୍ୟଦୃଷ୍ଟି ବଳରେ ବହୁ ଅନୁସନ୍ଧାନରୁ ଅନୁଭବ କଲେ ବ୍ୟକ୍ତି ବଦଳିଲେ ସମାଜ ବଦଳିବ। ଏକ ସୁସ୍ଥ ସୁନ୍ଦର ସ୍ୱାବଲମ୍ବୀ ସମାଜ କେବଳ ଶାନ୍ତ ସୁନ୍ଦର ବିଶ୍ୱ ନିର୍ମାଣରେ ସହାୟକ ହୋଇପାରିବ। ସେମାନେ ମାନବର ଜୀବନ କାଳକୁ ହାରାହାରି ଶହେବର୍ଷ ଆକଳନ କରି ତାକୁ ଚାରିଗୋଟି ଆଶ୍ରମରେ ବିଭାଜନ କରିଛନ୍ତି। ସେସବୁ ହେଲେ ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହ୍ୟସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ନ୍ୟାସ ଆଶ୍ରମ। ଏକ ପରିପୂର୍ଣ୍ଣ ଜୀବନର ପରିଭାଷା ଏହି ଆଶ୍ରମ ସବୁରେ ଲିପିବଦ୍ଧ ହୋଇଛି। ବ୍ରହ୍ମଚର୍ଯ୍ୟାଶ୍ରମ ହେଉଛି ବିଦ୍ୟାର୍ଥୀ ଜୀବନ। ଏହା ପ୍ରସ୍ତୁତି ପର୍ବ। ଗାର୍ହ୍ୟସ୍ଥ ଜୀବନ ହେଉଛି ପ୍ରୟୋଗ ପର୍ବ। ବାନପ୍ରସ୍ଥାଶ୍ରମ ହେଉଛି ପର୍ଯ୍ୟବେକ୍ଷଣ ପର୍ବ ଏବଂ ସନ୍ନ୍ୟାସାଶ୍ରମ ହେଉଛି ସତ୍ୟର ଅନୁଭବ ବା ଆତ୍ମ ଉପଲବ୍ଧି ପର୍ବ। ଧୀରେ ଧୀରେ ବୃକ୍ଷ ପରିବର୍ଦ୍ଧିତ ହୋଇ ପରିଶୋଭବାନ ହେବା ସହ ଜଗତ ହିତରେ ସମର୍ପିତ ହେଲାପରି ଆମ ଜୀବନ କଳାତ୍ମକ ହୋଇ ସଂସାରର ଶୋଭା ବର୍ଦ୍ଧନ ସହିତ ହିତ ସାଧନରେ ରତ ରହିଲେ ସରଳ ଓ ସାର୍ଥକ ହୋଇପାରିବ।

**ମାଳତୀ କୁଞ୍ଜ, ପ୍ଲଟ-ନଂ-୫୨୬ ଡି, ସେକ୍ଟର-୧୦, ସିଡ଼ିଏ, କଟକ**
**ମୋବାଇଲ: ୮୭୬୩୧୦୭୧୨୬**

# ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ



**ସୁରେଶ ଚନ୍ଦ୍ର ମହାନ୍ତି**

ଓଡ଼ିଆ ଧର୍ମଚେତନା ଓ ଆଧାତ୍ମିକ ଭାବଧାରାରେ ଆଦିକବି ସାରଳା ଦାସ ପ୍ରଖ୍ୟାତ ଓ ପ୍ରତିଟି ଓଡ଼ିଆଙ୍କ ପାଖରେ ଜଣେ ଅତି ଆପଣାର ସୁନାମଧନ୍ୟ ଆଧାତ୍ମିକ ସତ୍ତା ତଥା ଆଦିକବି ଭାବେ ସୁପରିଚିତ। ପଞ୍ଚଦଶ ଶତାବ୍ଦୀର ଓଡ଼ିଆ କବି ସାରଳା ଦାସ "ଶୁଦ୍ର ମୁନି', "ଉତ୍କଳବ୍ୟାସ' ତଥା "ଆଦିକବି' ରୂପେ ସୁପରିଚିତ। ସେ ଗଜପତି କପିଳେନ୍ଦ୍ରଦେବଙ୍କ ସମସାମୟିକ। ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ଝଙ୍କଡ଼ର କନକପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ। ତେବେ ନିର୍ଦ୍ଦିଷ୍ଟ ଭାବେ କେବେ ଜନ୍ମ ହୋଇଥିଲେ, ଜଣାଯାଏ ନାହିଁ। ତାଙ୍କ ପିତୃଦତ୍ତ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା। ମା'ଶାରଳା ଠାକୁରାଣୀଙ୍କ କୃପାରୁ ସେ ମହାକବି ହୋଇପାରିଥିଲେ। ତେଣୁ ସେ ନିଜକୁ "ଶାରଳାଦାସ' କହୁଥିଲେ। ଶାରଳାଙ୍କ ଦାସରୁ ସାରଳାଦାସ। କୃଷି କର୍ମ ଥିଲା ତାଙ୍କର କୌଳିକ ବୃତ୍ତି। ସେ ଓଡ଼ିଆ ମହାଭାରତର ରଚୟିତା, ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣ ତାଙ୍କର ଅନ୍ୟ ଦୁଇଟି ପ୍ରସିଦ୍ଧ କୃତି। ବ୍ୟାସଦେବ ରଚିତ ମହାଭାରତକୁ ସେ ନିଜସ୍ୱ କଳ୍ପନା ଦ୍ୱାରା ଓଡ଼ିଆ ଭାଷାରେ ପ୍ରାଣବନ୍ତ କରିଥିଲେ।

ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟ ତଥା ୧୪୨୧ ମସିହା ମାର୍ଗଶୀର ମାସ ବିଛା କୃଷ୍ଣ ପ୍ରତିପଦା ତିଥିରେ ପିତା ଯଶୋବନ୍ତ ମାତା ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ସିଦ୍ଧେଶ୍ୱର ପରିଡ଼ା। ଯାହା ଅଧୁନା ଓଡ଼ିଶାର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅନ୍ତର୍ଗତ। ପରବର୍ତ୍ତୀ ସମୟରେ ମା'ଶାରଳା ଠାକୁରାଣୀଙ୍କ ଅନୁଗ୍ରହର ନିଜ ସାଧନା ପୀଠ ତେନ୍ତୁଳିପଦା ଗ୍ରାମର ମୁନିଗୋସାଇଁ ପୀଠରେ ଅନେକ କାଳଜୟୀ ଗ୍ରନ୍ଥ ରଚନା କରି ଆଦିକବି ସାରଳା ଦାସ ନାମରେ ପରିଚିତ ହୋଇ ପାରିଥିଲେ। ପିଲାଦିନରୁ ପାଠ ପଢ଼ିବାର ସୁବିଧା ନଥିବାରୁ ଶିକ୍ଷା ଗ୍ରହଣ କରିବା ସମ୍ଭବ ନ ଥିଲା। ସେତେବେଳେ ସଂସ୍କୃତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିଲା। ଯାହାଫଳରେ ପଣ୍ଡିତମାନେ ସଂସ୍କୃତ ଶିକ୍ଷା ଲାଭ କରି ପୁରାଣ ପାଠ କରୁଥିଲେ। ତେଣୁ ସାରଳା ଦାସ ଅନୁପ୍ରାଣୀତ ହୋଇ ଜ୍ଞାନି ପଣ୍ଡିତ ମାନଙ୍କ ସହ ମିଶିବାର ସୁଯୋଗ ପାଉଥିଲେ ଓ ନିକଟସ୍ଥ ଗ୍ରାମ ଚାଟଶାଳୀରେ ପାଠ ପଢ଼ିଥିଲେ। ଅପର ପକ୍ଷରେ ଜନଶ୍ରୁତିରୁ ଜଣାଯାଏ ସାରଳା ଦାସ ଜାତସ୍ମର ଥିଲେ। "ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ, ଦ୍ୱିତୀୟ ଜନମେ ମୁହିଁ ମହା କାଳଧ୍ୱଂସ, ତୃତୀୟ ଜନମେ ମୁହିଁ ସାରଳା ଦାସ କବି, ଏ ମର୍ତ୍ତ୍ୟ ମଣ୍ଡଳେ ଆଉ ଜନମ ଲଭିବି।'

ଅପରପକ୍ଷରେ ସମାଜରେ ସଂସ୍କୃତ ଭାଷା ଶୀର୍ଷ ସୋପାନରେ ପହଞ୍ଚିଥିଲା ସତ କିନ୍ତୁ, ସାଧାରଣ ଜନତା ସଂସ୍କୃତ ଭାଷାର ବୋଧଗମ୍ୟରୁ ବଞ୍ଚିତ ଥିଲେ। ଏହି ଭାଷା ବୈଷମତାକୁ ଦୂର କରିବାକୁ ଯାଇ ସିଦ୍ଧେଶ୍ୱର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କୁ ଆରଧନା କରି ଲେଖନୀ ତାଳପତ୍ର ଖୋଦା ଧରି ନିର୍ଭିକ ବୋଧଗମ୍ୟ ହେଲାଭଳି କାର୍ଯ୍ୟ କରିଥିଲେ। ଯାହାକୁ ଲୋକମାନେ ସହଜରେ ପାଠ କରିପାରିବେ। ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ



ସେଥିରେ ଥିଲା ରାମାୟଣ, ମହାଭାରତ ଓ ଭାଗବତ ସେ ବାରମ୍ବାର କହିଛନ୍ତି - "ସେ ଦେବୀ ପ୍ରସନ୍ନେ କହିଲେ ଆଦିଗ୍ରନ୍ଥ, ଆଦ୍ୟେ ରାମାୟଣ, ଦ୍ୱିତୀୟେ ମହାଭାରତ, ତୃତୀୟେ ପୁଣି ମୁଁ ଲେଖିଲି ଭାଗବତ, ମୁର୍ଖ ଅଜ୍ଞାନ ମୁହିଁ ଅଟଇ ଅପଣ୍ଡିତ।'

ଓଡ଼ିଆ ଭାଷାର ପ୍ରଥମ ପୁରାଣକାର ସାରଳା ଦାସ ଓଡ଼ିଆ ଆଧାତ୍ମିକ, ପୌରାଣିକ ସାହିତ୍ୟିକ ଜଗତରେ ଏକ ବଳିଷ୍ଠ ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ। ସେଥିପାଇଁ ସେ ହେଲେ ଆଦି କବି। ଯେଉଁ କଥା ବସ୍ତୁ ତାହା ଗ୍ରନ୍ଥରେ ଭାଷା ଅତି ସରଳ ଓ ସର୍ବଜନବୋଧ। ଯେଉଁ ସବୁ ଗ୍ରନ୍ଥ ସେ ରଚନା କରିଯାଇଛନ୍ତି, ସେଥିମଧ୍ୟରୁ "ସାରଳା ମହାଭାରତ' ବୃହତ୍ତମ। ମହାଭାରତରେ ସେ ୧୮ଟି ପର୍ବ ବର୍ଣ୍ଣିତ କରିଯାଇଛନ୍ତି। ସେଥି ମଧ୍ୟରେ ଓଡ଼ିଶାର ସବୁଦିଗକୁ ଲକ୍ଷ୍ୟ କରି ତାର ଭୌଗୋଳିକ ଅବସ୍ଥା ସହ ମଠ ମନ୍ଦିର, ଧର୍ମପୀଠ ଓ ପ୍ରାକୃତିକ ବିଭବକୁ ସ୍ଥାନ ଦେବାରେ ସେ ଭୁଲି ନାହାଁନ୍ତି। ମହାଭାରତରେ ମଧ, ସେ ପ୍ରବଚନ, ନୀତିକଥା ଓ ଲୋକ କଥାକୁ ପ୍ରାଧନ୍ୟତା ଦେଇଛନ୍ତି।

ସର୍ବଶେଷ ଝଙ୍କଡ଼ବାସିନୀ ମା'ଶାରଳାଙ୍କ ଦୈବ କୃପାରୁ ତାଙ୍କର କବିତ୍ୱ ଉଦୟ ହୋଇଥିଲା ବୋଲି ସେ ତାଙ୍କ ରଚିତ ଗ୍ରନ୍ଥ ମାନଙ୍କରେ କହିଛନ୍ତି - "ସେ ଯାହା ରାତ୍ରରେ କହେ ତାହା ମୁଁ ଲେଖଇ, ମୂର୍ଖ ଅପଣ୍ଡିତ ମୋର ଶାସ୍ତ୍ର ଜ୍ଞାନ ନାହିଁ' ଆଜି ଆଦିକବିଙ୍କର ପବିତ୍ର ଶ୍ରାଦ୍ଧୋତ୍ସବ ପ୍ରତିବର୍ଷ ମାଘ ସପ୍ତମୀ ତିଥିରେ ପାଳନ କରାଯାଏ। ଯେଉଁ ମାଟିରେ ସାଧନା କରି ଆଦିକବି ତାଙ୍କର ଲେଖନୀ ଚାଳନା କରି "ମହାଭାରତ' ଭଳି ଅପୂର୍ବ ଗ୍ରନ୍ଥ ରଚନା କରିଯାଇଛନ୍ତି ତାଙ୍କର କୃତି ପାଇଁ ଆଜି ଓଡ଼ିଆ ଜାତି ଗର୍ବିତ। କବିଙ୍କର ବଂଶଧରମାନେ ତାଙ୍କ ସାଧନାପୀଠ "ମୁନି ଗୋସାଇଁ ମଠ'ରେ ୧୪୯୫ ମସିହା ମାଘ ଶୁକ୍ଳ ସପ୍ତମୀ ତିଥି ଦିନରୁ ମହାପ୍ରୟାଣ ଦିବସ ପିଣ୍ଡଦାନ କରି ଆସୁଛନ୍ତି। ସେହି ମହାନ କବିଙ୍କର ପୂର୍ଣ୍ୟ ତିଥିରେ ଅଧମ ଭକ୍ତି ପ୍ରଣାମ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ପ୍ରତିଟି ଓଡ଼ିଆଙ୍କ ଭିତରେ ମୁହିଁ ସଞ୍ଚର ସଳିତାର ଆଲୋକବର୍ତ୍ତିକା ପରି ପ୍ରତି କ୍ଷଣ ଓ ପ୍ରତି ମୁହୂର୍ତ୍ତରେ ତାଙ୍କ ଦିବ୍ୟ ଆଶୀର୍ବାଦର କୃପା ଆମ ସମସ୍ତଙ୍କ ଉପରେ ଝରିପଡୁ ଏହା ହିଁ ପ୍ରାର୍ଥନା।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
**ତେନ୍ତୁଳିପଦା, ଝଙ୍କଡ଼, ଜଗତସିଂହପୁର**
**ମୋବାଇଲ୍: ୯୪୩୭୩୧୭୧୭୭**

## ସେନାମୁଖ୍ୟଙ୍କୁ ନେଇ ମିଛ କହୁଛନ୍ତି ରାହୁଲ: ରାଜନାଥ ସିଂ

**ନୂଆଦିଲ୍ଲୀ, ୪।୨:** ଲୋକସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଚୀନ୍ କୁ ନେଇ କରିଥିବା ଦାବିକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଏହାର ଜବାବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର ରାହୁଲ ଗାନ୍ଧିଙ୍କୁ ଜବାବ ଦେଇ କହିଛନ୍ତି ଯେ ସେ ମିଛ କହୁଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ସେନା ମୁଖ୍ୟଙ୍କ ସମ୍ପର୍କରେ ରାହୁଲ ଗାନ୍ଧି ଯେଉଁ କଥା କହିଥିଲେ ତାହା ସେ କେବେ କହିନଥିଲେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ରାହୁଲ ଗାନ୍ଧି ଜାତୀୟ ସ୍ୱାର୍ଥ ପ୍ରସଙ୍ଗରେ ଦାୟିତ୍ୱହୀନ ରାଜନୀତିରେ ଲିପ୍ତ ଅଛନ୍ତି । ରାଜନାଥ କହିଛନ୍ତି, "୨୦୨୫ ଫେବ୍ରୁଆରି ୩ ତାରିଖରେ ସଂସଦରେ ଦେଇଥିବା ଭାଷଣରେ ରାହୁଲ ଗାନ୍ଧି ଭାରତ-ଚୀନ୍ ସୀମାର ସ୍ଥିତି ସଂପର୍କରେ ସେନାମୁଖ୍ୟଙ୍କ ବୟାନକୁ ନେଇ ମିଥ୍ୟା ଅଭିଯୋଗ ଆଣିଥିଲେ। ସେନାମୁଖ୍ୟଙ୍କ ମନ୍ତବ୍ୟରେ କେବଳ ଉଭୟ ପକ୍ଷର ପାରମ୍ପରିକ ପାଟ୍ରୋଲିଂରେ ବାଧା ସୃଷ୍ଟି ହୋଇଥିବା ଉଲ୍ଲେଖ କରାଯାଇଛି। ସେ ଆହୁରି ମଧ କହିଥିଲେ ଯେ ନିକଟରେ ହୋଇଥିବା ସେନା ପ୍ରତ୍ୟାହାରର ଏକ ଅଂଶ ଭାବରେ ଏହି ଅଭ୍ୟାସଗୁଡ଼ିକୁ ସେମାନଙ୍କର ପାରମ୍ପରିକ ରୂପରେ ପୁନରୁଦ୍ଧାର କରାଯାଇଛି। ସରକାର ସଂସଦରେ ଏହି ବିବରଣୀ ରଖିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ସେନା ମୁଖ୍ୟଙ୍କ ସମ୍ପର୍କରେ ରାହୁଲ ଗାନ୍ଧି ଯେଉଁ କଥା କହିଥିଲେ ତାହା ସେ କେବେ କହିନଥିଲେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ରାହୁଲ ଗାନ୍ଧି ଜାତୀୟ ସ୍ୱାର୍ଥ ପ୍ରସଙ୍ଗରେ ଦାୟିତ୍ୱହୀନ ରାଜନୀତିରେ ଲିପ୍ତ ଅଛନ୍ତି । ଯଦି ଚୀନ୍ କୌଣସି ଭାରତୀୟ ଅଞ୍ଚଳ ଦଖଲ କରିଛି, ତାହା ହେଉଛି ୧୯୬୨ ଯୁଦ୍ଧ ସମୟରେ ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶୀଙ୍କ ନାମରେ ୨ଟି ମାମଲା ରୁଜୁ

**ନୂଆଦିଲ୍ଲୀ, ୪।୨:** ମଙ୍ଗଳବାର ଦିନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶୀଙ୍କ ନାମରେ ଦୁଇଟି ମାମଲା ରୁଜୁ କରିଛି। ପ୍ରଥମଟି ଅତିଶୀ ଆଚରଣ ସଂହିତା ଉଲ୍ଲଂଘନ କରିଛନ୍ତି ବୋଲି ଓ ଦ୍ୱିତୀୟଟି ତାଙ୍କର ଜଣେ ସମର୍ଥକ ପୁଲିସ୍‌କୁ ଆକ୍ରମଣ କରିବା ଅଭିଯୋଗରେ। କାଲକାଜିର ଆପ ପ୍ରାର୍ଥୀ ଦିଲ୍ଲୀ ପୁଲିସ ଉପରେ ପ୍ରବଳ ବର୍ଷିଛନ୍ତି। ସେ ଦାବି କରିଛନ୍ତି ଯେ ସେ ତାଙ୍କ ପ୍ରତିଦ୍ୱନ୍ଦୀ ରମେଶ ବିଧୁରୀଙ୍କ ବିରୋଧରେ ଆଦର୍ଶ ଆଚରଣ ସଂହିତା ଅଭିଯୋଗ ଆଣିବା ପରେ ଏପରି ଦଣ୍ଡ ଦିଆଯାଉଛି। ବିଧୁରୀଙ୍କ ପ୍ରତି ଆଖି ବନ୍ଦ କରି ସମ୍ବେଦନଶୀଳ ହେବା ଅଭିଯୋଗ ଆଣି ସେ ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ଏବଂ ଦିଲ୍ଲୀ ପୁଲିସ ଉଭୟଙ୍କୁ ନିନ୍ଦା କରିଛନ୍ତି। ଅତିଶୀ ଏକ ଏକ୍ସ ପୋଷ୍ଟ ଜରିଆରେ କହିଛନ୍ତି, "ନିର୍ବାଚନ କମିସନ ମଧ ଆଶ୍ଚର୍ଯ୍ୟଜନକ! ରମେଶ ବିଧୁରୀ ଜୀଙ୍କ ପରିବାର ସଦସ୍ୟମାନେ ଖୋଲାଖୋଲି ଭାବରେ ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ କରୁଛନ୍ତି। ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମୁଁ ଏକ ଅଭିଯୋଗ ଦାଖଲ କରି ପୁଲିସକୁ ଫୋନ୍ କରିବା ପରେ ସେମାନେ ମୋ ବିରୋଧରେ ଏକ ମାମଲା ରୁଜୁ କରିଛନ୍ତି।" ପୁଲିସର କହିବା ଅନୁଯାୟୀ, ଅତିଶୀ ଦଶଟି ଗାଡ଼ି ଏବଂ ପ୍ରାୟ ଷାଠିଏ ସମର୍ଥକଙ୍କ ସହିତ ଫତେହ ସିଂହ ମାର୍ଗରେ ପହଞ୍ଚି ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ କରିଛନ୍ତି। ଯେତେବେଳେ ତାଙ୍କୁ ଯିବାକୁ କୁହାଯାଇଥିଲା, ସେ ମନା କରିଦେଇଥିଲେ ବୋଲି ପୁଲିସ୍ ଅଭିଯୋଗ ଆଣିଛି।

## ଉତ୍ତରପ୍ରଦେଶରେ ଦୁଇ ମାଲବାହୀ ଟ୍ରେନ୍ ଧକ୍କା

**ନୂଆଦିଲ୍ଲୀ, ୪।୨:** ଫେବ୍ରୁଆରି ୪ ତାରିଖ ଭୋର ୪ଟା ବେଳେ ଉତ୍ତରପ୍ରଦେଶର ଫତେହପୁର ଜିଲ୍ଲାରେ ଦୁଇଟି ମାଲବାହୀ ଟ୍ରେନ୍ ଧକ୍କା ହୋଇ ବଡ଼ ଧରଣର ଦୁର୍ଘଟଣା ଘଟିଛି। ପ୍ରୟାଗରାଜରୁ କାନପୁର ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନ୍ ସହ ଆଉ ଗୋଟିଏ ମାଲବାହୀ ଟ୍ରେନ୍ ଧକ୍କା ହୋଇଛି। ମିଳିଥିବା ସୂଚନା ମୁତାବକ, ମାଲବାହୀ ଟ୍ରେନ୍ ଲାଲ ସିଗନାଲରେ ଠିଆ ହୋଇଥିବା ବେଳେ, ପଛପଟୁ ଆସି ଆଉ ଗୋଟିଏ ଟ୍ରେନ୍ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣା ବେଳକୁ ମାଲବାହୀ ଟ୍ରେନର ଗାର୍ଡ ସୋନୁ ବର୍ମା ଡେଇଁ ପଡ଼ି ନିଜ ଜୀବନ ବଞ୍ଚାଇଥିଲେ କିନ୍ତୁ ଆହତ ହୋଇଥିଲେ। ମିଳିଥିବା ସୂଚନା ମୁତାବକ, ଦୁର୍ଘଟଣା ଘଟିବା ପରେ ଉଦ୍ଧାର ପ୍ରକ୍ରିୟା ଜାରି ରହିଛି। ଦୁର୍ଘଟଣା ନେଇ ସୂଚନା ମିଳିବା ପରେ, ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମାଲବାହୀ ଟ୍ରେନଟି ଲାଇନରେ ଠିଆ ହେଇଥିଲା। ଆଉ ସେହି ସମୟରେ ହିଁ ଦୁର୍ଘଟଣା ଘଟିଥିଲା।

## ମହାରାଷ୍ଟ୍ରରେ ମରାଠୀ, ନିୟମ ନମାନିଲେ କାର୍ଯ୍ୟାନୁଷ୍ଠାନ ବାଧ୍ୟତାମୂଳକ



**ମୁମ୍ବାଇ, ୪।୨:** ମହାରାଷ୍ଟ୍ରରେ ବାଧ୍ୟତାମୂଳକ ହେଲା ମରାଠୀ ଭାଷା। ମାତୃଭାଷାକୁ ସରକାରୀସ୍ତରରେ ବାଧ୍ୟତାମୂଳକ କଲେ ମହାରାଷ୍ଟ୍ର ସରକାର। ଯଦି କୌଣସି କର୍ମଚାରୀ ଏହି ନିୟମକୁ ଉଲ୍ଲଙ୍ଘନ କରେ ତାହାଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିଜ ମାତୃଭାଷା ପ୍ରତି ଅହେତୁକ ପ୍ରୀତି ଦେଖାଇ କଠୋର ହୋଇଛନ୍ତି ଫଡନାଭିସ୍ ସରକାର। ତେବେ ମହାରାଷ୍ଟ୍ର ସରକାର ସରକାରୀ ସଂକଳ୍ପ ଜାରି କରି ସମସ୍ତ ସରକାରୀ କାର୍ଯ୍ୟାଳୟରେ ମରାଠୀ ଭାଷାର ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି। ଏଥିରେ କୁହାଯାଇଛି ଯେ ସମସ୍ତ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ମରାଠୀ ଭାଷାରେ କଥା ହେବେ। ଭାରତ ବାହାରୁ ଏବଂ ଅନ୍ୟ ଅଣ-ମରାଠୀ ଭାଷୀ ରାଜ୍ୟରୁ ଆସୁଥିବା ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତ ପର୍ଯ୍ୟଟକଙ୍କ ସହ କଥାବାର୍ତ୍ତା କରିବା ସମୟରେ ମରାଠୀ ଭାଷା ବ୍ୟବହାର କରିବା ଉଚିତ୍। ମହାରାଷ୍ଟ୍ର ସରକାରଙ୍କ ଅଧୀନରେ ଥିବା ସରକାରୀ କାର୍ଯ୍ୟାଳୟ, ଅର୍ଦ୍ଧସରକାରୀ କାର୍ଯ୍ୟାଳୟ, ନିଗମ ଏବଂ ଅନ୍ୟାନ୍ୟ ସରକାରୀ ସମ୍ବନ୍ଧୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଭାରତ ବାହାରୁ ଏବଂ ଅନ୍ୟ ଅଣ-ମରାଠୀ ଭାଷୀ ରାଜ୍ୟରୁ ଆସୁଥିବା ପର୍ଯ୍ୟଟକଙ୍କ ବ୍ୟତୀତ ସେମାନଙ୍କ ଅଫିସରେ ସମସ୍ତେ ଏବଂ ନିଜ ରାଜ୍ୟର ପର୍ଯ୍ୟଟକଙ୍କ ସହିତ ମରାଠୀ ଭାଷା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଯଦି କୌଣସି ସରକାରୀ ଅଧିକାରୀ ଏହି ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼େ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଚୋରି କରି ପ୍ରେମିକାକୁ ୩କୋଟିର ଘର ଉପହାର

● ବିଚିତ୍ର ମାନବିକତା

**ବେଙ୍ଗାଲୁରୁ, ୪।୨:** ପ୍ରେମ ବିଷୟରେ ଆପଣ ଅନେକ କାହାଣୀ ଶୁଣିଥିବେ। ପ୍ରେମ ପାଇଁ କିଏ ତାଜମହଲ ତିଆରି କରିଛି, ତ କିଏ ପାହାଡର ଛାତି ଚିରି ତିଆରି କରିଛି ସଡକ। ହେଲେ ବେଙ୍ଗାଲୁରୁରେ ଜନୈକ ଚୋରର ଅଜବ ପ୍ରେମ କାହାଣୀ ସାମ୍ନାକୁ ଆସିଛି। ଚୋରି କରିଥିଲା ଆଉ ସେ ପଇସାରେ ପ୍ରେମିକା ପାଇଁ ତିଆରି କରିଥିଲା ଆଲିଶାନ ବଙ୍ଗଳା। ତେବେ ପୋଲିସ ହାତରେ ଧରାପଡି ବର୍ତ୍ତମାନ ଅଭିଯୁକ୍ତ ଜେଲର ଚାରି କାନ୍ଥ ମଧରେ ଚକି ପେଶୁଛି। ଅଭିଯୁକ୍ତର ନା ପଞ୍ଚାକ୍ଷରୀ ସ୍ୱାମୀ। ଏପରିକି ଅଭିଯୁକ୍ତ ଜଣଙ୍କର ପ୍ରେମିକା ଜଣେ ଅଭିନେତ୍ରୀ ବୋଲି ଜଣା ପଡିଛି। ୩୭ ବର୍ଷର ପଞ୍ଚାକ୍ଷର ସ୍ୱାମୀ ମହାରାଷ୍ଟ୍ରର ସୋଲାପୁର ଅଞ୍ଚଳର ଅଟେ। ସେ ବିବାହିତ ଓ ତାର ଛୁଆ ରହିଥିଲେ ମଧ ଅନ୍ୟ ମହିଳାଙ୍କ ସହ ତାର ସମ୍ପର୍କ ଥାଏ।

୨୦୦୩ ମସିହାରେ ନାବାଳକ ଥିବା ଅବସ୍ଥାରେ ଚୋରି କରିବା ଆରମ୍ଭ କରିଥିଲା ସ୍ୱାମୀ। ୨୦୦୯ ବେଳକୁ ସେ ଜଣେ ପେଶାଦାର ଚୋର ହୋଇ ସାରିଥିଲା। ଏହା ମଧରେ କୋଟି କୋଟି ଟଙ୍କା ଆୟ କରୁଥିବା ବେଳେ ୨୦୧୪-୧୫ରେ ଜଣେ ଅଭିନେତ୍ରୀଙ୍କ ସହ ତାର ସମ୍ପର୍କକୁ ନେଇ ଚର୍ଚ୍ଚା ହୋଇଥିଲା। ଜେରା ସମୟରେ ଚୋର ଜଣଙ୍କ ଉକ୍ତ ଅଭିନେତ୍ରୀଙ୍କ ପଛରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ସ୍ୱୀକାର କରିଥିଲା ଚୋର। ଅଭିନେତ୍ରୀଙ୍କ ଘର କୋଲକାତାରେ ହୋଇଥିବା ବେଳେ ତାଙ୍କ ପାଇଁ ସେ ୩ କୋଟିର ଘର ତିଆର କରିଥିଲା। ଏହା ସହିତ ୨୨ ଲକ୍ଷ ଟଙ୍କାର ଏକ ଆକ୍ୱାରିୟମ ମଧ ଗିଫ୍ଟ କରିଥିଲା। ୨୦୧୬ରେ ସ୍ୱାମୀ ପ୍ରଥମ ଥର ଗୁଜରାଟ ପୋଲିସ ଦ୍ୱାରା ଗିରଫ ହୋଇଥିବା ବେଳେ ୬ ବର୍ଷ ଜେଲରେ ରହିଥିଲ। ପରେ ମହାରାଷ୍ଟ୍ରରେ ସମାନ ଏକ ମାମଲାରେ ଗିରଫ ହୋଇଥିଲା। ୨୦୨୪ରେ ଜେଲରୁ ମୁକୁଳିବା ପରେ ସେ ବେଙ୍ଗାଲୁରୁକୁ ସିଫ୍ଟ କରିଥିଲା। ଜାନୁଆରୀ ୯ ତାରିଖରେ ବେଙ୍ଗାଲୁରୁର ମଡିଭାଳା ମାର୍କେଟରୁ ଚୋରି କରି ଧରା ପଡିଥିଲା ସ୍ୱାମୀ। ପୋଲିସ ତା ନିକଟରୁ ଏକ ଲୁହା ରଡ, ସୁନା ତରଳାଇବାରେ ବ୍ୟବହୃତ ଫାୟାର ଗନ ଉଦ୍ଧାର କରିଥିଲା। ଏହା ସହିତ ୧୮୧ ଗ୍ରାମର ସୁନା ବିସ୍କୁଟ ଓ ୩୩୩ ଗ୍ରାମର ରୂପା ଉଦ୍ଧାର କରାଯାଇଥିଲା। କରାଟେରେ ବ୍ଲାକ ବେଲ୍ଟ ଡିଗ୍ରୀ ହାସଲ କରିଥିବା ସ୍ୱାମୀ ଚୋରି କରିବା ପରେ ରାସ୍ତାରେ ହିଁ ନିଜର କପଡା ବଦଳାଏ।

## କୁନୋ ଜାତୀୟ ଉଦ୍ୟାନରେ ମା' ହେଲା ଚିତା 'ବୀରା'



ଜନ୍ମ ଦେଲା ୨ ଶାବକ

ଲକ୍ଷ୍ନୌ, ୪।୨: ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ପୁଣିଥରେ ଚିତା ଶାବକ ଜନ୍ମ ହୋଇଛନ୍ତି। ମଙ୍ଗଳବାର ମାଈ ଚିତା 'ବୀରା' ୨ଟି ଶାବକଙ୍କୁ ଜନ୍ମ ଦେଇଛି। ଏବେ ପାର୍କରେ ମୋଟ ଚିତା ସଂଖ୍ୟା ବଢ଼ି ୨୬ ହୋଇଛି। ସେଥି ମଧରେ ୧୨ ବୟସ୍କ ଚିତା ଥିବାବେଳେ ୧୪ ଶାବକ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଶାବକମାନଙ୍କ ଫଟୋ ସେୟାର କରି ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, 'କୁନି ଚିତାଙ୍କ ହସରେ ପୁଣିଥରେ ଗୁଞ୍ଜରିତ ହେଲା କୁନୋ...ମଧ୍ୟପ୍ରଦେଶର 'ଜଙ୍ଗଲ ବୁକ'ରେ ୨ ଚିତା ଶାବକ ପ୍ରବେଶ କଲେ'। 'ମୋତେ ଏହି ସୂଚନା ସେୟାର କରି ଅତ୍ୟନ୍ତ ଖୁସି ଲାଗୁଛି ଯେ ମଧ୍ୟପ୍ରଦେଶ ମାଟିରେ ଚିତା ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଆଜି ମାଈ ଚିତା ବୀରା ୨ ଶାବକଙ୍କୁ ଜନ୍ମ ଦେଇଛି। ଏହି ଚିତା ଶାବକମାନଙ୍କୁ ମଧ୍ୟପ୍ରଦେଶ ମାଟିକୁ ସ୍ୱାଗତ ଏବଂ ମୁଁ ରାଜ୍ୟବାସୀଙ୍କୁ ଏହି ଶାବକମାନଙ୍କ ଆଗମନରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି'। ସିଏମ୍ ଆହୁରି ଲେଖିଛନ୍ତି, ଏହି ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଧିକାରୀ, ଡାକ୍ତର ଏବଂ ଫିଲ୍ଡ ଷ୍ଟାଫଙ୍କୁ ଅଭିନନ୍ଦନ ଜଣାଉଛି, ଯାହାଙ୍କ ଅକ୍ଳାନ୍ତ ପରିଶ୍ରମର ଫଳସ୍ୱରୂପ ଆଜି ମଧ୍ୟପ୍ରଦେଶ 'ଚିତାଙ୍କ ଦେଶ' ଭାବରେ ମଧ ଜଣାଯାଉଛି। ରାଜ୍ୟରେ ଚିତାଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବା ଯୋଗୁ ପର୍ଯ୍ୟଟନକୁ ନୂତନ ପ୍ରୋତ୍ସାହନ ମିଳୁଛି। ଯାହା ଦ୍ୱାରା ନିଯୁକ୍ତିର ନୂତନ ଦ୍ୱାର ଖୋଲୁଛି। ଆମେ ଚିତାଙ୍କ ସହିତ ସମସ୍ତ ବନ୍ୟପ୍ରାଣୀଙ୍କ ସଂରକ୍ଷଣ, ପ୍ରୋତ୍ସାହନ ଏବଂ ପୁନଃସ୍ଥାପନ ପାଇଁ ସର୍ବଦା ତତ୍ପର। ଏହା ପୂର୍ବରୁ ଗତ ବର୍ଷ କୁନୋରେ ଜନ୍ମ ହୋଇଥିଲେ ୩ ବାଘ ଶାବକ। ନାମିବ୍ୟାରୁ ଆସିଥିବା ମାଈ ଚିତା 'ଆଶା' ମା' ହୋଇଥିଲା। ଏହିପରି ୨୦୨୩ ମାର୍ଚ୍ଚରେ ମଧ 'ଜ୍ୱାଳା' ନାମ୍ନୀ ଚିତା ଏଠାରେ ୪ ଶାବକଙ୍କୁ ଜନ୍ମ ଦେଇଥିଲା। ହେଲେ ସେଥି ମଧ୍ୟରୁ କେବଳ ଗୋଟିଏ ହିଁ ଜୀବିତ ରହିଥିଲା। ଜ୍ୱାଳାକୁ ମଧ ନାମିବ୍ୟାରୁ କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିଲା।

## ୨୦୫ ଭାରତୀୟ ନାଗରିକଙ୍କୁ ଧରି ଭାରତ ଫେରୁଛି ଟ୍ରମ୍ପଙ୍କ ବିମାନ




**ୱାଶିଂଟନ, ୪।୨:** ପ୍ରାୟ ଛଅ ଘଣ୍ଟା ପୂର୍ବରୁ ଆମେରିକାରେ ଟେକ୍ସାସରୁ ଉଡ଼ାଣ ଭରୁଥିବା ଏକ ଆମେରିକୀୟ ସାମରିକ ବିମାନଟି ପ୍ରାୟ ୨୦୫ ଜଣ ଭାରତୀୟ ନାଗରିକଙ୍କୁ ଧରି ଭାରତ ଫେରୁଛି। ଅବୈଧ ଭାବରେ ଆମେରିକାରେ ପ୍ରବେଶ କରିଥିବା ଭାରତୀୟମାନଙ୍କୁ ନିଜ ଦେଶକୁ ଫେରାଉଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ସୂତ୍ରରୁ ଜାଣିବାକୁ ମିଳିଛି ଯେ ପ୍ରତ୍ୟେକ ନିର୍ବାସିତ ଭାରତୀୟ ନାଗରିକଙ୍କୁ ଯାଞ୍ଚ କରାଯାଇଛି। ସି-୧୭ ଆମେରିକୀୟ ସାମରିକ ବିମାନ ଭାରତୀୟ ନାଗରିକଙ୍କୁ ଘରକୁ ଫେରାଇ ଆଣୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସପ୍ତାହରେ ଆମେରିକା ଯିବେ ବୋଲି ରିପୋର୍ଟ ମଧରେ ଅବୈଧ ଭାରତୀୟ ନାଗରିକଙ୍କୁ ଦେଶାନ୍ତରର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଗସ୍ତ ହେବ। ଦୁଇ ଦେଶ ମିଳିତ ଭାବେ ଆମେରିକାରେ ଥିବା ପ୍ରାୟ ୧୮,୦୦୦ ବେଆଇନ ଭାବେ ପ୍ରବେଶ କରିଥିବା ଭାରତୀୟଙ୍କୁ ଦେଶାନ୍ତର କରିବା ପାଇଁ ଚିହ୍ନଟ କରିଛନ୍ତି । ଏହି ସଂଖ୍ୟା ଆହୁରି ଅଧିକ ହୋଇପାରେ । ଅନ୍ୟାନ୍ୟ ଦେଶ ଭଳି ଭାରତ ମଧ ଟ୍ରମ୍ପ ପ୍ରଶାସନକୁ ଖୁସି କରିବା ଏବଂ ଏହାର ବାଣିଜ୍ୟ ବିପଦର ପ୍ରଭାବକୁ ଏଡ଼ାଇବା ପାଇଁ ପରଦା ପଛରେ କାମ କରୁଛି । ବେଆଇନ ପ୍ରବାସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଟ୍ରମ୍ପଙ୍କ ପାଇଁ ଏକ ପ୍ରମୁଖ ପ୍ରଚାର ପ୍ରତିଶ୍ରୁତି ହୋଇଛି ।

# ନିର୍ବାଚନ ପୂର୍ବରୁ କେଜ୍ରିୱାଲ୍‌ଙ୍କ ହନୁମାନ ପୂଜା



**ନୂଆଦିଲ୍ଲୀ, ୪।୨:** ଭାଗ୍ୟ ପରୀକ୍ଷା ଆଗରୁ ପ୍ରଭୁଙ୍କୁ ପୂଜାକଲେ କେଜ୍ରିୱାଲ୍। ଭୋଟ୍ ପୂର୍ବରୁ ଭଗବାନଙ୍କ ଶରଣ ପଶିଛନ୍ତି ଆପ୍ ସଂଯୋଜକ ଅରବିନ୍ଦ କେଜ୍ରିୱାଲ୍। ରାତି ପାହିଲେ ଦିଲ୍ଲୀରେ ପଡିବ ଭୋଟ୍। ଜନତା ଜନାର୍ଦ୍ଦନ ବାଛିବେ ନେତା। ନିଜ ବହୁମୂଲ୍ୟ ମତଦାନ ଜରିଆରେ ପସନ୍ଦର ନେତା ବାଛିବାକୁ କାଲି ରାୟ ଦେବେ ଦିଲ୍ଲୀବାସୀ। ଆଉ ଏହି ମତଦାନ ପୂର୍ବରୁ ମହାବୀରଙ୍କ ଶରଣରେ ପଶିଛନ୍ତି କେଜ୍ରିୱାଲ୍। ନିଜ ପରିବାର ସହ ଦିଲ୍ଲୀ ପ୍ରାଚୀନ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି ଅରବିନ୍ଦ। ତେବେ ଆମ୍ ଆଦମୀ ପାର୍ଟିର ସଂଯୋଜକ ଥିବା କେଜ୍ରିୱାଲ୍ ନିଜେ ନୂଆଦିଲ୍ଲୀ ଆସନରୁ ଲଢୁଛନ୍ତି। ପୂରା ଦିଲ୍ଲୀ ବିଧାନସଭା ସହ ନିଜ ଆସନରେ ବି ସେ ବିପୁଳ ବିଜୟୀ ପାଇଁ ଆଶା ରଖିଛନ୍ତି। କେଜ୍ରିୱାଲଙ୍କ ବିପକ୍ଷରେ ବିଜେପିର ପ୍ରାର୍ଥୀ ପର୍ଭେଶ ବର୍ମା ଏବଂ କଂଗ୍ରେସର ପ୍ରାର୍ଥୀ ସନ୍ଦୀପ ଦୀକ୍ଷିତ ଛିଡା ହୋଇଛନ୍ତି। ଆପ୍ ସରକାରରେ ଥିଲେ ବି ବିଜେପିର ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ସହ ବିଶାଳ ରୋଡ୍ ସୋ ଏବଂ ଜନସଭା ଦେଖି ଲାଗୁଛି ଆପ୍ ସହ ଏଥର ବିଜେପି ହିଁ ଟକ୍କର ଦେବ। ହୁଏତ ସତ୍ତା ବି ବଦଳିପାରେ କାରଣ ରାଜନୀତିରେ କିଛି ବି ହୋଇପାରେ। ସବୁ ଜନତାଙ୍କ ଉପରେ ନିର୍ଭର। ଜନତା ଯାହାକୁ ଆଶୀର୍ବାଦ କରିବେ ସିଏ ହିଁ ଗଢିବ ସରକାର। ତେଣୁ ମନରେ ଯେତେ ଆତ୍ମବିଶ୍ୱାସ ଥିଲେ ବି କେଉଁଠି ନା କେଉଁଠି ଭୟ ରହିଛି। ସେଥିପାଇଁ ସଙ୍କଟ ଟାଳିଦେବାକୁ ସଙ୍କଟମୋଚକଙ୍କ ଶରଣ ପଶିଛନ୍ତି କେଜ୍ରିୱାଲ୍। ଦିଲ୍ଲୀ ପୁନଃଷ୍ଟ ଦଖଲ ପାଇଁ ଦୃଢୋକ୍ତି ପ୍ରକାଶ କରିଛନ୍ତି କେଜ୍ରିୱାଲ। ଗତକାଲି ଏକ ଜନସଭାରେ କେଜ୍ରିଓ୍ୱାଲ କହିଥିଲେ, ତାଙ୍କ ଦଳ ଏଥର ଦିଲ୍ଲୀରେ ୫୫ରୁ ଅଧିକ ସିଟ୍ ଜିତିବ, ଯାହାକୁ ଏନେଇ ଏବେ ଆରମ୍ଭ ହୋଇଛି ରାଜନୀତି। ଦିଲ୍ଲୀରେ ସରକାର ବିରୋଧୀ ହାଓ୍ୱାକୁ ପଢ଼ିପାରିଛନ୍ତି ଅରବିନ୍ଦ କେଜ୍ରିଓ୍ୱାଲ। ଯେଉଁ କାରଣରୁ ଏଥର ନିର୍ବାଚନରେ ତାଙ୍କର ସିଟ୍ ସଂଖ୍ୟା ପୂର୍ବ ନିର୍ବାଚନ ଅପେକ୍ଷା କମିବ ବୋଲି ସେ ଖୁଲମ୍ ଖୁଲା କହୁଛନ୍ତି। ଗତ ଦୁଇଟି ଦିଲ୍ଲୀ ନିର୍ବାଚନରେ ଆମ୍ ଆଦମୀ ପାର୍ଟି ୬୦ରୁ ଅଧିକ ଆସନ ଜିତି ସରକାର ଗଢିଥିଲେ ବି, ଏଥର ଏହି ସଂଖ୍ୟା ୫୫ରେ ରହିବ ବୋଲି କେଜ୍ରିଓ୍ୱାଲ କହିଛନ୍ତି।

## ମହାକୁମ୍ଭରେ ବୁଡ଼ ପକାଇଲେ ଭୁଟାନ ରାଜା, ଯୋଗଦେଲେ ଯୋଗୀ



**ପ୍ରୟାଗରାଜ, ୪।୨:** ମହାକୁମ୍ଭରେ ଦେଶ, ବିଦେଶରୁ କୋଟି କୋଟି ଶ୍ରଦ୍ଧାଳୁ ଆସି ବୁଡ଼ ପକାଉଛନ୍ତି। ଆଜି ଭୁଟାନ ରାଜା ଜିଗମେ ଖେସର ନାମଗୟାଲ୍ ୱାଙ୍ଗଚୁକ ମଧ ତ୍ରିବେଣୀ ସଙ୍ଗମରେ ପହଞ୍ଚି ପବିତ୍ର ସ୍ନାନ କରିଛନ୍ତି। ସଙ୍ଗମ ସ୍ଥଳରେ ବୁଡ଼ ପକାଇବା ବେଳେ ତାଙ୍କ ସହିତ ଥିଲେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଭୁଟାନ ରାଜା ଅରେଲ ଘାଟରେ ଆସ୍ଥାର ବୁଡ଼ ପକାଇଛନ୍ତି। ରାଜା ଜିଗମେ ଖେସର ନାମଗୟାଲ୍ ୱାଙ୍ଗଚୁକଙ୍କ ଫଟୋଗୁଡ଼ିକୁ ସିଏମ୍ ଯୋଗୀ ନିଜ 'ଏକ୍ସ' ହ୍ୟାଣ୍ଡେଲରେ ସେୟାର କରିଛନ୍ତି। ଆଜି ସକାଳ ୧୦ଟାରେ ଭୁଟାନ ରାଜା ସ୍ୱତନ୍ତ୍ର ବିମାନ ଯୋଗେ ବମରୌଲି ଏୟାରପୋର୍ଟରେ ପହଞ୍ଚିଥିଲେ। ସେଠାରୁ ସେ ହେଲିକପ୍ଟର ଯୋଗେ ଅରେଲ ଘାଟରେ ପହଞ୍ଚି ସ୍ନାନ କରିଥିଲେ।

ଏହା ପୂର୍ବରୁ ଭୁଟାନ ରାଜା ଓ ୟୁପି ସିଏମ୍ ବିଧି ବିଧାନର ସହ ସଙ୍ଗମ ତଟରେ ପୂଜାର୍ଚ୍ଚନା କରିଥିଲେ। ଉଭୟ ପାରାଙ୍କୁ ଦାନା ଖୁଆଉଥିବା ନଜର ଆସିଥିଲେ। ରାଜା ଅକ୍ଷୟବଟ ଏବଂ ଲାଟେ ହନୁମାନ ମନ୍ଦିର ଦର୍ଶନ କରିବା ପରେ ଦ୍ୱିପ୍ରହରରେ ପ୍ରୟାଗରାଜରୁ ପ୍ରତ୍ୟାବର୍ତ୍ତନ କରିବେ। ରାଜା ସୋମବାର ଲକ୍ଷ୍ନୌରେ ପହଞ୍ଚିଥିଲେ। ଚୌଧୁରୀ ଚରଣ ସିଂହ ଅନ୍ତର୍ଜାତୀୟ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ସ୍ୱାଗତ କରିଥିଲେ। ମହାକୁମ୍ଭରେ ଅଂଶଗ୍ରହଣ କରିବା ପାଇଁ ରାଜା ମଙ୍ଗଳବାର ପ୍ରୟାଗରାଜ ଆସିଛନ୍ତି। ସିଏମ୍ ଯୋଗୀ ଭୁଟାନ ରାଜାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ରାଜା ମଧ ମୁଖ୍ୟମନ୍ତ୍ରୀଙ୍କୁ ଅଭିବାଦନ ଜଣାଇଥିଲେ। ବିମାନବନ୍ଦରରେ ଭୁଟାନ ରାଜାଙ୍କ ପାଇଁ କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଆଜି ମହାକୁମ୍ଭରେ ବୁଡ଼ ପକାଇବେ ପ୍ରଧାନମନ୍ତ୍ରୀ

**ପ୍ରୟାଗରାଜ, ୪।୨:** ମହାକୁମ୍ଭରେ ପବିତ୍ର ସ୍ନାନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପିଏମ୍ ମୋଦି ଆସନ୍ତାକାଲି ଫେବୃୟାରୀ ୫ରେ ଉତ୍ତର ପ୍ରଦେଶର ପ୍ରୟାଗରାଜ ଯିବେ। ମୋଦି ସଙ୍ଗମ ସ୍ଥଳରେ ବୁଡ଼ ପକାଇବେ। ସକାଳ ପ୍ରାୟ ୧୦ଟାରେ ମୋଦି ପ୍ରୟାଗରାଜ ଏୟାରପୋର୍ଟରେ ପହଞ୍ଚିବେ। ସେଠାରୁ ସେ ଡିପିଏସ୍ ହେଲିପ୍ୟାଡ୍ ଯିବେ। ସକାଳ ୧୦ଟା ୪୫ ମିନିଟରେ ମୋଦି ଅରେଲ ଘାଟରେ ପହଞ୍ଚିବେ। ଅରେଲ ଘାଟରେ ଡଙ୍ଗାରେ ବସି ମହାକୁମ୍ଭ ସଙ୍ଗମ ସ୍ଥଳକୁ ଯିବେ। ସଙ୍ଗମ ସ୍ଥଳରେ ସକାଳ ୧୧ଟାରେ ପବିତ୍ର ସ୍ନାନ କରିବେ ପ୍ରଧାନମନ୍ତ୍ରୀ ମୋଦି। ମହାକୁମ୍ଭ ମେଳାରେ ସକାଳ ୧୧ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ସମୟ ପ୍ରଧାନମନ୍ତ୍ରୀଙ୍କ ପାଇଁ ସଂରକ୍ଷିତ ରହିଛି। ସଙ୍ଗମରେ ବୁଡ଼ ପକାଇବା ପରେ ପିଏମ୍ ମୋଦି ୧୧ଟା ୪୫ରେ ଡଙ୍ଗାରେ ବସି ଅରେଲ ଘାଟ ଫେରିବେ। ଏଠାରୁ ସେ ଡିପିଏସ୍ ହେଲିପ୍ୟାଡ୍ ହୋଇ ପ୍ରୟାଗରାଜ ଏୟାରପୋର୍ଟରେ ପହଞ୍ଚିବେ। ପ୍ରଧାନମନ୍ତ୍ରୀ ଦ୍ୱିପ୍ରହର ୧୨ଟା ୩୦ରେ ବାୟୁସେନାର ବିମାନ ଯୋଗେ ପ୍ରୟାଗରାଜରୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

## ସନାତନ ବିରୋଧୀ ଚାହୁଁଥିଲେ କୁମ୍ଭମେଳାରେ ବଡ଼ ଅଘଟଣ ଘଟୁ: ଯୋଗୀ

**ନୂଆଦିଲ୍ଲୀ, ୪।୨:** ପ୍ରୟାଗରାଜ କୁମ୍ଭମେଳାରେ ମୌନି ଅମାବାସ୍ୟା ଦିନ ଜାନୁଆରୀ ୨୯ ତାରିଖରେ ହୋଇଥିବା ଦଳାଚକଟା ଓ ସେଥିରେ ହୋଇଥିବା ମୃତ୍ୟୁକୁ ନେଇ ରାଜନୀତି ଜାରି ରହିଛି। ଏହାକୁ ନେଇ ସପା ମୁଖ୍ୟ ଅଖିଳେଶ ଯାଦବ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ୍ କରୁଥିବାବେଳେ ତାହାର କଡ଼ା ଜବାବ ଦେଇଛନ୍ତି ଯୋଗୀ। ଏହି ଘଟଣାରେ ପାଖାପାଖି ୩୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ଘଟଣା ପରଠାରୁ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ଭଳି ଦଳ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ବିଜେପିକୁ ଟାର୍ଗେଟ କରୁଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ଯୋଗୀ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏବଂ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ମଧ୍ୟ ଜବାବ ଦେଇଛନ୍ତି। ସିଏମ ଯୋଗୀ କହିଛନ୍ତି ଯେ ସନାତନ ଧର୍ମକୁ ବିରୋଧ କରିବାକୁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ସେ କୁମ୍ଭମେଳା ଘଟଣାକୁ ନେଇ ଅଖିଳେଶ ଯାଦବଙ୍କ ବୟାନକୁ ଲଜ୍ଜାଜନକ ବୋଲି କହିଛନ୍ତି। ମଲ୍ଲିକାର୍ଜୁନ ଖଡଗେଙ୍କ ବୟାନ ପାଇଁ ମଧ୍ୟ ସେ ଦୁଃଖ ପ୍ରକାଶ କରିଛନ୍ତି। ଅଖିଳେଶଙ୍କ ସନାତନ ବିରୋଧୀ ଚରିତ୍ର ପଦାକୁ ଆସିଛି। କୁମ୍ଭମେଳାକୁ ନେଇ ସମାଜବାଦୀ ପାର୍ଟି ଓ ଖଡଗେ ମିଛ ପ୍ରଚାର କରୁଛନ୍ତି ବୋଲି ସିଏମ ଯୋଗୀ କହିଛନ୍ତି।

# ବିଦେଶୀ ନାଗରିକଙ୍କୁ ଦେଶାନ୍ତର ନକରିବା ପ୍ରସଙ୍ଗ: ଆସାମ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୪।୨:** ବିଦେଶୀ ଘୋଷିତ ବ୍ୟକ୍ତିମାନଙ୍କୁ ଦେଶାନ୍ତର କରିବା ପାଇଁ କୌଣସି ପଦକ୍ଷେପ ନ ନେଇଥିବାରୁ ମଙ୍ଗଳବାର ସୁପ୍ରିମକୋର୍ଟ ଆସାମ ସରକାରଙ୍କୁ କଡ଼ା ସ୍ୱରରେ ଭର୍ତ୍ସନା କରିଛନ୍ତି। ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାହିଁକି ଅଟକ କେନ୍ଦ୍ରରେ ରଖାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ମାମଲାରେ ଏକ କଡ଼ା ଟିପ୍ପଣୀ ଦେଇ, ଜଷ୍ଟିସ୍ ଏଏସ୍ ଓକାଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି, ଆପଣ କିଛି ଶୁଭ ସମୟର ଅପେକ୍ଷା କରୁଛନ୍ତି କି?

ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଜଣେ ବ୍ୟକ୍ତିଙ୍କୁ ବିଦେଶୀ ଘୋଷଣା କରାଯିବା ପରେ, ତାଙ୍କୁ ତୁରନ୍ତ ଦେଶାନ୍ତର କରାଯିବା ଉଚିତ୍। ଆସାମ ସରକାର ସ୍ପଷ୍ଟ କରିଥିଲେ ଯେ, ଏହି ବ୍ୟକ୍ତିମାନଙ୍କର ବିଦେଶୀ ଠିକଣା ଜଣା ନାହିଁ, ତେବେ ମଧ ନିର୍ବାସନ ପ୍ରକ୍ରିୟା ଆରମ୍ଭ କରାଯାଇ ନାହିଁ। ଏଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରି ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ସତ୍ୟପାଠକୁ ସ୍ପଷ୍ଟ ଭାବରେ ତ୍ରୁଟିପୂର୍ଣ୍ଣ ବୋଲି କହିଛନ୍ତି ଏବଂ ଏହା ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଣ୍ଡପୀଠ ଭିଡିଓ କନଫରେନ୍ସିଂ ମାଧମରେ ହାଜର ହୋଇଥିବା ଆସାମର ମୁଖ୍ୟ ସଚିବଙ୍କୁ ପଚାରିଛନ୍ତି ଯେ, ଠିକଣା ଜଣା ନଥିବା କାରଣରୁ ଆପଣ ନିର୍ବାସନ ଆରମ୍ଭ କରିବାକୁ ମନା କରିଦେଇଥିଲେ? ଏହା ଆମର ଚିନ୍ତାର କାରଣ କାହିଁକି ହେବ ? ତୁମକୁ ସେମାନଙ୍କୁ ସେମାନଙ୍କ ଦେଶକୁ ପଠାଇବାକୁ ପଡିବ। ଆପଣ କୌଣସି ଶୁଭସମୟ ପାଇଁ ଅପେକ୍ଷା କରୁଛନ୍ତି କି? ଯଦିଓ ଠିକଣା ଜଣା ନାହିଁ, ତଥାପି ଆପଣ ସେମାନଙ୍କୁ ଦେଶାନ୍ତର କରିପାରିବେ। ତୁମେ ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ହେପାଜତରେ ରଖିପାରିବ ନାହିଁ। ବିଦେଶୀଙ୍କ ଠିକଣା ଜଣା ନାହିଁ, କ'ଣ ନିର୍ବାସନ କାର୍ଯ୍ୟକାରୀ ନ କରିବାର ଏକ କାରଣ ହୋଇପାରେ କି ବୋଲି ଶୀର୍ଷକୋର୍ଟ ପ୍ରଶ୍ନକରିଛନ୍ତି। ଥରେ ଆପଣ କାହାକୁ ବିଦେଶୀ ଘୋଷଣା କରିସାରିବା ପରେ, ପରବର୍ତ୍ତୀ ଯୁକ୍ତିଯୁକ୍ତ ପଦକ୍ଷେପ ନେବାକୁ ପଡିବ। ତୁମେ ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ହେପାଜତରେ ରଖିପାରିବ ନାହିଁ। ସମ୍ବିଧାନର ଧାରା ୨୧ ମଧ ଅଛି। ଆସାମରେ ଅନେକ ବିଦେଶୀ ଅଟକ କେନ୍ଦ୍ର ଅଛି। ତୁମେ ଏପର୍ଯ୍ୟନ୍ତ କେତେ ଜଣଙ୍କୁ ନିର୍ବାସିତ କରିଛ ବୋଲି କୋର୍ଟ ରାଜ୍ୟ ସରକାରଙ୍କୁ ପଚାରିଛନ୍ତି। ଖଣ୍ଡପୀଠ ଆସାମ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଦୁଇ ସପ୍ତାହ ମଧରେ ଅଟକ କେନ୍ଦ୍ରରେ ରଖାଯାଇଥିବା ୬୩ଜଣଙ୍କର ଦେଶାନ୍ତର ଆରମ୍ଭ କରନ୍ତୁ ଏବଂ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରନ୍ତୁ। ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଆବେଦନରେ ଆସାମରେ ବିଦେଶୀ ଘୋଷିତ ବ୍ୟକ୍ତିମାନଙ୍କୁ ନିର୍ବାସନ ଏବଂ ଅଟକ କେନ୍ଦ୍ରରେ ଉପଲବ୍ଧ ସୁବିଧା ସହିତ ଜଡିତ ପ୍ରସଙ୍ଗ ଉଠାଯାଇଛି। ଯେତେବେଳେ ଆସାମ ସରକାରଙ୍କ



ଆଇନଜୀବୀ କୋର୍ଟଙ୍କୁ ପଚାରିଥିଲେ ଯେ, ଯଦି ସେମାନଙ୍କ ଠିକଣା ଜଣା ନାହିଁ, ତେବେ ଆମେ ସେମାନଙ୍କୁ କେଉଁଠାକୁ ପଠାଇବୁ? ଜଷ୍ଟିସ୍ ଓକା କହିଥିଲେ ଯେ, ତୁମେ ତାଙ୍କୁ ସେହି ଦେଶର ରାଜଧାନୀକୁ ପଠାଇପାରିବ। ଧରନ୍ତୁ ବ୍ୟକ୍ତି ଜଣକ ପାକିସ୍ତାନର, ତୁମେ ପାକିସ୍ତାନର ରାଜଧାନୀର ନାମ ଜାଣିଛ କି ନାହିଁ? ଆପଣ ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ରଖିପାରିବେ ନାହିଁ ଯେ, ସେମାନଙ୍କର ବିଦେଶୀ ଠିକଣା ଜଣା ନାହିଁ। ତୁମେ କେବେ ମଧ ସେମାନଙ୍କର ଠିକଣା ପାଇବ ନାହିଁ। ଅଟକ କେନ୍ଦ୍ରରେ ବନ୍ଦ ଥିବା ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଶାଦାନ ଫରାସତ ଯୁକ୍ତି ଦେଇଥିଲେ ଯେ, ସରକାର କେବଳ ନିର୍ଣ୍ଣୟ କରୁଛନ୍ତି ସେମାନେ ଭାରତୀୟ ନୁହଁନ୍ତି। କିନ୍ତୁ ସେମାନେ କେଉଁ ଦେଶର ନାଗରିକ ତାହା ନିଷ୍ପତ୍ତି ନେଉନାହାନ୍ତି। ଏହି କାରଣରୁ ଏହି ସମସ୍ୟା ଲାଗି ରହିଛି। କୋର୍ଟ କହିଛନ୍ତି ଯେ, ଥରେ ଆପଣ ଜଣେ ବ୍ୟକ୍ତିଙ୍କୁ ବିଦେଶୀ ଘୋଷଣା କଲେ, ଆପଣଙ୍କୁ ପରବର୍ତ୍ତୀ ଯୁକ୍ତିଯୁକ୍ତ ପଦକ୍ଷେପ ନେବାକୁ ପଡିବ। ତୁମେ ସେମାନଙ୍କୁ ସବୁଦିନ ପାଇଁ ହେପାଜତରେ ରଖିପାରିବ ନାହିଁ। ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ଜୀବନ ଏବଂ ସ୍ୱାଧୀନତାର ଅଧିକାର ପ୍ରଯୁଜ୍ୟ।

ବରିଷ୍ଠ ଆଇଜୀବୀ କଲିନ୍ ଗୋଞ୍ଜାଲଭେସ୍ ଆବେଦନକାରୀଙ୍କ ପକ୍ଷରୁ ତଥ୍ୟ ଉପସ୍ଥାପନ କରିଥିଲେ ଯେ, ବାଂଲାଦେଶ ସରକାର ଏହି ବ୍ୟକ୍ତିମାନଙ୍କୁ ତାଙ୍କର ନାଗରିକ ଭାବରେ ମାନ୍ୟତା ଦେବାକୁ ମନା କରୁଛନ୍ତି। ଭାରତ କହୁଛି ଯେ, ସେମାନେ ଭାରତୀୟ ନୁହଁନ୍ତି। ବାଂଲାଦେଶ କହୁଛି ସେମାନେ ବାଂଲାଦେଶୀ ନୁହଁନ୍ତି। ଏହି ଲୋକମାନେ ଏବେ 'ରାଷ୍ଟ୍ରହୀନ' ହୋଇଗଲେଣି। ସେମାନେ ୧୨-୧୩ ବର୍ଷ ଧରି ଜେଲ୍‌ରେ ଅଛନ୍ତି। ବିଚାରପତି ଓକା ଏହା ମଧ କହିଛନ୍ତି ଯେ, ରାଜ୍ୟ ସରକାର ଏହି ଲୋକମାନଙ୍କୁ ଏତେ ବର୍ଷ ଧରି ହେପାଜତରେ ରଖି ସାଧାରଣ ଖର୍ଚ୍ଚ ବହନ କରୁଛନ୍ତି। ଏହି ଚିନ୍ତା ସରକାରଙ୍କୁ ପ୍ରଭାବିତ କରୁଥିବା ପରି ମନେ ହେଉନାହିଁ କି? ଆସାମ ସରକାର ତୁରନ୍ତ ୬୩ ଜଣଙ୍କୁ ଦେଶାନ୍ତର ପ୍ରକ୍ରିୟା ଆରମ୍ଭ କରନ୍ତୁ। ଆସାମ ସରକାରଙ୍କୁ ଦୁଇ ସପ୍ତାହ ମଧରେ ଅନୁପାଳନ ରିପୋର୍ଟ ସହିତ ଏକ ନୂତନ ସତ୍ୟପାଠ ଦାଖଲ କରିବାକୁ ପଡିବ। ପରବର୍ତ୍ତୀ ଶୁଣାଣି ୨୫ ଫେବୃଆରୀରେ ହେବ ବୋଲି ଖଣ୍ଡପୀଠ କହିଛନ୍ତି।

## ବାରବାଟୀ ଦିନିକିଆକୁ ଆଉ ୫ ଦିନ

# ପିଚ୍ ପରଖିଲେ ବିସିସିଆଇ କ୍ୟୁରେଟର୍, ବୁଲିଲେ କ୍ରୀଡ଼ା ସଚିବ

**କଟକ, ୪।୨(ସଂଚାର ବ୍ୟୁରୋ):** ଆସନ୍ତା ୯ତାରିଖ ରବିବାର ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଗୋଟିଏ ପଟେ ବାରବାଟୀ ଷ୍ଟାଡିୟମ୍‌ରେ ଛୋଟବଡ଼ ମରାମତି, ସାଜସଜା ଚାଲିଥିବା ବେଳେ ଅନ୍ୟପଟେ ଆଜିଠାରୁ ଅଫ୍‌ଲାଇନରେ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। ଓସିଏର ପ୍ରଚଳିତ ପରମ୍ପରା ଅନୁସାରେ, ଆଜି ପ୍ରଥମ କରି ଓସିଏ ସହ ଅନୁବନ୍ଧିତ ଅନୁଷ୍ଠାନମାନଙ୍କୁ ଓସିଏ ସମ୍ମିଳନୀ କକ୍ଷରେ ଟିକଟ୍ ବିକ୍ରି କରାଯାଇଛି।

ଓସିଏ ସହ ଅନୁବନ୍ଧିତ ୭୦ଟି ଅନୁଷ୍ଠାନ(ଜିଲ୍ଲା ସଂଘ, କ୍ଲବ୍, ସ୍କୁଲ, କଲେଜ), ତିନି ଜଣ ବ୍ୟକ୍ତିବିଶେଷ ଓ ଓସିଏ କର୍ମକର୍ତ୍ତା(ସଂପାଦକ, ଉପସଭାପତି, ଯୁଗ୍ମ ସଂପାଦକ, କୋଷାଧ୍ୟକ୍ଷ, ଜଣେ ଆପେକ୍ସ କାଉନ୍‌ସିଲ ସଭ୍ୟ, ୩ଜଣ ମନୋନୀତ ଆପେକ୍ସ କାଉନ୍‌ସିଲ ସଭ୍ୟ)ଙ୍କ ପାଇଁ ପାଖାପାଖି ୯ହଜାର ଟିକଟ୍ ବିକ୍ରି କରାଯିବା ବ୍ୟବସ୍ଥା ରହିଥିବା ବେଳେ ଆଜି ଅଧିକାଂଶ ବିକ୍ରି କରାଯାଉଛି। ଟିକଟ୍ ବିକ୍ରି ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ବ୍ୟାପକ ଆୟୋଜନ ହୋଇଥିଲା। ଅଧିକାଂଶ ଅନୁବନ୍ଧିତ ଅନୁଷ୍ଠାନ ଆଜି ଟିକଟ୍ କିଣିଥିବା ବେଳେ ମୁଷ୍ଟିମେୟ ଅନୁବନ୍ଧିତ ଅନୁଷ୍ଠାନ ଆସନ୍ତାକାଲି ଟିକଟ୍ କିଣିବେ ବୋଲି ସୂଚନା ମିଳିଛି। ପ୍ରତି ଜିଲ୍ଲା ସଂଘ ପାଇଁ ୧୪୫ ଲେଖାଏଁ ଟିକଟ୍ ରହିଥିବା ବେଳେ କ୍ଲବ୍ ପାଇଁ ୧୦୦ ଲେଖାଏ ଟିକେଟ ବିକ୍ରି କରାଯାଇଥିବା ସୂଚନା ମିଳିଛି। ଆଜି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ଦେବାଶିଷ ମହାନ୍ତି ମଧ ପ୍ରଥମ ଦିନରେ ଟିକଟ କିଣିଥିବା ଦେଖାଯାଇଛି। ଆସନ୍ତାକାଲି ଦ୍ୱିତୀୟ ଦିନ ଟିକେଟ୍ ବିକ୍ରି ପରେ ଯାହା ବଳିଲା ଅବଶିଷ୍ଟ ଟିକେଟ କାଉଣ୍ଟର୍‌କୁ ଯିବ ବୋଲି ସୂଚନା ମିଳିଛି। ଆସନ୍ତା ମ୍ୟାଚ୍ ପାଇଁ ଓସିଏ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ଆଜି ବିସିସିଆଇ କ୍ୟୁରେଟର ପ୍ରକାଶ ଯାଦବ ବାରବାଟୀ ଷ୍ଟାଡିୟମ୍ ପରିଦର୍ଶନ କରି ମ୍ୟାଚ୍ ପ୍ରସ୍ତୁତିକୁ ଅନୁଧ୍ୟାନ କରିଛନ୍ତି। ଓସିଏ ମୁଖ୍ୟ କ୍ୟୁରେଟର୍ ଡକ୍ଟର ଅଞ୍ଜନ ଖୁଣ୍ଟିଆ ଉପସ୍ଥିତ ରହି ଶ୍ରୀ ଯାଦବକୁ ବାରବାଟୀ ପିଚ୍ ବିଷୟରେ ବୁଝାଇଥିଲେ। ବିସିସିଆଇ କ୍ୟୁରେଟର ଶ୍ରୀ ଯାଦବ ପିଚ୍ ନିର୍ମାଣରେ ସନ୍ତୋଷବ୍ୟକ୍ତ କରିଛନ୍ତି। ପୂର୍ବରୁ ବିସିସିଆଇ ମୁଖ୍ୟ କ୍ୟୁରେଟର୍ ଆଶିଷ ଭୌମିକ ମଧ ବାରବାଟୀ ଷ୍ଟାଡିୟମ୍ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମଧ ଆଜି ବାରବାଟୀ ଷ୍ଟାଡିୟମ୍ ପରିଦର୍ଶନ କରି ଚାଲିଥିବା ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି। ଓଡ଼ିଶା ଅଲିମ୍ପିକ ସଂଘ ସଂପାଦକ ଅଭିଜିତ ପାଲ, ଓସିଏ କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓସିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ବେହେରା, ସଦସ୍ୟ ଧୀରେନ୍ ପଲାଇ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ସଚିବ ଶ୍ରୀ ଶର୍ମାଙ୍କୁ ପ୍ରସ୍ତୁତି ସଂକ୍ରାନ୍ତରେ ଅବଗତ କରାଇଥିଲେ।



# କ୍ରିକେଟ୍‌ରୁ ଅବସର ନେଲେ ଶ୍ରୀଲଙ୍କାର କରୁଣାରତ୍ନେ

**କଲମ୍ବୋ,୪।୨:** ପାଖାପାଖି ଦେଢ଼ ଦଶନ୍ଧି ଧରି ଶ୍ରୀଲଙ୍କା କ୍ରିକେଟ ଦଳର ସେବା କରିଥିବା ଦିମୁଥ କରୁଣାରତ୍ନେ ଅବସର ଘୋଷଣା କରିଛନ୍ତି। ଗାଲେ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପରେ ସେ ଅବସର ନେବେ। କରୁଣାରତ୍ନେ ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଭାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ଏବଂ ଅଷ୍ଟ୍ରେଲିଆ ବିପକ୍ଷ ଏହି ଆଗାମୀ ମ୍ୟାଚ ମଧ ତାଙ୍କ କ୍ୟାରିୟରର ୧୦୦ତମ ଟେଷ୍ଟ ମ୍ୟାଚ ହେବ। ଅନ୍ତର୍ଜାତୀୟ କ୍ୟାରିୟରରେ ସେ ୮ ହଜାରରୁ ଅଧିକ ରନ କରିଛନ୍ତି।

ଦିମୁଥ କରୁଣାରତ୍ନେ କହିଛନ୍ତି, ସେ ତାଙ୍କର ୧୦୦ତମ ଟେଷ୍ଟ ମ୍ୟାଚ ଖେଳିବା ପରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେବେ। ଅବସର ପରେ ସେ ଶ୍ରୀଲଙ୍କା ଛାଡ଼ି ଆସନ୍ତା ମାସରେ ପରିବାର ସହ ଅଷ୍ଟ୍ରେଲିଆ ଯିବେ ବୋଲି ସେ ପ୍ରକାଶ କରିଛନ୍ତି। ମେଜର କ୍ଲବ ତିନିଦିନିଆ ଟୁର୍ନାମେଣ୍ଟରେ କରୁଣାରତ୍ନେ ନିଜର ଶେଷ ମ୍ୟାଚ ଖେଳିବାକୁ ଯାଉଛନ୍ତି। ଫେବୃଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ସିଂହଲୀଜ୍ ଓ ନାନ୍ଦେସ୍କ୍ରିପ୍ଟସ ମଧରେ ଖେଳାଯିବାକୁ ଥିବା ମ୍ୟାଚରେ ସେ ଭାଗ ନେବେ। ଦିମୁଥ କରୁଣାରତ୍ନେ ଅବସର ନେବା ପରେ କହିଛନ୍ତି, ଯଦି ଜଣେ ଖେଳାଳି ବର୍ଷକୁ ମାତ୍ର ୪ଟି ଟେଷ୍ଟ ମ୍ୟାଚ ଖେଳନ୍ତି ତେବେ ଫର୍ମ ବଜାୟ ରଖିବା ଏବଂ ଉତ୍ସାହିତ ରହିବା କଷ୍ଟକର। ଗତ ୨-୩ ବର୍ଷ ମଧରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଆରମ୍ଭ ହେବା ପରଠାରୁ ଆମେ ବହୁତ କମ ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିଛୁ। ମୋର ବର୍ତ୍ତମାନର ଫର୍ମ, ୧୦୦ତମ ଟେଷ୍ଟ ଏବଂ ୨୦୨୩-୨୫ ଡବ୍ଲ୍ୟୁଟିସି ସିଜିନ ଶେଷ ହେବା ମଧ ମୋର ଅବସର ନିଷ୍ପତ୍ତି ପଛରେ ରହିଛି। ମୁଁ ଭାବୁଛି ଅବସର ପାଇଁ ଏହା ହେଉଛି ଉପଯୁକ୍ତ ସମୟ।

ଦିମୁଥ କରୁଣାରତ୍ନେ ୨୦୧୧ରେ ଶ୍ରୀଲଙ୍କା ପକ୍ଷରୁ ଦିନିକିଆ ମ୍ୟାଚ ଖେଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ନିଜ କ୍ୟାରିୟରରେ ସେ ୯୯ ଟେଷ୍ଟ ମ୍ୟାଚ ଖେଳି ୭୧୭୨ ରନ କରିଛନ୍ତି। ସେ ନିଜ ଟେଷ୍ଟ କ୍ୟାରିୟରରେ ୧୬ଟି ଶତକ ଓ ୩୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଦିନିକିଆ କ୍ୟାରିୟରରେ ସେ ୫୦ ମ୍ୟାଚ ଖେଳି ମୋଟ ୧୩୧୬ ରନ କରିଛନ୍ତି। ଦିନିକିଆ ମ୍ୟାଚରେ ତାଙ୍କର ଗୋଟିଏ ଶତକ ଓ ୧୧ଟି ଅର୍ଦ୍ଧଶତକ ରହିଛି। ଦୀର୍ଘ ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ସେ ୮ ହଜାରରୁ ଅଧିକ ରନ କରିବା ସହ ୧୭ଟି ଶତକ ହାସଲ କରିଛନ୍ତି।





# ପୁଣିଥରେ ଆରସିବି କ୍ୟାପଟେନ୍ ହେବେ ବିରାଟ କୋହଲି !

**ବେଙ୍ଗାଲୁରୁ,୪।୨:** ବିରାଟ କୋହଲି ଆଇପିଏଲରେ ଦୀର୍ଘ ସମୟ ଧରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଅଧିନାୟକ ଥିଲେ। ବିରାଟ କୋହଲିଙ୍କ ପରେ, ଫାଫ୍ ଡୁ ପ୍ଲେସିସ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଅଧିନାୟକତ୍ୱ ଗ୍ରହଣ କରିଥିଲେ, କିନ୍ତୁ ଏବେ ଫ୍ରାଞ୍ଚାଇଜ୍ ଦକ୍ଷିଣ ଆଫ୍ରିକୀୟ କିମ୍ବଦନ୍ତୀଙ୍କୁ ଏହି ପଦବୀରୁ ମୁକ୍ତ କରିଛି। ତଥାପି, ଆଇପିଏଲ୍ ୨୦୨୫ ସିଜିନ୍ ଆରମ୍ଭ ହେବା ପୂର୍ବରୁ, ବଡ଼ ପ୍ରଶ୍ନ ହେଉଛି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଅଧିନାୟକ କିଏ ହେବ? ବିରାଟ କୋହଲି ପୁଣି ଥରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଅଧିନାୟକତ୍ୱ ଗ୍ରହଣ କରିବେ କି? ଏହି ପ୍ରଶ୍ନ ଉପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବଡ଼ ସଙ୍କେତ ଦେଇଛି। ସୂଚନାଥାଉକି, ଆରସିବିର ଉପାଧକ୍ଷ ଏବଂ ମୁଖ୍ୟ ରାଜେଶ ମେନନ ଏକ ସାକ୍ଷାତକାରରେ ଅନେକ ଦିଗ ଉପରେ ପ୍ରତିକ୍ରିୟା ଦେଇଛନ୍ତି। ସ୍ପୋର୍ଟସ୍ ଟକ୍ ସହିତ ଏକ ସାକ୍ଷାତକାରରେ ରାଜେଶ ମେନନ୍ କହିଛନ୍ତି ଯେ ଆମର ଅଧିନାୟକ କିଏ ହେବ ତାହା ଆମେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହୁଁ, କିନ୍ତୁ ଆମ ଦଳରେ ଅନେକ ଅଛନ୍ତି ଯେଉଁମାନେ ଅଧିନାୟକ ହେବାକୁ ସକ୍ଷମ। ଆମ ଦଳକୁ ନେତୃତ୍ୱ ଦେଇପାରିବା ଭଳି ଏପରି ଅତି କମରେ ୪-୫ ଜଣ ଖେଳାଳି ଅଛନ୍ତି। ଆମେ କ'ଣ କରିବା ଆବଶ୍ୟକ ତାହା ଆଲୋଚନା କରିନାହୁଁ, ଆମେ ଆଲୋଚନା କରି ଏକ ନିଷ୍କର୍ଷରେ ପହଞ୍ଚିବୁ। କିନ୍ତୁ ମୁଁ କହିବାକୁ ଚାହେଁ ଯେ ଆମ ଦଳର ସବୁଠାରୁ ସଫଳ ଅଧିନାୟକ ବିରାଟ କୋହଲି ହୋଇଛନ୍ତି, ସେ ୧୪୩ଟି ମ୍ୟାଚ୍‌ରେ ଆମ ଦଳର ନେତୃତ୍ୱ ନେଇଥିଲେ, ଯେଉଁଥିରେ ଆମେ ୬୬ଟି ମ୍ୟାଚ୍ ଜିତିଥିବା ବେଳେ ୭୦ଟି ମ୍ୟାଚ୍‌ରେ ଆମକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବର୍ତ୍ତମାନ ଆଇପିଏଲ୍ ମେଗା ନିଲାମରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫିଲ୍ ସଲ୍ଟ, ଲିଆମ୍ ଲିଭିଂଷ୍ଟୋନ୍, ଜାକବ୍ ବେଥେଲ୍, ଟିମ୍ ଡେଭିଡ୍, ଭୁବନେଶ୍ୱର କୁମାର, ଜିତେଶ ଶର୍ମା, ଦେବଦତ୍ତ ପାଡିକଲ୍ ଏବଂ ଜୋଶ୍ ହାଜେଲଉଡ୍ ଭଳି ଖେଳାଳିଙ୍କୁ ସାମିଲ କରିଛି। ଏହା ଉପରେ ରାଜେଶ ମେନନ କହିଛନ୍ତି ଯେ, ଆପଣ ଆମର ଖେଳାଳିମାନଙ୍କୁ ଦେଖନ୍ତୁ... ପ୍ରକୃତରେ ଆମେ କେଉଁ ଖେଳାଳିଙ୍କୁ କିଣିବୁ ସେ ବିଷୟରେ ପୂର୍ବରୁ ପ୍ରସ୍ତୁତ ଥିଲୁ। ଆମର ଭାରତୀୟ ଖେଳାଳି କିଏ ହେବେ ଏବଂ ବିଦେଶୀ ଖେଳାଳି କିଏ ହେବେ ସେ ବିଷୟରେ ଆମର ମାନସିକତା ବହୁତ ସ୍ପଷ୍ଟ ଥିଲା।



ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ନ୍ୟାସନାଲ୍ ଗେମ୍ସରେ ଓଡ଼ିଶାର ତାରକା ସାଇକେଲ୍ ଚାଳିକା ସ୍ୱାତୀ ସିଂହ (ମଝି) ୩୦୦୦ ମିଟର ବ୍ୟକ୍ତିଗତ ପରସୁଟ୍ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ମହିଳା ବିଚ୍ ଭଲିବଲ୍ ଦଳର ବିଜୟ ଅଭିଯାନ



**ଭୁବନେଶ୍ୱର, ୪।୨(ସଂଚାର ବ୍ୟୁରୋ):** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ବିଚ୍ ଭଲିବଲ୍ ଦଳ ଆତ୍ମବିଶ୍ୱାସର ସହ ଅଭିଯାନ ଆରମ୍ଭ କରିଛି। ନିଜ ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଉତ୍ତରାଖଣ୍ଡକୁ ୨-୦ରେ ପରାସ୍ତ କରିଛି। ଉତ୍ତରାଖଣ୍ଡର ଶିବପୁରୀରେ ଖେଳାଯାଉଥିବା ଏହି ଇଭେଣ୍ଟ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଦଳ ସୋମବାର ଅତୁଳନୀୟ କଳାକୌଶଳ ଏବଂ ଦଳଗତ ଖେଳର ବଳିଷ୍ଠ ନମୁନା ଦେଖାଇ ସିଧାସଳଖ ସେଟ୍‌ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ରାଜ୍ୟ ଦଳରେ ଥିବା କିଟ୍ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଖେଳାଳି ମଧ ଚମତ୍କାର ଖେଳ ଖେଳିଥିଲେ। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଜିତି ପଦକ ଜିତିବା ଉପରେ ଧ୍ୟାନ ଦେବ ବୋଲି ଦଳପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଏହି ଖେଳକୁ ନିୟମିତ ଦେଇ ଆସୁଥିବା ସମର୍ଥନ ଓ ସହଯୋଗ ପାଇଁ ମଧ ଓଡ଼ିଶା ଖେଳାଳିମାନେ ଓଡ଼ିଶା ବିଚ୍ ଭଲିବଲ୍ ସଂଘର ପ୍ରତିଷ୍ଠାତା ସଭାପତି, ତଥା କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ସଂପାଦକ ଡକ୍ଟର ଗଗନେନ୍ଦୁ ଦାଶ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରଫେସର ସାମନ୍ତ ମଧ ଓଡ଼ିଶା ଖେଳାଳିଙ୍କୁ ଆଗାମୀ ମ୍ୟାଚ୍ ଲାଗି ଶୁଭକାମନା ଜଣାଇଛନ୍ତି।

### ୩୮ତମ ନ୍ୟାସନାଲ୍ସ ଗେମ୍ସ

# ମହିଳା ଫୁଟ୍‌ବଲ୍ ଫାଇନାଲ୍‌ରେ ଓଡ଼ିଶା



ଭୁବନେଶ୍ୱର,୪।୨(ସଂଚାର ବ୍ୟୁରୋ): ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ନ୍ୟାସନାଲ୍ସ ଗେମ୍ସରେ ଓଡ଼ିଶା ମହିଳା ଫୁଟବଲ୍ ଦଳ ଚମତ୍କାର ପ୍ରଦର୍ଶନ ପୂର୍ବକ ଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ଆଜି ଖେଳାଯାଇଥିବା ସେମିଫାଇନାଲ୍‌ରେ ଦିଲ୍ଲୀକୁ ୫-୧ ଗୋଲ୍‌ରେ ପରାସ୍ତ କରି ଟାଇଟଲ୍‌ର ନିକଟତର ହୋଇଛି। ଫାଇନାଲ୍‌ରେ ଦଳ ଆସନ୍ତା ୯ ତାରିଖରେ ହରିଆଣାକୁ ଭେଟିବ। ସେମିଫାଇନାଲ୍‌ରେ ଓଡ଼ିଶା ପକ୍ଷରୁ ମାଲତୀ ମୁଣ୍ଡା ୪୫+୩ତମ ମିନିଟ୍ ଓ ୫୯ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିଲେ। ଏହାଛଡ଼ା ଅଧିନାୟିକା ପ୍ୟାରୀ ଖାକା ୨୨ତମ ମିନିଟ୍‌ରେ, ସୁମିତ୍ରା ହେମ୍ବ୍ରମ୍ ୬୮ତମ ଓ ଜବାମଣି ଟୁଡୁ ୯୦+୩ତମ ମିନିଟ୍‌ରେ ଗୋଲ୍ ସ୍କୋର୍ କରିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ ପକ୍ଷରୁ ଏକମାତ୍ର ଗୋଲ୍‌ଟି ରେବେକା ଜେଡ୍ ୫୩ତମ ମିନିଟ୍‌ରେ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିରୋଧୀଙ୍କୁ...

ଏହି ଅବସରରେ ମୋଦି କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ଯେ ଦେଶର ସବୁଠାରୁ ପୁରୁଣା ଦଳ ବୋଲାଉଥିବା କଂଗ୍ରେସ ତା' ଅମଳରେ ଗରିବଗୁରୁବା ଓ ଦଳିତଙ୍କ ପାଇଁ କ'ଣ କରିଛି, ତା'ର ହିସାବ ଦେବା ଦରକାର। ଏନ୍‌ଡିଏ ଶାସନ କାଳରେ ଗୋଟିଏ ଦଳିତ ପରିବାରରୁ ତିନି ତିନି ଜଣ ଜନପ୍ରତିନିଧି ସଂସଦରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। କଂଗ୍ରେସ ପାଖରେ ଏପରି କୌଣସି ଉଦାହରଣ ଅଛି କି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଥିଲେ। ସେହିପରି ରାହୁଲ୍‌ଙ୍କ ଜାତି ସଂକ୍ରାନ୍ତ ଅଭିଭାଷଣ ଉପରେ ପ୍ରତିକ୍ରିୟା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୩୦ ବର୍ଷ ଧରି ଓବିସି କମିଶନ୍‌କୁ ସାମ୍ବିଧାନିକ ମାନ୍ୟତା ଦେବା ସକାଶେ ସାଂସଦମାନେ ଦାବି କରିଆସୁଥିଲେ ମଧ୍ୟ କଂଗ୍ରେସ ଅମଳରେ ତା' ସମ୍ଭବପର ହୋଇପାରି ନଥିଲା। କିନ୍ତୁ ଆମେ ଓବିସିକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେହିପରି ଦେଶର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସକାଶେ ୨୦୧୪ ପରେ ଦେଶରେ ମେଡିକାଲ୍ କଲେଜ ସଂଖ୍ୟା ୭୮୦ରେ ପହଞ୍ଚିଛି। ଏନ୍‌ଡିଏ କ୍ଷମତାକୁ ଆସିବା ପୂର୍ବରୁ ଏହି ସଂଖ୍ୟା ମାତ୍ର ୩୮୭ ଥିଲା ବୋଲି ମୋଦି କହିଛନ୍ତି। ତାଙ୍କ ଅଭିଭାଷଣ ଶେଷରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦିନକୁ ଦିନ ପ୍ରଯୁକ୍ତି ବିଦ୍ୟାର ଉପଯୋଗିତା ବଢୁଥିବାରୁ ଏକବିଂଶ ଶତାବ୍ଦୀରେ ଯୁବପିଢ଼ି ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଉଛି। କିନ୍ତୁ ବିଗତ ଦିନରେ କ୍ଷମତାସୀନ ଦଳ ଯୁବପିଢ଼ିକୁ ଧୋକ୍କା ଦେବା ସହ ନିଜର ପ୍ରତିଶ୍ରୁତି ପୂରଣ କରିନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରେ ଗୃହକୁ ମୁଲତବୀ ରଖାଯାଇଥିଲା।

### ଓଡ଼ିଶା ଗସ୍ତରେ..

ଗୋଡ ଖଡୁ, ବାହୁଟି, ଅଷ୍ଟାସୂତା ମାଳିହାର ଆଦି ଦେଖିଥିଲେ। ଜନଜାତି ହସ୍ତତନ୍ତ, ବ୍ୟକ୍ତିଗତ ଆସବାବପତ୍ର, ଡୋକ୍ରା ଶିଳ୍ପ ଏବଂ ବିଭିନ୍ନ ଚିତ୍ରକଳା ଦେଖି ଅଭିଭୂତ ହୋଇଥିଲେ । ପ୍ରେକ୍ଷାଳୟରେ ଆଦିମ ଜନଜାତିଙ୍କ ସଂସ୍କୃତି, ପରମ୍ପରା, ଜୀବନଯାପନ ଶୈଳୀକୁ ନେଇ ପ୍ରସ୍ତୁତ ବୃତ୍ତଚିତ୍ର ଦେଖିଥିଲେ। ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟଙ୍କ ଦୁନିଆ, ଜନଜାତି ଗୃହ ପୁଞ୍ଜ ଦେଖି ଖୁସି ବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରୟାସରେ କରାଯାଉଥିବା ଜନଜାତିଙ୍କ ସଂରକ୍ଷଣକୁ ମଧ୍ୟ ପ୍ରଶଂସା କରିଥିଲେ। ପରେ ପରେ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନରେ ଯାଇଥିଲେ। ଏହି ପରିଦର୍ଶନ ସମୟରେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର, ବାୟୋମେକାନିକ୍ସ ଲ୍ୟାବ, ଗେଟ ଲ୍ୟାବ, ସ୍କିନ୍ ଷ୍ଟୁଡିଓ, ପାରା ଆଥଲେଟ ପରଫରମାନ୍ସ ସେଣ୍ଟର, ଟେନିସ ସେଣ୍ଟର, ଆଥଲେଟିକ୍ସ ସେଣ୍ଟର, ହକି ଷ୍ଟାଡିୟମ, ଜିମ୍ନାଷ୍ଟିକ କେନ୍ଦ୍ର , ସନ୍ତରଣ କେନ୍ଦ୍ର, ଗୋପୀଚାନ୍ଦ ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ବୁଲି ଦେଖିଥିଲେ।

ଏହି ଗସ୍ତ ସମୟରେ ଅର୍ଥ କମିଶନ ଅଧ୍ୟକ୍ଷ ଡକ୍ଟର ଅରବିନ୍ଦ ପାନାଗରିୟା, ଅଜୟ ନାରାୟଣ ଝା, ଆନ୍ନି ଜର୍ଜ ମାଥ୍ୟୁ, ଡକ୍ଟର ମନୋଜ ପଣ୍ଡା, ଅର୍ଥନୈତିକ ଉପଦେଷ୍ଟା ଡକ୍ଟର ପ୍ରଶାନ୍ତ କୁମାର ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ପ୍ରିୟା ସରାଫ, ଉପ ନିର୍ଦ୍ଦେଶକ ମାନସୀ ଗୁପ୍ତା ଓ ଶିଖା ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଲିଆସେନିଙ୍ଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ଧଉଳି ଗ୍ରାମ ପଞ୍ଚାୟତ, କୋଣାର୍କ, ପୁରୀ ଗସ୍ତରେ ଅର୍ଥ କମିଶନ ଯିବେ।

### ମୋନାଲିସାଙ୍କ...

ବାଇଟ୍ ଦେଉଛନ୍ତି। ଚଉକି ଛାଡ଼ି ଲେନିନ୍ ଧାଇଁଲେ ଫାଟକ ନିକଟକୁ। ରାଗ ପୂରା ପଞ୍ଚମରେ। ମୋନାସିଲାଙ୍କୁ ଦେଖି କାହିଁକି ବାଇଟ୍ ଦେଲ, ତୁମକୁ ବାଇଟ୍ ଦେବାକୁ କିଏ କହିଲା ବୋଲି ପଚାରିବା ସହିତ ମନଇଚ୍ଛା ଗାଳି ଦେଲେ। ଗଣମାଧ୍ୟମ ଆଗରେ ଲେନିନ୍‌ଙ୍କ ଗାଳି ଶୁଣି ମୋନାଲିସା କାନ୍ଦି ପକାଇଲେ। କାନ୍ଦି କାନ୍ଦି କୁଆଡ଼େ ନିବାସରେ ଯାଇ ଫେରାଦ ହୋଇଥିବା ସୂଚନା ମିଳୁଛି। ତେବେ ଜଣେ ମୁଖପାତ୍ରଙ୍କ ଗାଳିରେ ଆଉ ଜଣେ ମୁଖପାତ୍ରଙ୍କ ଆଖିରେ ଲୁହ ଆସିବା ଘଟଣା ଆଜି ଚର୍ଚ୍ଚାର ବିଷୟ ପାଲଟିଛି।

### ଦୁଇ ଜଣଙ୍କୁ...

ଇନଫର୍ମର ସନ୍ଦେହରେ ହତ୍ୟା କରିଥିବା ଉଲ୍ଲେଖ ଥିଲା। ସେହିପରି ଗତ ବର୍ଷକ ଭିତରେ ମାଓବାଦୀମାନେ ଛତିଶଗଡ଼ର ନକ୍ସଲ ପ୍ରଭାବିତ ବସ୍ତର ଜିଲ୍ଲାରେ ୬୫ରୁ ଅଧିକ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ପୁଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ନିରୀହ ଆଦିବାସୀଙ୍କୁ ଟାର୍ଗେଟ କରିଛନ୍ତି। ଏହି କାରଣରୁ ସେମାନେ କେବଳ ବିଜାପୁରରେ ୧୦ ଜଣଙ୍କୁ ହତ୍ୟା କରିଛନ୍ତି। ଅନ୍ୟପକ୍ଷରେ ଗତ ମାସରେ ଓଡ଼ିଶା-ଛତିଶଗଡ ସୀମାବର୍ତ୍ତୀ ଜିଲ୍ଲାଗୁଡିକରେ ମାଓବାଦୀଙ୍କ କାର୍ଯ୍ୟକଳାପ ଦମନ କରିବା ପାଇଁ ଓଡ଼ିଶାର ନୂଆପଡ଼ା ଯବାନ ଏବଂ ଛତିଶଗଡ ଯବାନଙ୍କ ମିଳିତ କମ୍ବିଂ ଅପରେସନକୁ ଜବରଦସ୍ତ ସଫଳତା ମିଳିଥିଲା। ସୁରକ୍ଷାକର୍ମୀଙ୍କ ଗୁଳିରେ ଏକକାଳୀନ ୧୬ ଜଣ ମାଓବାଦୀ ନିହତ ହୋଇଥିଲେ। ଏଥିରେ ପ୍ରମୁଖ ମାଓ ନେତା ଚଲପତି ମଧ୍ୟ ସାମିଲ୍ ଥିଲା, ଯାହା ମୁଣ୍ଡରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରହିଥିଲା।

### କୋଇଲା ସିଣ୍ଡିକେଟ୍‌ର...

ଭାବେ ଜମି ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ଏହି ଘଟଣାର ତଦନ୍ତ ପାଇଁ କୋଇଲା ମନ୍ତ୍ରଣାଳୟ ସମେତ ସମ୍ବଲପୁର ଆରଡିସି, ଏମସିଏଲ୍ ଆଦି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ସ୍ଥାନରେ ଜମି ଯୋଗାଇବା ପାଇଁ ଅଦାଲତ କହିବା ପରେ ଏବେ ଉଭୟ କୋଇଲା ୱାସେରୀର ଭାଗ୍ୟ ସୂତା ଖିଅରେ ଝୁଲୁଛି।

ଉଭୟ କୋଲ ୱାସେରୀ ବେଆଇନ୍ ଜମିରେ ଗଢ଼ିଉଠିଥିବାବେଳେ ପ୍ରଭାବିତ କରି ପରିବେଶ ମଞ୍ଜୁରୀ ହାତେଇବାରେ ସକ୍ଷମ ହୋଇଛନ୍ତି। ତେବେ ଏହି ଦୁଇ କୋଲ ୱାସେରୀ ଜରିଆରେ ବଡ଼ ଧରଣର କୋଇଲା ଚୋରି ହେଉଥିବାବେଳେ ଏହାର ସିଂହଭାଗ ସରୋଜ ଓ ତାଙ୍କ ସୁରକ୍ଷାଦାତାଙ୍କ ନିକଟକୁ ଯାଉଥିବା ନେଇ ଝାରସୁଗୁଡ଼ାରେ ଅଭିଯୋଗ ହୋଇଆସୁଛି। ଝାରସୁଗୁଡ଼ାରେ କୋଇଲା ସିଣ୍ଡିକେଟ୍ ବେଶ୍ ପ୍ରଭାବଶାଳୀ ହୋଇଥିବାବେଳେ ସରୋଜଙ୍କ ଆର୍ଶୀବାଦରେ ଏମାନେ ବେଆଇନ୍ ଜମି ହାତେଇ ନିଜର କାୟା ବିସ୍ତାର କରିବାରେ ସକ୍ଷମ ହୋଇଛନ୍ତି। ଏହି ସିଣ୍ଡିକେଟ ହାତରେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଜୀବନ ଯାଇଥିବା ମଧ୍ୟ କୁହାଯାଉଛି।

ତେବେ ଇଡ୍‌କୋ ମ୍ୟାନେଜର ଭାବେ ଏମ୍‌ସିଏଲ୍ ଜମିକୁ ଘରୋଇ ବେପାରୀଙ୍କ ହାତରେ ଟେକି ଦେବାରେ ସେତେବେଳେ ସରୋଜ କେତେ ଲାଭ ପାଇଛନ୍ତି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଆଇଟିଆଇ କର୍ମୀ କହୁଛନ୍ତି। କାରଣ ଏହା ପଛରେ ଅନେକ ରହସ୍ୟ ଛପି ରହିଛି।

ରାଜ୍ୟ ବାହାରର ବ୍ୟବସାୟୀଙ୍କ ଜରିଆରେ କୋଇଲା ଚୋରିର ଯେଉଁ ଛୋଟ ଗଛଟିଏ ୨୦୦୩ ମସିହାରେ ସରୋଜ ସାମଲ ପକାଇଥିଲେ, ତାହା ଏବେ ଝାରସୁଗୁଡ଼ାରେ ମହାଦ୍ରୁମରେ ପରିଣତ ହୋଇଛି। ଜିଲ୍ଲାରେ ଏହି ସିଣ୍ଡିକେଟ୍ ଭୟର ବାତାବରଣ ସୃଷ୍ଟି କରୁଥିବା ବେଳେ ଏହାର ଚେର ଝାରସୁଗୁଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଥିବାରୁ ସରୋଜଙ୍କୁ ଏବେ ରାଜ୍ୟ ସୂଚନା କମିଶନର ପଦବୀରେ ବସାଇବା ପାଇଁ ଏହି ସିଣ୍ଡିକେଟ୍‌ର ହାତ ଥିବା ନେଇ ଆଲୋଚନା ହେଉଛି।

### ଯିଏ ବସିଲା...

ବିଧାନସଭା ମାଟି ମାଡ଼ିପାରିଲେ ନାହିଁ। ବାରବାଟୀର ଶେଷ ମାଲିକ ଥିଲେ ବିଜେଡିର ସାଧାରଣ ସମ୍ପାଦକ ବବି ଦାସ। ନିଜ ମାମଲତକାରୀ ସମୟରେ ବାରବାଟୀର ମ୍ୟାଚଟିଏ ତ କରାଇପାରିଲେ ନାହିଁ, ଅନ୍ୟମାନଙ୍କ ଭଳି ବିଧାନସଭାକୁ ବି ଆସିପାରିଲେ ନାହିଁ। ତେଣୁ ଏବେ ଆଲୋଚନା ହେଉଛି, ଯିଏ ବାରବାଟୀ ଯିବ ତା'ର ରାଜନୀତି କ୍ୟାରିଅର୍ ଶେଷ ହୋଇଯିବ। ଏହା ଶୁଣିବା ପରେ ବାରବାଟୀରେ ରାଜନୀତି ବଲ୍ ଗଡ଼ାଇବା ପାଇଁ ଗୋଡ଼ ଟେକି ବସିଥିବା କିଛି ନେତା ଏବେ ଚପଲ ପିନ୍ଧି ଅନ୍ୟଆଡ଼େ ବାଟ କାଟିବାକୁ ସଜବାଜ ହେଲେଣି।

### କ୍ୟାନ୍ସର ଓ କିଡନୀ...

ଚାଲିଛି। ସେଥିରେ ରୋଗୀଙ୍କ ତଥ୍ୟ ରଖି ବିଶ୍ଳେଷଣ କରାଯାଉଛି। ତେବେ ସାରା ରାଜ୍ୟରେ ଜନସଂଖ୍ୟା ଆଧାରିତ କ୍ୟାନସର ରେଜିଷ୍ଟ୍ରି ପାଇଁ ଆଜି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ରାଜ୍ୟରେ କେତେ ପ୍ରକାର କ୍ୟାନସର ଦେଖାଯାଉଛି ତା ଉପରେ ତଥ୍ୟ ସଂଗ୍ରହ କରାଯିବ। ସେହିପରି କେଉଁ ଅଞ୍ଚଳରେ କେଉଁ ପ୍ରକାରର କ୍ୟାନସର ଅଧିକ ରହୁଛି ତା ଉପରେ ମଧ୍ୟ ତଥ୍ୟ ସଂଗ୍ରହ ହେବ। କେଉଁ ଅଞ୍ଚଳରେ କେଉଁ କାରଣରୁ କ୍ୟାନସର ବିପଦ ରହୁଛି, କିଭଳି ଚିକିତ୍ସା ସେବା ମିଳୁଛି, ସେସବୁ ତଥ୍ୟ ଏହି ରେଜିଷ୍ଟ୍ରିରେ ରହିବ। ଏହା ଆଧାରରେ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

କ୍ରୋନିକ୍ କିଡନୀ ରୋଗ ବା ସିକେଡି ରେଜିଷ୍ଟ୍ରି ତିଆରି ପାଇଁ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ମଙ୍ଗଳବାର ଟାସ୍କଫୋର୍ସ ଗଠନ କରିଛି।

ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟାସ୍କଫୋର୍ସରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଡିଏମଇଟି, ପଞ୍ଚାୟତିରାଜ ନିର୍ଦ୍ଦେଶକ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶକ, ଆରଏମଆରସି ନିର୍ଦ୍ଦେଶକ ସଦସ୍ୟ ରହିବେ।

### ଆଜି ଦିଲ୍ଲୀ...

ନୋଏଡ଼ାରେ କାମ କରୁଥିବା ଦିଲ୍ଲୀ ଭୋଟରମାନେ ଉକ୍ତଦିନ ଛୁଟି ନେଇପାରିବେ।

ଯେଉଁ ସଂସ୍ଥାରେ ଛୁଟି ଦେବା ପାଇଁ କର୍ମଚାରୀଙ୍କୁ କର୍ତ୍ତୃପକ୍ଷ ମନା କରିବେ, ସେ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦିଲ୍ଲୀରେ ସମସ୍ତ ମଦ ଦୋକାନ ବି ବନ୍ଦ ରହିବ। ନିର୍ବାଚନକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ସକାଶେ ପାଖାପାଖି ଦେଢ଼ ଲକ୍ଷ ପୋଲିଂ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

ଦିଲ୍ଲୀରେ କ୍ରମାଗତ ତୃତୀୟ ଥର ଜିତି ଆପ୍ ହ୍ୟାଟ୍ରିକ୍ ଲକ୍ଷ୍ୟରେ ରହିଥିବା ବେଳେ ଗତ ଦୁଇଟି ଦିଲ୍ଲୀ ଲୋକସଭା ନିର୍ବାଚନରେ ୭ରୁ ୭ ଆସନ ଜିତିଆସିଥିବା ବିଜେପି ଏଥର ବିଧାନସଭା

ନିର୍ବାଚନରେ ଐତିହାସିକ ସଫଳତା ପାଇବା ଲକ୍ଷ୍ୟରେ ରହିଛି। ସେହିପରି ଗତ ୨୦୧୫ ଓ ୨୦୨୦ରେ ଗୋଟିଏ ଆସନରେ ବି ଜିତିନଥିବା କଂଗ୍ରେସ ଏଥର ବଡ଼ ଚ୍ୟାଲେଞ୍ଜର ସାମ୍ନା କରିବାକୁ ଯାଉଛି। ଏଥର ନିର୍ବାଚନରେ ଦିଲ୍ଲୀ ମଦ ଦୁର୍ନୀତି ମାମଲା କ୍ଷମତାସୀନ ଆପ ପାଇଁ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି। ଏହି ଦୁର୍ନୀତିରେ ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ ଓ ସଞ୍ଜୟ ସିଂ ଗିରଫ ହୋଇଥିଲେ। ଏହାଛଡ଼ା

ନିର୍ବାଚନ ପୂର୍ବରୁ ୮ ଜଣ ଆପ୍ ବିଧାୟକ ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି। ସେପଟେ କଂଗ୍ରେସ ମଧ୍ୟ ଏଥର ଆପ ପାଇଁ କଣ୍ଟା ସାଜିଛି। କିନ୍ତୁ ଗତ ନିର୍ବାଚନରେ ୮ଟି ଆସନ ପାଇଥିବା ବିଜେପି ପାଇଁ ମ୍ୟାଜିକ୍ ନମ୍ବର ହାସଲ କରିବା କଦାପି ସହଜ ହେବନାହିଁ।

# ସରପଞ୍ଚଙ୍କ ଦବଙ୍ଗଗିରି, ଭିଡିଓ ଭାଇରାଲ୍

**କୁଜଙ୍ଗ,୪।୨ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଏକ ନିର୍ଦ୍ଦିଷ୍ଟ ପଞ୍ଚାୟତର ସରପଞ୍ଚଙ୍କ ଦବଙ୍ଗଗିରି କରୁଥିବା ଭିଡ଼ିଓଟି ମୋବାଇଲରୁ ମୋବାଇଲ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ତେବେ ଏହି ଭିଡିଓରେ ଜୈନିକ ସରପଞ୍ଚ ଜଣଙ୍କ ଜଣେ ସାଧାରଣ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଆତଙ୍କିତ ପରିବେଶ ସୃଷ୍ଟି କରିବା, ଅଶ୍ଳୀଳ ଭାଷାରେ ଗାଳି ଗୁଲଜ, ଘରର ଫାଟକକୁ ବଳପୂର୍ବକ ଭାବେ ଗୋଇଠା ମାରି ଭାଙ୍ଗିବା, ପରିବାରର ମହିଳା ମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଭିଡ଼ିଓରୁ ସ୍ପଷ୍ଟ ବାରି ହୋଇ ପଡୁଛି। ଘଟଣା ଘଟିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଗାଁ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ଘଟଣା ଗତ ଶୁକ୍ରବାର ଦିନ ବିଳମ୍ବିତ ରାତିରେ ଘଟିଥିବା ଜଣାପଡିଛି। ତେବେ ସର୍ବସାଧାରଣ ସ୍ଥାନରେ ସରପଞ୍ଚ ଅର୍ଥାତ୍ ଜଣେ ଜନପ୍ରତିନିଧିଙ୍କ ଏଭଳି ଆଚରଣ ବୁଦ୍ଧିଜୀବୀମାନଙ୍କୁ ବିସ୍ମିତ କରିଛି। ଏଭଳି ପରିସ୍ଥିତି କାହିଁକି ଓ କେଉଁ କାରଣରୁ ଉପୁଜିଛି ଏ ପର୍ଯ୍ୟନ୍ତ ଜଣା ପଡିନଥିଲେ ମଧ୍ୟ ଏହା ଏକ ତରଫା ପ୍ରେମ ପାଇଁ ଘଟିଥିବା ସ୍ଥାନୀୟ ଲୋକ ମାନେ କହିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ପୋଲିସ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଏବେ ଦେଖିବାକୁ ବାକି ରହିଲା।

ସୂଚନା ମୁତାବକ, କୁଜଙ୍ଗ ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ନିର୍ଦ୍ଦିଷ୍ଟ ଏକ ପଞ୍ଚାୟତର ସରପଞ୍ଚ ଅର୍ଥାତ୍ ଜନପ୍ରତିନିଧି ଅତ୍ୟଧିକ ମଦ୍ୟପାନ କରି ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ଜୈନିକ ବ୍ୟକ୍ତି ଜଣଙ୍କ ଏତେ ରାତିରେ ମୋ ଘରକୁ କାହିଁକି ଆସିଛ ବୋଲି ପ୍ରଶ୍ନ କରିଥିଲେ। ଫଳରେ ସରପଞ୍ଚ ଜଣଙ୍କ ହଠାତ୍ ରାଗିଯାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଜୈନିକ ବ୍ୟକ୍ତି ଜଣଙ୍କ ଭୟଭୀତ ହୋଇ ପରିବାର ସହ ଘର ଭିତରକୁ ଚାଲି ଯାଇଥିଲେ। ଏତିକିରେ ସରପଞ୍ଚଙ୍କ ମନ ଶାନ୍ତି ହୋଇ ନଥିଲା ବରଂ ଉକ୍ତ ବ୍ୟକ୍ତିଙ୍କ ଘରର ଫାଟକକୁ ଗୋଇଠା ମାରି ଭାଙ୍ଗିବା, ପରିବାରର ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ତେବେ ଏହି ଘଟଣାଟିକୁ ଚତୁରତାର ସହ ଜଣେ ଯୁବକ ମୋବାଇଲରେ ଭିଡ଼ିଓ ରେକେଡ଼ିଂ କରି ନେଇଥିଲେ। ଏହି ଘଟଣା ଘଟିବା ପରେ ଗତକାଲି ଗ୍ରାମବାସୀ ସରପଞ୍ଚଙ୍କୁ ଡକାଇ ଆପୋଷ ସମାଧାନ କରିବା ପାଇଁ ଚେଷ୍ଟା ମଧ୍ୟ କରିଥିଲେ। ତେବେ ସରପଞ୍ଚ ସେଠାରେ ଓଲଟା ସମାଧାନ କରିବା ପରିବର୍ତ୍ତେ ଉକ୍ତ ବ୍ୟକ୍ତିଙ୍କୁ ଧମକ ଚମକ୍ ଦେଇଥିଲେ । ଏମିତିକି ପୋଲିସରେ ଅଭିଯୋଗ କଲେ କୌଣସି ଫଳପ୍ରଦ ହେବନାହିଁ ବୋଲି ସରପଞ୍ଚ କହିଥିଲେ। ତେବେ ଏହି ଘଟଣା ଏକ ତରଫା ପ୍ରେମ ପାଇଁ ଘଟିଥିବା ସ୍ଥାନୀୟ ଲୋକ ମାନେ କହିଛନ୍ତି।

### ଗାଁରେ ଭୀତିପ୍ରଦ ପରିବେଶ

### ଲିଖିତ ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ: ଏସଡିପିଓ

ତେବେ ଜଣେ ଜନପ୍ରତିନିଧି ସର୍ବସାଧାରଣ ସ୍ଥାନରେ ଏଭିଳି ଆଚରଣ ପ୍ରଦର୍ଶନ କରିବା କେତେ ଦୂର ଯଥାର୍ଥ ସ୍ଥାନୀୟ ପଞ୍ଚାୟତବାସୀ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠାଇଛନ୍ତି। ଘଟଣା ସମ୍ପର୍କରେ ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଚିନ୍ମୟୀ ରାଉତଙ୍କୁ ପଚାରିବାରୁ,ଏ ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ କରାଯାଇନାହିଁ। ଯଦି ଲିଖିତ ଅଭିଯୋଗ କରାଯାଏ ତେବେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ରାଉତ ପ୍ରତିକ୍ରିୟାରେ କହିଛନ୍ତି।

## ମନ୍ତ୍ରୀଙ୍କୁ ଭେଟି ପଦୋନ୍ନତି ନିମନ୍ତେ ନିବେଦନ



**ନବରଙ୍ଗପୁର/ଉମାରକୋଟ,୪।୨ (ସଂଚାର ବ୍ୟୁରୋ):** ପଦୋନ୍ନତି ପାଇଁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଗୁହାରି ଜଣାଇଛି ନିଷ୍କଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ୍‌ରେସନ୍। ଏହି ଅବସରରେ ନିଷ୍କଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଉମରକୋଟ ବାସଭବନରେ ପହଞ୍ଚି ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘର ଦାବିଗୁଡ଼ିକ ମଧ୍ୟରେ ଶିକ୍ଷକଙ୍କ ପଦୋନ୍ନତି, ଆର୍‌ଏସ୍‌ପି, ଶ୍ରେଣୀଓ୍ୱାରି ଶିକ୍ଷକ ଓ ଶିକ୍ଷକଙ୍କ ଦରମା ପଡ଼ୋଶୀ ରାଜ୍ୟର ସମକକ୍ଷ କରିବା, ବିଦ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ପୂର୍ବ ସରକାର ନୂଆ ଶିକ୍ଷାନୀତିକୁ ନାଲିଫିତା ତଳେ ପକାଇଛନ୍ତି । ନୂଆ ସରକାର ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି । ନୂଆ ଶିକ୍ଷାନୀତିରେ ଅନେକ ଯୁଗାନ୍ତକାରୀ ଯୋଜନା ଶିକ୍ଷାର୍ଥୀଙ୍କ ଲକ୍ଷ୍ୟ ସାଧନ କରିପାରିବ ବୋଲି ଶିକ୍ଷକମାନେ ପ୍ରଶଂସା କରିଛନ୍ତି ।

## ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ



**ନବରଙ୍ଗପୁର,୪।୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଛି। ଅନୁସୂଚିତ ଜାତି ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉତ୍ସବର ଶୁଭଆରମ୍ଭ କରିଥିଲେ। ବିଧାୟକ ଗୌରୀ ଶଙ୍କର ମାଝୀ, ବିଧାୟକ ନରସିଂହ ଭତରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି କ୍ରୀଡା ଉତ୍ସବ ରେ ଜିଲ୍ଲାର ୯୪ଟି ବିଦ୍ୟାଳୟର ୧୦୦୮ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। ମୋଟ ୧୪ଟି ଇଭେଣ୍ଟରେ ଦୌଡ଼ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କ୍ରୀଡା ଉତ୍ସବ ଆସନ୍ତା ୬ ତାରିଖରେ ଉଦଯାପିତ ହେବ।

## ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିଲା ନିଆଁ



**ଉମରକୋଟ,୪।୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିଲା ନିଆଁ। ଅଳ୍ପକେ ବର୍ତ୍ତିଲେ ରୋଗୀ ଓ ସମ୍ପର୍କୀୟ। ସୂଚନା ଅନୁଯାୟୀ ପ୍ରାୟ ସକାଳ ୧୧.୩୦ ସମୟରେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଅକ୍ସିଜେନ ଗୋଦାମ ଗୃହରେ ନିଆଁ ଲାଗି ଏକ ଶବ୍ଦ ହେବା ଯୋଗୁଁ ସ୍ୱାସ୍ଥ୍ୟ କର୍ମଚାରୀ ସୁପରିଟେଣ୍ଡେଣ୍ଟଙ୍କୁ ଖବର ଦେବା ପରେ ସମସ୍ତ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିଆଁର ଭୟାଭବ ଅଧିକ ଥିବାରୁ ଶେଷରେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡ ଯୋଗୁଁ କାହାର କିଛି କ୍ଷତି ହୋଇ ନଥିବା ବେଳେ ଏକ ବଡ଼ ଅଘଟଣରୁ ବର୍ତ୍ତୀ ଯାଇଛନ୍ତି ରୋଗୀ ଓ କର୍ମଚାରୀ।

## ତେଜରାତି ଦୋକାନରୁ ଚୋରି



**ନାଉଗାଁ,୪।୨ (ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅନ୍ତର୍ଗତ ଆଲଣାହାଟ ବଜାରରେ ଥିବା ଏକ ତେଜରାତି ଦୋକାନ କବାଟ ତାଡି କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଥିବା ନେଇ ନାଉଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଉକ୍ତ ଥାନା ଅନ୍ତର୍ଗତ ନୁଆପାଟଣା ଗ୍ରାମର ପୂର୍ଣ୍ଣ ସାହୁ ନାମକ ଜଣେ ବ୍ୟକ୍ତି ଅଲଣାହାଟ ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି। ତେବେ ସେ ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ବିଳମ୍ବିତ ରାତ୍ରରେ ତାଙ୍କ ଦୋକାନ କବାଟ ତାଡି ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରିକରି ନେଇଛି। ଶ୍ରୀ ସାହୁ ମଙ୍ଗଳବାର ସକାଳୁ ଦୋକାନ ଖୋଲିବାକୁ ଆସି ଏଭଳି ଘଟଣା ଦେଖିବା ପରେ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ନାଉଗାଁ ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି।

# କିଟରେ 'ବ୍ରିକ୍‌ସ ଯୁବ ପରିଷଦ ଉଦ୍ୟୋଗିକତା ପ୍ରାକ୍-ପରାମର୍ଶ' ସମ୍ମିଳନୀ




**ଭୁବନେଶ୍ୱର, ୪।୨ (ସଂଚାର ବ୍ୟୁରୋ) :** ଯୁବ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ନେଇ କିଟରେ 'ବ୍ରିକ୍‌ସ ଯୁବ ପରିଷଦ ଉଦ୍ୟୋଗିକତା ପ୍ରାକ୍-ପରାମର୍ଶ' କାର୍ଯ୍ୟକ୍ରମ ମଙ୍ଗଳବାର କିଟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରାଳୟ, ଗ୍ଲୋବାଲ୍ କାଉଣ୍ଟର ଟେରୋରିଜିମ୍ କାଉନ୍‌ସିଲ୍ (ଜିସିଟିସି), କିଟ୍ ଟିବିଆଇ ଓ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀମତୀ ପାଢ଼ୀ କହିଲେ, ଶିଳ୍ପର ବିକାଶ ବିନା କୌଣସି ରାଜ୍ୟ ବା ଦେଶ ସମୃଦ୍ଧ ହୋଇପାରିବ ନାହିଁ। ମଧୁବାବୁ ଓଡ଼ିଶାକୁ ଶିଳ୍ପ ସଶକ୍ତ କରିବା ପାଇଁ ପ୍ରଥମେ ଚିନ୍ତା କରି ସେତେବେଳେ ଉତ୍କଳ ଟ୍ୟାନେରୀ ଓ ସମବାୟ ଆନ୍ଦୋଳନ ଆରମ୍ଭ କରିଥିଲେ। ଓଡ଼ିଶାର ତାରକସୀ କାମକୁ ସେ ବ୍ରିଟିଶ୍ ପାର୍ଲାମେଣ୍ଟରେ ପହଞ୍ଚାଇ ପାରିଥିଲେ । ଆଜି ଓଡ଼ିଶା ସରକାର ମଧ୍ୟ ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରୁଛନ୍ତି ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ ।

ସମ୍ମାନୀୟ ଅତିଥି ଭାବେ ଜିସିଟିସି କାର୍ଯ୍ୟକାରିଣୀ ସଦସ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ କମଲ ଜିତ ସିଂହ ଭାରତରେ ଷ୍ଟାର୍ଟଅପ୍ ବ୍ୟବସ୍ଥାର ବ୍ୟାପକ ବୃଦ୍ଧି ହୋଇଥିବା ସୂଚନା ଦେଇ କହିଲେ, ସଂପ୍ରତି ଭାରତରେ ୧ଲକ୍ଷ ୩୦ ହଜାର ଷ୍ଟାର୍ଟ ଅପ୍ ରହିଛି । ଭାରତ ଏବେ ବିଶ୍ୱର ୪ର୍ଥ ଷ୍ଟାର୍ଟ-ଅପ୍ ହବ୍ ହୋଇପାରିଛି। ତେବେ ଏହି ସବୁ ଷ୍ଟାର୍ଟ ଅପ୍ ପାଇଁ ଏଆଇ ଏକ ଚ୍ୟାଲେଞ୍ଜ ହୋଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମାତା ସୁନ୍ଦରୀ କଲେଜ ଫର ଓ୍ୱିମେନ୍ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ପ୍ରଫେସର ପାରମିତା ଦତ୍ତ ବ୍ରିକ୍‌ସ ଉପରେ ସୂଚନା ଦେଇ କହିଲେ, ୨୦୨୩ରେ ବ୍ରିକ୍‌ସ ଆରମ୍ଭ ହୋଇଥିଲା । ଯୁବଗୋଷ୍ଠୀଙ୍କୁ ବୈଶ୍ୱିକ ସମସ୍ୟାର ସମ୍ମୁଖୀନ ହେବା ସହ ସଶକ୍ତ ହେବା ଦିଗରେ ଆରମ୍ଭ କରାଯାଇଥିବା ବ୍ରିକ୍‌ସରେ ଏବେ ୩୫ବର୍ଷରୁ କମ୍ ବୟସର ଥିବା ୬୫ ପ୍ରତିଶତ ଯୁବକଯୁବତୀ ଏଥିରେ ଯୋଗ ଦେଇସାରିଲେଣି । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଇନୋଭେସନ୍, ଏଣ୍ଟ୍ରେପ୍ରେନରସିପ ଆଣ୍ଡ ଭେଞ୍ଚର ଡେଭେଲପମେଣ୍ଟ ଉପରେ କିଟ୍ ବିଶ୍ୱବିଦ୍ୟାଳୟରେ ଏକ ଏମ୍‌ବିଏ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଥିବା ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଗବେଷଣା ଓ ବିକାଶ ବିଭାଗ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ୍ କ୍ଲଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନମ୍ରତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନରୁ ୭ଶହ ଛାତ୍ରଛାତ୍ରୀ ପ୍ରତିନିଧି ଯୋଗଦେଇଥିବା ବେଳେ ୧୬୦ଜଣ ସେମାନଙ୍କ ଷ୍ଟାର୍ଟଅପ୍ ପରିକଳ୍ପନା ପ୍ରଦର୍ଶିତ କରିଥିଲେ । ଶ୍ରେଷ୍ଠ ବିବେଚିତ ୫ଟି ଷ୍ଟାର୍ଟଅପ୍‌କୁ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

**'ସଂଚାର' ପ୍ରଭାବ**

## ବିଦ୍ୟାଳୟ ସମ୍ମୁଖରୁ ହଟିଲା ଅଳିଆ



**ବୋରିଗୁମ୍ମା, ୪।୨ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସଦର ମୋହକୁମା ସ୍ଥିତ ଦାସିରିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଭାଗ ଆବର୍ଜନାରେ ପୂର୍ଣ୍ଣ ହୋଇ ଅତି ଶୋଚନୀୟ ଅବସ୍ଥାରେ ରହିଥିଲା। ଏନେଇ ଦୈନିକ ଅଗ୍ରଣୀ ଓଡ଼ିଆ ଖବର କାଗଜ 'ସଂଚାର'ରେ ଗତକାଲି ଖବର ପ୍ରକାଶ ପରେ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଓ ଅଭିଭାବକ ମାନଙ୍କ ଦ୍ୱାରା ବେଶ ଗ୍ରହଣୀୟ ହୋଇଥିଲା। ଏହି ଖବରକୁ ବ୍ଲକ ପ୍ରଶାସନ ଅତି ଗୁରତର ସହ ନେଇ କିଛି ଘଣ୍ଟା ମଧ୍ୟରେ ଉକ୍ତ ସ୍ଥାନକୁ ସଫାସୁତରା କରିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ଖୁସିର ମାହଲ ଖେଳିଯାଇଛି। ସେପଟେ ବୋରିଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସକାଳୁ, ସନ୍ଧ୍ୟାରେ ୨ ଥର ଓଳିଆ ଗାଡ଼ି ବୁଲିବା ସତ୍ୱେ ବିଦ୍ୟାଳୟ ସମ୍ମୁଖରେ ଓଳିଆ ଆବର୍ଜନା ଠୁଳ ହେବା ପ୍ରସଙ୍ଗକୁ ଗମ୍ଭୀରତା ସହ ନେଇଛନ୍ତି। ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏହି ରାସ୍ତାରେ ସରକାରୀ ମେଡିକାଲ, ବିଭିନ୍ନ କାର୍ଯ୍ୟାଳୟ, ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ, ଜଗନ୍ନାଥ ମନ୍ଦିର ଓ ବ୍ୟାଙ୍କ ଆଦି ଅଛି। ଏନେଇ ସ୍ଥାନୀୟ ଲୋକେ, ବୁଦ୍ଧିଜୀବୀ, ଅଧିକାରୀ ବିଦ୍ୟାଳୟ ସମ୍ମୁଖରେ ଓଳିଆ, ଆବର୍ଜନା ଠୁଳ କରିବାରେ ନିବୃତ ରହିବାକୁ ସଚେତନତାର ଆବଶ୍ୟକ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ ଏବଂ ଲୋକଙ୍କୁ ଏହି କାର୍ଯ୍ୟରୁ ନିବୃତ ରହିବାକୁ ନିବେଦନ କରିଛନ୍ତି।

**ଦିବ୍ୟାଙ୍ଗ ପ୍ରମାଣପତ୍ର କେଳେଙ୍କାରୀ**

## ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଲେ

**ନୟାଗଡ଼, ୪।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲାପାଳଙ୍କ ଜନଶୁଣାଣି ବେଳେ ଆଜି ଦିବ୍ୟାଙ୍ଗମାନେ ଧାରଣା ଦେବା ସହ ସ୍ୱାସ୍ଥ୍ୟ ବିଭାଗର ପୋଲ ଖୋଲିଛନ୍ତି । ରାଜ୍ୟ ସରକାର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ୩୫ ଶହ ଟଙ୍କା ଭତ୍ତା ଘୋଷଣା କରିବା ପରେ କମ ପ୍ରତିଶତ ଥିବା ଦିବ୍ୟାଙ୍ଗମାନେ ଧାରଣା ଦେଇଛନ୍ତି । ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ପ୍ରମାଣପତ୍ର କେଳେଙ୍କାରୀ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଟଙ୍କା ଦେଲେ ସୁସ୍ଥ ଲୋକଙ୍କୁ ବି ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିପାରୁଛି ବୋଲି ସିଧାସଳଖ ଅଭିଯୋଗ କରିଛନ୍ତି। ଅଲ ଓଡ଼ିଶା ଦିବ୍ୟାଙ୍ଗ ସଂଘ ସମ୍ପାଦକ ଏନେଇ ନୟାଗଡ଼ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଡା. ବି ଏସ୍ ରାଓଙ୍କ ଆକ୍ଷେପ କରିଛନ୍ତି। ଡା. ରାଓ ଟାଳଟୁଳ ନୀତି ଆପଣାଉଥିବାରୁ ୮୦ ପ୍ରତିଶତ



ଦିବ୍ୟାଙ୍ଗଙ୍କୁ ୭୦ ଓ ୭୫ ପ୍ରତିଶତ ପ୍ରମାଣପତ୍ର ମିଳୁଛି ବୋଲି କହିଛନ୍ତି । ନୟାଗଡ଼ ଜିଲ୍ଲା ହଜାର ହଜାର ସୁସ୍ଥ ଲୋକ ଦିବ୍ୟାଙ୍ଗ ପ୍ରମାଣପତ୍ର ବଳରେ ସରକାରୀ ଚାକିରୀ କରୁଥିବା, ଭତ୍ତା ପାଉଥିବା ଏବଂ ଅନ୍ୟାନ ସୁବିଧା ପାଉଥିବା ସେ ଅଭିଯୋଗ କରିଛନ୍ତି। ଦୀର୍ଘ ସମୟ ଧରି ଦିବ୍ୟାଙ୍ଗମାନେ ଧାରଣା ଦେବା ପରେ ଜିଲ୍ଲାପାଳ ଆସି ସେମାନଙ୍କ ସହ ଆଲୋଚନା କରିଥିଲେ । କମ ପ୍ରତିଶତ ପ୍ରମାଣପତ୍ର ପାଇଥିବା ଦିବ୍ୟାଙ୍ଗଙ୍କୁ ପୁନଃ ପରୀକ୍ଷଣ କରିବାକୁ ସେ ପରାମର୍ଶ ଦେଇଥିବା ଜିଲ୍ଲାପାଳ ଗଣମାଧ୍ୟମକୁ କହିଛନ୍ତି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସୁସ୍ଥ ଲୋକଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର ମିଳିବା ଉପରେ କଡ଼ା ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ସିଡିଏମଓଙ୍କୁ କହିଥିବା ଜଣାପଡ଼ିଛି ।

## ସଫଳ ଗୁରୁ ସୁଶାନ୍ତଙ୍କୁ ଜୟ ଜଗନ୍ନାଥ ସମ୍ମାନ

**ଯାଜପୁର,୪।୨(ସଂଚାର ବ୍ୟୁରୋ):** ସୁନାମଧନ୍ୟ ଗୋପାଳ ଦାସ ସ୍ମାରକୀ ସାଂସ୍କୃତିକ ସଂଗଠନ (ଗଡମେକର)ର ପ୍ରତିଷ୍ଠାତା ତଥା ସଫଳ ସାଂସ୍କୃତିକ ବ୍ୟକ୍ତିତ୍ୱ ଗୁରୁ ସୁଶାନ୍ତ କୁମାର ପାଣିଙ୍କୁ ଚଳିତ ବର୍ଷର ଜୟ ଜଗନ୍ନାଥ ମହୋତ୍ସବର ପ୍ରଥମ ଦିନରେ ପ୍ରଥମ ଜୟ ଜଗନ୍ନାଥ ସମ୍ମାନ ପ୍ରଦାନ କରାଯାଇଛି। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତ ଭୁବନପୁର ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ ଅବସରରେ ସୁଶାନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମହୋତ୍ସବରେ ଆବାହକ ସତୀଶ ବିଶ୍ୱାଳ ଏହି ସମ୍ମାନ ପ୍ରଦାନ କରି କହିଥିଲେ ଯେ ସୁଶାନ୍ତବାବୁ ଦୀର୍ଘ ତିନି ଦଶନ୍ଧି ଧରି ଗୀତ, ବାଦ୍ୟ, ନୃତ୍ୟ, ନାଟକ, ଚିତ୍ରକଳା ଆଦି ୫ଟି କଳା ମାଧ୍ୟମରେ ୫ ହଜାରରୁ ଉର୍ଦ୍ଧ୍ୱ ପ୍ରତିଭାବାନ କଳାକାରଙ୍କୁ ଗୋଟିଏ ଛାତ ତଳେ ପ୍ରଶିକ୍ଷଣ ଓ ଗବେଷଣା ପ୍ରଦାନ କରିଛନ୍ତି। ଏହି କଳାକାରମାନେ ରାଜ୍ୟ ସମେତ ଦେଶବିଦେଶରେ ପ୍ରଶଂସନୀୟ କଳା ପ୍ରଦର୍ଶନ କରି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ଜଣେ ବିବିଧ ପ୍ରତିଭାସମ୍ପନ୍ନ ଅନନ୍ୟ ଓ ଅଦ୍ୱିତୀୟ ଗୁରୁ ଓ କଳାକାର ଭାବେ ସୁଶାନ୍ତ ଓଡ଼ିଶୀ କଣ୍ଠ ସଙ୍ଗୀତ, ଗାୟକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର, ଉପସ୍ଥାପକ, ଉଦଘୋଷକ, ପରିଚାଳକ, ଅଭିନେତା, ବାଦକ, କବି, ଲେଖକ ଓ ସଫଳ ସ୍ରଷ୍ଟା ଭାବେ ଓଡ଼ିଶା ଓ ହରିୟାଣାର ରାଜ୍ୟପାଳ ତଥା ବିଭିନ୍ନ ମନ୍ତ୍ରୀ ଓ ଖ୍ୟାତାନାମା କଳାକାରଙ୍କ ଦ୍ୱାରା ଅଜସ୍ର ସମ୍ମାନ ପାଇ ଗୌରବାନ୍ୱିତ ହୋଇଛନ୍ତି। ଆକାଶବାଣୀ କଟକ, ଦୂରଦର୍ଶନ ସମେତ ବିଭିନ୍ନ ଚ୍ୟାନେଲରେ ସୁଶାନ୍ତଙ୍କ ଅନେକ କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସିତ ହୋଇଛି।



**ବ୍ରହ୍ମପୁର ବିଜେଡି କନ୍ଦଳ**

# ମାନିଲେ ରମେଶ, ମୁହଁ ଖୋଲିଲେନି ବିକ୍ରମ

**ବ୍ରହ୍ମପୁର, ୪।୨ (ସଂଚାର ବ୍ୟୁରୋ) :** ସ୍ଥାନୀୟ ବିଜୁ ଜନତା ଦଳ କ୍ୟାମ୍ପ୍‌ରେ ବଡ ଫାଟ ଥିବା ଚର୍ଚ୍ଚା ହୋଇ ଆସୁଥିବା ବେଳେ ଗତ ବିଇଏମସି ବୈଠକରେ ଦୁଇ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷର ଚିତ୍ର ସ୍ପଷ୍ଟ ହୋଇଥିଲା। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମର ୪ ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଦାୟିତ୍ୱ ନେଇଥିବା ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ସୋମବାର ରାତିରେ ବ୍ରହ୍ମପୁରରେ ପହଞ୍ଚିଥିଲେ। ତାଙ୍କୁ ମେୟରଙ୍କ ସମେତ ବହୁ ବିଜେଡି ହେବିଓ୍ୱେଟ୍ ଓ କର୍ପୋରେଟରଗଣ ଭେଟି ସ୍ୱାଗତ ଜଣାଇବା ସହ କିଛି ଆଲୋଚନା ହୋଇଥିବା ବି କୁହାଯାଉଥିଲା। ମଙ୍ଗଳବାର ବ୍ରହ୍ମପୁର ରେଳ ଷ୍ଟେସନ ନିକଟ ସର୍କିଟ ହାଉସରେ ଦଳର ସଂଗଠନ ସହ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଜିଲ୍ଲାର ବିଧାୟକ ପ୍ରାର୍ଥୀଙ୍କ ସହ ସଞ୍ଜୟ ଆଲୋଚନା କରିଥିଲେ। ବ୍ରହ୍ମପୁରର ଦୁଇ ବିଜେଡି କର୍ପୋରେଟର ଗୋଷ୍ଠୀଙ୍କୁ ଡାକି ପୃଥକ ଭାବେ ଆଲୋଚନା କରିଥିବା ଜଣାପଡିଥିଲା।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବର୍ମା କହିଥିଲେ, ଦଳର ସାଂଗଠନିକ କାର୍ଯ୍ୟକ୍ରମକୁ କିଭଳି ତ୍ୱରାନ୍ୱିତ କରାଯିବ, ତୃଣମୂଳ ସ୍ତରରୁ ସଭ୍ୟ ସଂଗ୍ରହ ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯିବା ସହ ଦଳୀୟ ସାଂଗଠନିକ ନିର୍ବାଚନକୁ ସମସ୍ତ ନିର୍ବାଚନ ମଣ୍ଡଳୀରେ ଶାନ୍ତି ଶୃଙ୍ଖଳାରେ କରାଯିବା ନେଇ ଜିଲ୍ଲାର ନେତୃମଣ୍ଡଳୀଙ୍କ ସହ ଆଲୋଚନା ହୋଇଛି। ଏହାସହ ଏକ ସଚେତନ ବିରୋଧୀ ଦଳ ହିସାବରେ ଦାୟିତ୍ୱ ନିର୍ବାହ କରିବା, ଗଞ୍ଜାମବାସୀଙ୍କ ସ୍ୱରକୁ ଶାଣିତ କରିବା, ଚାଷୀଙ୍କ ସମସ୍ୟା ସମେତ ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟରଙ୍କ ଗୋଷ୍ଠୀ ମଧ୍ୟରେ ଯେଉଁ ମତ ପାର୍ଥକ୍ୟ ରହିଛି ତାକୁ ଦୂର କରି ସଭିଏଁ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ କହିଥିଲେ।

ଅନ୍ୟପଟେ, ବିଇଏମସି କର୍ପୋରେଟର ଗୋଷ୍ଠୀଙ୍କ ମଧ୍ୟରେ ବିବାଦକୁ ନେଇ ଗଣମାଧ୍ୟମର ପ୍ରଶ୍ନରେ ସ୍ପଷ୍ଟ ଉତ୍ତର ଦେଇଥିଲେ ଦଳର ବରିଷ୍ଠ ନେତା ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ସେ କହିଥିଲେ ବିଇଏମସି, ବ୍ଲକ୍ ଏବଂ ପଞ୍ଚାୟତ ଗୁଡିକରେ ଦଳ ଭିତରେ ମତାନ୍ତର ମନାନ୍ତର କିଛି ମାତ୍ରାରେ ରହିଛି। ସମସ୍ତଙ୍କୁ ଡାକି ଶ୍ରୀ ବର୍ମା ଏହାର ସମାଧାନ କରିଛନ୍ତି। ବିଜେଡି ହାଇକମାଣ୍ଡ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡିର ସଂଗଠନ ସୁଦୃଢ଼ ରହିଛି। ଲୋକଙ୍କ ସମସ୍ୟାର ସମାଧାନକୁ ଆମେ ଗୁରୁତ୍ୱ ଦେଉଛୁ। ତେବେ ସମସ୍ତଙ୍କ ଫୋକସ ବିଜେଡି କନ୍ଦଳ ଉପରେ ରହିଥିବା ବେଳେ ସହରର ଦୁଇ ପୂର୍ବତନ ବିଧାୟକ ଗୋଷ୍ଠୀଙ୍କ ଭିତରେ ଏହା ଉଗ୍ରରୂପ ନେଇଥିବା ଚର୍ଚ୍ଚା ହୋଇ ଆସୁଥିଲା। ଜିଲ୍ଲା ପର୍ଯ୍ୟବେକ୍ଷକଙ୍କ ସହ ବୈଠକ ଏବଂ ଆଲୋଚନା ପରେ ଏହାକୁ ନେଇ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା କିନ୍ତୁ ଏ ବାବଦରେ କୌଣସି ପ୍ରତିକ୍ରିୟା ଦେଇନଥିଲେ।

ସୂଚନା ଅନୁଯାୟୀ, କିଛି ନିର୍ଦ୍ଦିଷ୍ଟ କର୍ପୋରେଟର ଗୋଷ୍ଠୀଙ୍କ ପ୍ରଶ୍ନରୁ ବିଇଏମସିରେ ବିବାଦ ଆରମ୍ଭ ହୋଇଥିଲା। ପରେ ଦୁଇ ଗୋଷ୍ଠୀ ମଧ୍ୟରେ କନ୍ଦଳ କୁହୁଳିଥିବା ବେଳେ ଅନେକବାର ଏହାକୁ ନେଇ ଦଳୀୟ ତୁଙ୍ଗ ନେତାଙ୍କ ଠାରୁ ଆରମ୍ଭ କରି ଦଳ ମୁଖିଆ ପର୍ଯ୍ୟନ୍ତ ଏଥିରେ ହସ୍ତକ୍ଷେପ କରି ଫେଲ୍ ମାରିଥିଲେ। ସମ୍ପ୍ରତି ସଞ୍ଜୟଙ୍କ ସହ ଆଲୋଚନା ପରେ ଦଳରେ ନେତା ଓ କର୍ମୀ କେତେ ମାତ୍ରାରେ ଏକତ୍ରିତ ହୋଇ ରହୁଛନ୍ତି ତାହା ଆଗାମୀ ଦିନରେ ହିଁ ଜଣାପଡିବ।



### ନେତା ଓ କର୍ପୋରେଟରଙ୍କ ସହ ସଞ୍ଜୟଙ୍କ ଆଲୋଚନା

## ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଓ ପୁରସ୍କାର ବିତରଣ ଉତ୍ସବ



**କୁଜଙ୍ଗ, ୪।୨ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ ମହ୍ଲାସାହି ପଂଚାୟତ ସ୍ଥିତ ମହ୍ଲାସାହି ସୁଭଦ୍ରା ମହତାବ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ମଙ୍ଗଳବାର ଦିନ 'ନିପୁଣ ଓଡିଶା ମେଳା' ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନନ୍ତ ଚରଣ ପାଣି, ସମ୍ମାନିତ ଅତିଥିଭାବେ ନରେଶ କୁମାର ଚୌଧୁରୀ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଆଲୋକପାତ କରିଥିଲେ । ମଂଚ ପରିଚାଳନା କରିଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୂର୍ଣଚନ୍ଦ୍ର ଦାସ । ସଭ୍ୟ ପ୍ରଶାନ୍ତ କୁମାର ବାରିକ, କବିନ୍ଦ୍ର ଦାସ, ସଂଯୁକ୍ତା ସେଠି, ରୋଜାଲିନ୍ ମୁଦୁଲି ଓ ରୁବିନା ମୁଦୁଲି ସମେତ ସମସ୍ତ ସଭ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଜୟଲକ୍ଷ୍ମୀ ସାହୁ ଓ ବିଶ୍ୱମ୍ବର ସେଠି ପୁରସ୍କାର ବିତରଣ ଉତ୍ସବରେ ସହଯୋଗ କରିଥିଲେ । ଶେଷରେ ସହକାରୀ ଶିକ୍ଷୟିତ୍ରୀ ଅନିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବାରବାଟୀ ବ୍ୟାଟେଲ

# ରାଜ୍ୟ ଗୌରବଙ୍କ ପାଇଁ ଲିଜେଣ୍ଡ୍ରି ଲାଉଞ୍ଜ



କଟକ,୪ା୨(ସଂଚାର ବ୍ୟୁରୋ): ଆଗାମୀ ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ପାଇଁ ଅନଲାଇନ୍ ଏବଂ ଓସିଏ ଅନୁବନ୍ଧିତ ସଂସ୍ଥାଙ୍କୁ ଟିକେଟ୍ ବିକ୍ରି ସରିବା ପରେ ସାଧାରଣ ଦର୍ଶକଙ୍କ ପାଇଁ କାଲିଠୁ କାଉଣ୍ଟରରେ ଟିକେଟ୍ ବିକ୍ରି। ଏଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସବୁଠୁ ବଡ଼ କଥା ହେଉଛି, ଏଥର ପ୍ରଥମ ଥର ରାଜ୍ୟର ସ୍ୱନାମଧନ୍ୟ ବ୍ୟକ୍ତିବିଶେଷଙ୍କୁ ମ୍ୟାଚ୍ ଦେଖିବାର ସୁଯୋଗ ଦେବାକୁ ଲିଜେଣ୍ଡ୍ରି ଲାଉଞ୍ଜର ବ୍ୟବସ୍ଥା କରିଛି ଓସିଏ। ସୁପର୍ ସଣ୍ଡେରେ ଇଣ୍ଡିଆ-ଇଂଲଣ୍ଡ ସୁପର ଟକ୍କରକୁ ଆଉ ମାତ୍ର ଚାରି ଦିନ । ତେଣୁ ଜୋରଦାର ହୋଇଛି ପ୍ରସ୍ତୁତି। ହେଲେ ବଡ଼ କଥା ହେଉଛି ଏଥର ପ୍ରଥମ ଥର ପାଇଁ ଷ୍ଟାଡିୟମରେ ଲିଜେଣ୍ଡ୍ରି ବକ୍ସର ବ୍ୟବସ୍ଥା ହୋଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟକୁ ଗୌରବାନ୍ୱିତ କରିଥିବା ପଦ୍ମ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିବା ସହ ମ୍ୟାଚ୍ ଉପଭୋଗ କରିବାକୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାଭିଲିୟନର ବ୍ୟବସ୍ଥା କରାଯାଇଛି। ପଦ୍ମ ବିଜେତା ହଳଧର ନାଗ, ଜିତେନ୍ଦ୍ରୀୟ ହରିପାଲ, ପ୍ରତିଭା ଶତପଥୀ, ସୁଦର୍ଶନ ପଟ୍ଟନାୟକ, ଅରୁଣା ମହାନ୍ତି, ସୁଦର୍ଶନ ସାହୁଙ୍କ ଭଳି ୩୦ ଜଣଙ୍କୁ ଲିଜେଣ୍ଡି ବକ୍ସରେ ବସି ମ୍ୟାଚ୍ ଦେଖିବାକୁ ନିମନ୍ତ୍ରଣ କରିଛି ଓସିଏ।

## ପୁରୀ ସୂରଜମଲ ସାହା ମହାବିଦ୍ୟାଳୟ ପାଇଁ କୋଟିଏ ଟଙ୍କାର ସହାୟତା ଘୋଷଣା

# ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଜ୍ଞାନ ଏକମାତ୍ର ସମ୍ପତ୍ତି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୪ା୨(ସଂଚାର ବ୍ୟୁରୋ): ଜ୍ଞାନ ହେଉଛି ପ୍ରକୃତ ଶକ୍ତି। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଜ୍ଞାନ ଆହରଣ ହିଁ ଏକମାତ୍ର ସମ୍ପତ୍ତି। ଛାତ୍ର ଜୀବନ ହେଉଛି ଜଣେ ବ୍ୟକ୍ତିର ସୃଜନଶୀଳ ଓ ଉତ୍ପାଦନଶୀଳ ଜୀବନ। ଛାତ୍ର ଜୀବନର କିଛି ବର୍ଷ ବ୍ୟକ୍ତିର ସାରା ଜୀବନର ଦଶା ଓ ଦିଶା ନିର୍ଦ୍ଧାରିତ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ପୁରୀଠାରେ ସୂରଜମଲ ସାହା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଉପରୋକ୍ତ ମତ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟର ଭିତ୍ତିଭୂମିରେ ଉନ୍ନତି ପାଇଁ ଏକ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆଜିର ଶିକ୍ଷା ପଦ୍ଧତି ଓ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏବେ ନିଯୁକ୍ତି ଓ ରୋଜଗାରର ଅମାପ ସୁଯୋଗ ରହିଛି। ଏହାର ସଦୁପଯୋଗ କରିବା ପାଇଁ ଶିକ୍ଷା ସହ ଉପଯୁକ୍ତ ଦକ୍ଷତା ବିକାଶ ତାଲିମ୍‌ର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବଜେଟରେ ଦେଶର ପ୍ରାୟ କୋଟିଏ ଯୁବଗୋଷ୍ଠୀଙ୍କୁ ପ୍ରତିଷ୍ଠିତ କମ୍ପାନୀ ଜରିଆରେ ଶିଳ୍ପୋପଯୋଗୀ କରିବା ପାଇଁ ଷ୍ଟାଇପେଣ୍ଡ ସହ ଇର୍ଣ୍ଟର୍ଣ୍ଣସିପ୍‌ର ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶରେ ନୂତନ ଶିକ୍ଷା ନୀତି-୨୦୨୦ ପ୍ରଣୟନ କରାଯାଇଛି। ଯୁବପିଢ଼ିକୁ ଏକ ସାମଗ୍ରିକ ଶିକ୍ଷା ଯୋଗାଇଦେଇ ସେମାନଙ୍କୁ ଯୋଗ୍ୟ କରିବା ହେଉଛି ଆମର ଲକ୍ଷ୍ୟ। ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଆମ ସରକାର ଯୋଜନା କରିଛନ୍ତି। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଆମ ଶିକ୍ଷା ବ୍ୟବସ୍ଥାକୁ ଆହୁରି ବଳିଷ୍ଠ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟର ନବନିର୍ମିତ ଶ୍ରେଣୀଗୃହ ଓ ପ୍ରଶାସନିକ ଗୃହର ଉଦଘାଟନ କରିବା ସହ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର କାଠମାଣ୍ଡୁଠାରେ ଆୟୋଜିତ ସାଉଥ୍ ଏସିଆନ୍ କମ୍ବାଟ୍ ଚାମ୍ପିଅନସିପ୍‌ରେ ମେଡାଲ ହାସଲ କରିଥିବା ଓ ସର୍ବଭାରତୀୟ କୋଷ୍ଟାଲ ଟ୍ରେକିଙ୍ଗ ଓ ମାଉଣ୍ଟେନ କୋର୍ସରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି ଯେ ବିଶିଷ୍ଟ ସମାଜସେବୀ ସୂରଜମଲ ସାହା ସାହସ, ତ୍ୟାଗ, ସମର୍ପଣ ଓ ତିତିକ୍ଷାର ପ୍ରତୀକ ଥିଲେ। ସେ ପ୍ରତ୍ୟକ୍ଷ ରାଜନୀତିରେ ନ ଥାଇ ମଧ୍ୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସଦାସର୍ବଦା ଚେଷ୍ଟିତ ଥିଲେ। ଏହି ମହାବିଦ୍ୟାଳୟର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଜାତୀୟ ସ୍ତରର ଖେଳାଳି ହୋଇଥିବାରୁ ଏହା ନିଶ୍ଚିତ ଭାବେ ଏକ ଗୌରବର କଥା ବୋଲି କହିବା ସହ ମନ୍ତ୍ରୀ ଶ୍ରୀ ସୂରଜ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଜରିଆରେ ରାଜ୍ୟ ତଥା ଦେଶର ବିକାଶ ପ୍ରତି ସମସ୍ତେ ଯତ୍ନବାନ ହେବା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପିଲାମାନଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ଦେବା ସହ ଭବିଷ୍ୟତରେ ନିଜ ଶିକ୍ଷା ମହତ୍ତ୍ୱକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ସାହୁ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅଧ୍ୟାପକ ନଳିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଗ୍ରାଉଣ୍ଡକୁ ଯିବେ ଅଫିସର୍

ଭୁବନେଶ୍ୱର,୪ା୨(ସଂଚାର ବ୍ୟୁରୋ): ଗ୍ରାଉଣ୍ଡରେ କେତେ ପହଞ୍ଚିଛି ମୋହନ ସରକାରଙ୍କ ଯୋଜନା, ଲୋକମାନେ ଡବଲ୍ ଇଞ୍ଜିନ ସରକାରର ଉପଲବ୍ଧି ସମ୍ପର୍କରେ କଣ କହୁଛନ୍ତି, ଜାଣିବା ପାଇଁ ପଞ୍ଚାୟତକୁ ଯିବେ ବରିଷ୍ଠ ଆଇଏଏସ୍ ଅଫିସର। ସେଠି ରାତିରେ ରହିବେ ଓ ଲୋକଙ୍କୁ ଭେଟିବେ। ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ବୁଝିବେ। ଅତିକମରେ ଦୁଇଦିନିଆ ଜିଲ୍ଲା ଗସ୍ତରେ ଯିବେ ଏବଂ ଯେମିତି ହେଲେ ଉପଖଣ୍ଡ ମୁଖ୍ୟାଳୟ କିମ୍ବା ଜିଲ୍ଲା ମୁଖ୍ୟାଳୟରେ ଗୋଟିଏ ରାତି କଟାଇବେ ଅଫିସର। ଗତ ୩୧ରେ ଉନ୍ନୟନ କମିଶନର ଏନେଇ ସବୁ ବିଭାଗୀୟ ସଚିବଙ୍କୁ ଚିଠି ଲେଖିଥିବା ବେଳେ ଏଣିକି ପ୍ରତି ଦୁଇ ମାସରେ ଥରେ ଜିଲ୍ଲା ଗସ୍ତରେ ଯିବେ ଅଫିସର ବୋଲି ନିର୍ଦ୍ଦେଶ ଦିଆଯାଇଛି। ଆହାର ନହେଲେ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ମାନ ଚେକ କରିବେ। ଫେବୃଆରୀରୁ ମାର୍ଚ୍ଚ ଭିତରେ ବାବୁମାନଙ୍କୁ ଜିଲ୍ଲା ଗସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ୩୦ଟି ଜିଲ୍ଲା ପାଇଁ ୩୦ ଜଣ ଆଇଏଏସଙ୍କୁ ଦାୟିତ୍ୱ ଦେଇଛନ୍ତି ଉନ୍ନୟନ କମିଶନର। ତୃଣମୂଳ ସ୍ତରରେ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ନଜର ରଖିବାକୁ ସରକାର ନେଇଛନ୍ତି ଏଭଳି ପଦକ୍ଷେପ। ଆଇଏଏସ୍ ଡିକେ ସିଂଙ୍କୁ ଜଗତସିଂହପୁର, ସୁରେନ୍ଦ୍ର କୁମାରଙ୍କୁ ଯାଜପୁର, ଜି. ମାଥିଭାଥନନଙ୍କୁ ବଲାଙ୍ଗୀର,

- ସ୍ଥିତି ପରଖି ସରକାରଙ୍କୁ ଦେବେ ରିପୋର୍ଟ
- ଦୁଇ ମାସରେ ଥରେ ଦୁଇଦିନିଆ ଜିଲ୍ଲା ଗସ୍ତ ବାଧ୍ୟତାମୂଳକ

ହେମନ୍ତ ଶର୍ମାଙ୍କୁ ସମ୍ବଲପୁର, ଅରବିନ୍ଦ ପାଢ଼ୀଙ୍କୁ ପୁରୀ, ଶ୍ୱାଶତ ମିଶ୍ରଙ୍କୁ ଢେଙ୍କାନାଳ, ବିଶାଳ ଦେବଙ୍କୁ ବାଲେଶ୍ୱର ଓ ଉଷା ପାଢ଼ୀଙ୍କୁ ଭଦ୍ରକ ଭଳି ୩୦ ଜିଲ୍ଲା ଗସ୍ତ ପାଇଁ ୩୦ ଆଇଏଏସଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୮ଟି ଖଣି ଜିଲ୍ଲା ଅନୁଗୋଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡା, ସୁନ୍ଦରଗଡରେ ଡିଏମଏଫ୍ ଏବଂ ଓମବାଡସିର ସମୀକ୍ଷା ସହ ଏହି ପାଣ୍ଠିରେ ହେଉଥିବା ପ୍ରକଳ୍ପଗୁଡ଼ିକୁ ମଧ୍ୟ ଭିଜିଟ କରିବାକୁ କୁହାଯାଇଛି। ଗ୍ରାଉଣ୍ଡକୁ ଯାଇ ସ୍ଥିତି ସମୀକ୍ଷା ସହ ଲୋକଙ୍କ ସହ ଆଲୋଚନା ପରେ ସମସ୍ୟାର ସମାଧାନ ପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ବୈଠକ କରିବେ। ପ୍ରତି ଦୁଇ ମାସରେ ଅତିକମ୍‌ରେ ଦୁଇ ଦିନ ଜିଲ୍ଲା ଯିବାକୁ ଦିଆଯାଇଛି ନିର୍ଦ୍ଦେଶ। ଜିଲ୍ଲା ଗସ୍ତ ସାରି ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି।

## ନନ୍ଦନକାନନ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା: ଚାଳକ ଗିରଫ

# କୁନିଝିଅ ଉପରେ ମାଡ଼ିଗଲା ମୋ ବସ୍



ଭୁବନେଶ୍ୱର,୪ା୨(ସଂଚାର ବ୍ୟୁରୋ): ରାଜଧାନୀରେ ପୁଣି ବେପରୁଆ ଗାଡ଼ି ଚାଳନାର ନମୁନା ଦେଖିବାକୁ ମିଳିଛି। ପୁଣିଥରେ ମୋ ବସ୍ ଚାଳକ ଜଣକ ଜୀବନ ନେଇଛନ୍ତି। ଗୋଟିଏ ପଟେ ବିଭାଗୀୟ ମନ୍ତ୍ରୀ ମୋ ବସ୍‌ର ସର୍ବାଧିକ ଗତି ୪୦ ରହିବ ବୋଲି ନିର୍ଦ୍ଦେଶ ଦେଇଥିବା ବେଳେ ଦୁର୍ଘଟଣା ଘଟାଇଥିବା 'ମୋ ବସ'ର ବେଗ ୪୫ ଥିବା ନିଜେ କୁଟ କର୍ତ୍ତୃପକ୍ଷ ମାନିଛନ୍ତି। ଆଜି ସକାଳେ ପଟିଆ ନନ୍ଦନକାନନ ରାସ୍ତାରେ ମୋ ବସ୍ ଧକ୍କା ଦେବା ଫଳରେ ଜନୈକା ନାବାଳିକାଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ସଂପୃକ୍ତ ଚାଳକଙ୍କୁ ଗିରଫ କରାଯାଇଛି ୧୨ ବର୍ଷୀୟା ଏହି ନାବାଳିକା ଜଣଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ରାସ୍ତା ଉପରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳିବା ସହ ବାଉଁଶ ବାନ୍ଧି କଟକ-ଭୁବନେଶ୍ୱର ରାସ୍ତାକୁ ବନ୍ଦ ରଖିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ିମଟର ଅଟକି ରହିଛି। ମିଳିଥିବା ସୂଚନାନୁସାରେ, କୁନି ଜୁଆଡ଼ି ନାମ୍ନୀ ଉକ୍ତ ଛାତ୍ରୀ ଜଣଙ୍କ ବଲାଙ୍ଗୀର ଅଞ୍ଚଳର ହୋଇଥିବା ବେଳେ ଦୀର୍ଘ ବର୍ଷ ହେବ ସ୍ଥାନୀୟ ରଘୁନାଥପୁର ଅଞ୍ଚଳରେ ରହୁଥିଲେ। ତାଙ୍କ ବାପା ଏକ ନର୍ସରୀରେ କାମ କରୁଥିବାବେଳେ ମା' ଜଣେ ଗୃହିଣୀ। ଆଜି ସକାଳୁ କୁନି ସାଇକେଲ୍ ଧରି ସକାଳ ଜଳଖିଆରେ ଖାଇବା ସକାଶେ ବିସ୍କୁଟ ଆଣିବାକୁ ରଘୁନାଥପୁର ଛକ ତଥା ନନ୍ଦନକାନନ ରାସ୍ତାରେ ଯାଉଥିଲେ। ତେବେ ଏହି ସମୟରେ ତାଙ୍କ ସାଇକେଲ ଉପରେ ମୋ ବସ୍‌ଟି ମାଡ଼ିଯାଇଥିଲା। ଭୁବନେଶ୍ୱରରୁ କଟକ ଯିବା ରାସ୍ତା ଉପରେ ୫୪ ନମ୍ବର 'ମୋ ବସ'ଟି ଦୁର୍ଘଟଣା ଘଟାଇଥିଲା। ଫଳରେ କୁନିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ନନ୍ଦନକାନନ ରାସ୍ତାରେ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ସେହି ରାସ୍ତା ଦେଇ ଯାଉଥିବା ଅନ୍ୟ 'ମୋ ବସ୍'ଗୁଡ଼ିକୁ ମଧ୍ୟ ଅଟକାଇ ରଖିଛନ୍ତି। ଘଟଣାସ୍ଥଳରେ 'ମୋ ବସ୍' କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପରିସ୍ଥିତିରେ ସୁଧାର ଆସିନାହିଁ। ଏହି ଘଟଣାରେ ମୃତ କୁନିଙ୍କ ମା' ସାବିତ୍ରୀ କୋହରେ ତାଙ୍କ ଝିଅକୁ ହତ୍ୟା କରିଥିବା ମୋ ବସ୍ ଚାଳକଙ୍କୁ କଠୋର ଶାସ୍ତି ବିଧାନ ପାଇଁ ଦାବି କରିଛନ୍ତି। ଏଥିସହ ସ୍ଥାନୀୟ ଲୋକେ କୁନିଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ସକାଶେ ମଧ୍ୟ ଦାବି କରିଥିବା ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ପୁଲିସ ଏଏସଆଇ

- ଦୁର୍ଘଟଣା ମାମଲା ରଫାଦଫା ପାଇଁ ନେଉଥିଲେ ଲାଞ୍ଚ

ବୀରମହାରାଜପୁର,୪ା୨ (ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ପୁଲିସ୍ ଏଏସଆଇ। ଜନସାଧାରଣଙ୍କୁ ନ୍ୟାୟ ଦେବା ସକାଶେ ସରକାରଙ୍କୁ ମୋଟା ଅଙ୍କର ଅର୍ଥ ପାଉଥିବା ଏହି ଅଧିକାରୀ ଜଣଙ୍କ ସାମାନ୍ୟ ୬ ହଜାର ଟଙ୍କା ଲୋଭରେ ପଡ଼ି ଏବେ ଜେଲ୍‌ର ଚାରି କାନ୍ଥ ଭିତରକୁ ଯିବାର ବାଟ କରିଛନ୍ତି। ଏକ ଦୁର୍ଘଟଣା ମାମଲା ରଫାଦଫା କରିବା ସକାଶେ ଉକ୍ତ ଏଏସ୍‌ଆଇ ଜଣଙ୍କ ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ିବସିଛନ୍ତି। ଉକ୍ତ



ଏଏସ୍‌ଆଇ ଜଣଙ୍କ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନାର ବୁଦ୍ଧୁ ଭୋଇ। ଗାଡ଼ି ଦୁର୍ଘଟଣା ପରେ ମୋଟର ସାଇକେଲ୍‌କୁ ମୁକୁଳାଇବା ସକାଶେ ଜନୈକ ଅଭିଯୋଗକାରୀ ଏଏସଆଇ ଶ୍ରୀ ଭୋଇଙ୍କୁ ନିବେଦନ କରିଥିଲେ। କିନ୍ତୁ ଏଥିସକାଶେ ସେ ୬ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଅଧିକାରୀଙ୍କ ପରାମର୍ଶ କ୍ରମେ ଅଭିଯୋଗକାରୀ ଜଣଙ୍କ ଆଜି ପ୍ରତିଶ୍ରୁତି ମୁତାବକ ୬ ହଜାର ଟଙ୍କା ନେଇ ଏଏସଆଇ ଶ୍ରୀ ଭୋଇଙ୍କୁ ଲାଞ୍ଚ ଦେଉଥିବା ସମୟରେ ସେଠାରେ ପୂର୍ବରୁ ମହଜୁଦ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରିଛନ୍ତି। ଗିରଫ ପରେ ଶ୍ରୀ ଭୋଇଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏନେଇ ଭିଜିଲାନ୍ସରେ ୧/୨୫ରେ ଏକ ମାମଲା ରୁଜୁ ହୋଇଛି। ଏଥିସହ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏଏସଆଇ ଭୋଇଙ୍କ ସୋନପୁର ପଟାଭାଡ଼ିସ୍ଥିତ ବାସଭବନ ଓ ବୀରମହାରାଜପୁର ଥାନା ସରକାରୀ ବାସଭବନ ଏବଂ ଥାନା ପରିସରରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି।

# ଆକ୍ସନ ମୋଡ୍‌ରେ 'ବାବୁ'

## ଯନ୍ତ୍ରୀଙ୍କୁ ନିଲମ୍ବନ କରିବାକୁ ତାଗିଦ



ମୋରଡା,୪ା୨ (ସଂଚାର ବ୍ୟୁରୋ): ସରକାର ବଦଳିବା ପରେ ଶାସନ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସବୁ ମନ୍ତ୍ରୀମାନେ ନିଜ ନିଜ ଜିଲ୍ଲାରେ ବାଧ୍ୟତାମୂଳକ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଆଉ ଅଭିଯୋଗ ଶୁଣାଣି ସମୟରେ ଦିଆଯାଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିଲେ ଅଫିସରଙ୍କୁ ତାଗିଦ ମଧ୍ୟ କରୁଛନ୍ତି। କୌଣସି ଲୋକ ଗୋଟିଏ ଅଭିଯୋଗ ନେଇ ବାରମ୍ବାର ଅଭିଯୋଗ ଶୁଣାଣିକୁ ଆସିବେ ନାହିଁ, ଏଭଳି ସ୍ପଷ୍ଟ ନିର୍ଦ୍ଦେଶ କହିଛି। ଏହାର ଉଲଂଘନ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ପଡୁଛି ଛାଟ। ଆଜି ଏମିତି ଏକ ଘଟଣାକୁ ନେଇ ମୋରଡା ବ୍ଲକ୍ ପରିସରରେ ଜନ ଅଭିଯୋଗ ଶୁଣାଣୀ ଚାଲିଥିଲା ବେଳେ ହଠାତ ରାଗିଯାଇଥିଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଜଣେ ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ଘର ଅସମ୍ପୂର୍ଣ୍ଣ ଥିବା ମନ୍ତ୍ରୀଙ୍କୁ କହିଥିଲେ । କେବଳ ସେତିକି ନୁହେଁ, ବାରମ୍ବାର ଅଭିଯୋଗ ପରେ ମଧ୍ୟ ଯନ୍ତ୍ରୀ ଏବଂ ସରପଞ୍ଚ ଜାଣିଶୁଣି ତାଙ୍କୁ ହଇରାଣ ହରକତ କରୁଥିବା ସେ ଅଭିଯୋଗ କରିଥିଲେ। ଏପରିକି ସେ ପୂର୍ବରୁ ଥରେ ମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିଥିବାର କହିଥିଲେ । ଏଭଳି ଅଭିଯୋଗ ଶୁଣିବା ମାତ୍ରେ ରାଗି ଯାଇଥିଲେ ମନ୍ତ୍ରୀ । ଜଣେ ଗରିବ ଲୋକ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପ୍ରକୋଷ୍ଠକୁ କାହିଁକି ବାରମ୍ବାର ଆସୁଛନ୍ତି ବୋଲି ପ୍ରଶ୍ନ କରିଥିଲେ । କାହିଁକି ତାଙ୍କ କାମ ଠିକରେ ହେଉନାହିଁ । ୭ ଦିନ ମଧ୍ୟରେ କାହିଁକି ଆକ୍ସନ ଟେକେନ୍ ରିପୋର୍ଟ ଦିଆଯାଉନି ବୋଲି ରାଗିଯାଇ କହିଥିଲେ । ଦ୍ୱିତୀୟ ଥର ଜଣେ କାହିଁକି ଆସିବେ ? ଥରକରେ କାହିଁକି ତାଙ୍କ କାମ ହେଉନାହିଁ ? ତୁରନ୍ତ ସେ ଯନ୍ତ୍ରୀଙ୍କୁ ଡାକ । ଆଜି ସସପେଣ୍ଡ କରିବି ? ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ପାଇଁ ସମସ୍ତେ ଠିକରେ କାମ କରିବାକୁ ମନ୍ତ୍ରୀ ତାଗିଦ କରିଛନ୍ତି । ଏହି ଅଭିଯୋଗ ଶୁଣାଣୀ ବେଳେ ମୟୂରଭଞ୍ଜ ଏଡିଏମ୍, ବ୍ଲକ୍ ବିଡ଼ିଓ, ଅନେକ ସରକାରୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ ମଧ୍ୟ ମହିଳା ଜଣକ ମନ୍ତ୍ରୀଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ତାଙ୍କ ସମସ୍ୟା ଜଣାଇଥିଲେ । କେହି ବି ଦ୍ୱିତୀୟ ଥର ମୋ ପାଖକୁ ଅଭିଯୋଗ କରିବାକୁ ଆସିବେ ନାହିଁ । ଥରକରେ ହିଁ ଲୋକଙ୍କ କାମ କର ବୋଲି କହିଥିଲେ ମନ୍ତ୍ରୀ । କାହିଁକି ଆଜି ଯାଏଁ ଏ ମହିଳାଙ୍କର ସମସ୍ୟାର ସମାଧାନ ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ । ମନ୍ତ୍ରୀଙ୍କ ରାଗିବା ଦେଖି କିଛି ସମୟ ପାଇଁ ସ୍ତବ୍ଧ ହୋଇଯାଇଥିଲା ଅଭିଯୋଗ ପ୍ରକୋଷ୍ଠ । ସରକାରୀ ଅଧିକାରୀମାନେ କହିଥିଲେ ଯେ, ଆଗକୁ ଆଉ ଏମିତି ହେବନି ।

## ନିଆରା ସର୍ତ୍ତରେ ମିଳିଲା ଜାମିନ



କଟକ,୪ା୨ (ସଂଚାର ବ୍ୟୁରୋ): ନିଆରା ସର୍ତ୍ତରେ ଜାମିନ ଦେଲେ ଓଡ଼ିଶା ହାଇକୋର୍ଟ। ନିଜ ଗାଁରେ ୨୦୦ ଗଛ ଲଗାଇବାକୁ ସର୍ତ୍ତ ରଖି ହାଇକୋର୍ଟ ଜଣେ ଚୋରି ଅଭିଯୁକ୍ତଙ୍କ ଜାମିନ ମଂଜୁର କରିଛନ୍ତି । ଏଣୁତେଣୁ ଗଠନ ନୁହେଁ, ନିମ୍ବ ଓ ଆମ୍ବ ଗଛ ଲଗାଇବାକୁ କହିଛନ୍ତି ହାଇକୋର୍ଟ । ଝାରସୁଗୁଡା ଜିଲ୍ଲା ପୋଖରାସଲେ ଓ ଖଣ୍ଡୋକତା ମଧ୍ୟରେ ଗ୍ରୀଡ୍ ଲାଇନ ନିର୍ମାଣ ସାଇଟରୁ ୬ଟି ବିଦ୍ୟୁତ ଖୁଣ୍ଟ ଚୋରି ହୋଇଥିଲା। ଯାହାର ଅନୁମାନିକ ମୂଲ୍ୟ ୨ ଲକ୍ଷରୁ ଅଧିକ ହେବ। ଏନେଇ ଅଭିଯୋଗ ହେବା ପରେ ତତ୍ପର ହୋଇଥିଲା ପୋଲିସ୍। ଆଉ ଚୋରି ଅଭିଯୋଗରେ ମାନସ ଆଡିଙ୍କୁ ଡିସେମ୍ବର ୨୫ ତାରିଖରେ ଗିରଫ କରି ଜେଲ ପଠାଇ ଦେଇଥିଲା ପୋଲିସ। ଏହା ବିରୋଧରେ ମାନସ ହାଇକୋର୍ଟ ଯାଇଥିଲେ। ଆଜି କୋର୍ଟ ମାନସଙ୍କ ମାମଲାକୁ ବିଚାର କରି ନିଆରା ଦଣ୍ଡବିଧାନ କରିଛନ୍ତି। ଜାମିନ ପାଇଁ ୨ଶହ ଗଛ ଲଗାଇବାକୁ ହାଇକୋର୍ଟଙ୍କ ସର୍ତ୍ତ ରଖିଛନ୍ତି। ନିଜ ଗାଁରେ ଥିବା ସରକାରୀ କିମ୍ବା ନିଜସ୍ୱ ଜମିରେ ଆମ୍ବ ଓ ନିମ୍ବ ଭଳି ଗଛ ଲଗାଇବାକୁ କହିଛନ୍ତି କୋର୍ଟ। ଏଥିସହ ଲଗାଇଥିବା ଗଛ ଗୁଡିକର ଯତ୍ନ ଦୁଇ ବର୍ଷ ଧରି ନେବାକୁ କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଜମି ଚିହ୍ନଟ ପାଇଁ ରାଜସ୍ୱ ବିଭାଗ ସହାୟତା ଦେବ। ଜିଲ୍ଲା ନର୍ସରୀ କିମ୍ବା ଡିଏଫ୍‌ଓ ଗଛ ଚାରା ଯୋଗାଇଦେବେ ବୋଲି ହାଇକୋର୍ଟ କହିଛନ୍ତି। ପୂର୍ବରୁ ଅର୍ଥାତ ଗତ ୨୨ ତାରିଖରେ ଏମିତି ଆଉ ଏକ ମାମଲାରେ ହାଇକୋର୍ଟ ନିଆରା ରାୟ ଦେଇଥିଲେ। ସହପାଠୀଙ୍କୁ ଧମକ ଚମକ ଦେଇଥିବା କଟକର ୫ ଅଭିଯୁକ୍ତ କଲେଜ ଛାତ୍ରଙ୍କୁ ଓଡ଼ିଶା ହାଇକୋର୍ଟଙ୍କ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେଲେ। କଟକ ଚୌଦ୍ୱାର ଜେଲ ପରିଦର୍ଶନ କରି ସେଠିକାର ସ୍ୱଚ୍ଛତାର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଲେ କୋର୍ଟ। ଏଥିସହ ସେଥିରେ କ'ଣ ସୁଧାର ଅଣାଯାଇପାରିବ ସେ ନେଇ ରିପୋର୍ଟ ପ୍ରସ୍ତୁତ କରିବାକୁ କୋର୍ଟ ଛାତ୍ରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଘରୋଇ ସ୍କୁଲରେ ଯୌନ କେଳେଙ୍କାରୀ

## ନିର୍ଯାତନା ଅଭିଯୋଗ ଆଣିଲେ ସଫେଇ କର୍ମଚାରୀ, ଅଭିଯୁକ୍ତ ଅଟକ

ଅନୁଗୁଳ,୪ା୨(ସଂଚାର ବ୍ୟୁରୋ): ଅନୁଗୋଳର ଏକ ଘରୋଇ ସ୍କୁଲର ବରିଷ୍ଠ କର୍ମଚାରୀଙ୍କ ବିରୋଧରେ ଅସଦାଚରଣ ଭଳି ଗୁରୁତର ଅଭିଯୋଗ ଆସିଛି। ଦୁଇ ଜଣ ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ ସହ ଯୌନ ଶୋଷଣ କରିଥିବା ନେଇ ଅନୁଗୋଳ ସଦର ଥାନାରେ ଅଭିଯୋଗ ହୋଇଛି। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ସ୍କୁଲର ସୁମନ ନାମକ ଉକ୍ତ ବରିଷ୍ଠ କର୍ମଚାରୀ ମହିଳା ସଫେଇ କର୍ମଚାରୀଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡାକି ସେମାନଙ୍କ ସହ ଅଶ୍ଳୀଳ ବ୍ୟବହାର କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଦୀର୍ଘଦିନ ଧରି ସୁମନ୍ ପୀଡ଼ିତା ଦ୍ୱୟଙ୍କୁ ଏପରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ



ସ୍କୁଲର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ଏହି ଘଟଣା ପରେ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ତେବେ ଉକ୍ତ ଘରୋଇ ସ୍କୁଲ୍‌ରେ କୌଣସି ମହିଳା କର୍ମଚାରୀ ଅଭିଯୋଗ କରିବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଏହି ଘରୋଇ ସ୍କୁଲରେ ଜନୈକା ଛାତ୍ରୀଙ୍କ ସହିତ ଅସଦାଚରଣ ହୋଇଥିବା ନେଇ ଅଭିଯୋଗ ଆସିଥିଲା। କିନ୍ତୁ ସେତେବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏବେ ପୁଣିଥରେ ଦୁଇ ପୀଡ଼ିତା ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ପୁଣିଥରେ ଏଭଳି ଅଭିଯୋଗ ଆସିବା ପରେ ପୁଲିସ୍ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

## ରେଳ ୱାଗନରୁ ବାହାରିଲା ୧୨ ବୋମା




କଣ୍ଟାବାଞ୍ଜି,୪ା୨(ସଂଚାର ବ୍ୟୁରୋ): ମାଓପ୍ରବଣ ଇଲାକା କଣ୍ଟାବାଞ୍ଜି ରେଲୱେ ଷ୍ଟେସନରେ ଯାଞ୍ଚବେଳେ ବାହାରିଲା ବୋମା । ରେଳ ୱାଗନରୁ ୧୨ଟି ବୋମା ଜବତ ହୋଇଥିବା ସୂଚନା ମିଳିଛି । ଜବତ ବୋମା ସଇଁତଳା ଗୋଳାବାରୁଦ କାରଖାନାର ହୋଇଥିବା ଜଣାପଡ଼ିଛି । ସଇଁତଳା ଗୋଳାବାରୁଦ କାରଖାନାକୁ ବୋମା ଫେରାଇ ଦିଆଯାଇଥିବା ଷ୍ଟେସନ ମାଷ୍ଟର ସୂଚନା ଦେଇଛନ୍ତି । ରେଳ ୱାଗନକୁ କିଭଳି ବୋମା ଆଣିଲା ଏବଂ କିଏ ବୋମା ଆଣିଥିଲା ତାହାର କାରଣ ଅସ୍ପଷ୍ଟ ରହିଛି । ଏଥିରେ କାହା ସମ୍ପୃକ୍ତି ଅଛି ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ। ଏ ନେଇ କୌଣସି ଅଭିଯୋଗ ହୋଇନାହିଁ। ରେଳ ୱାଗନରେ ବୋମା ମିଳିବା ନିହାତି ଭାବେ ଏକ ଚିନ୍ତାଜନକ ବିଷୟ । ଟ୍ରେନରେ ବିସ୍ଫୋରଣ କରିବା ଯୋଜନାରେ ଷଡଯନ୍ତ୍ରକାରୀ ବୋମା ରଖିଥିବା ସନ୍ଦେହ କରାଯାଉଛି। କଣ୍ଟାବାଞ୍ଜି ମାଓପ୍ରବଣ ଇଲାକା ହେବା କାରଣରୁ ଘଟଣାକୁ ଗୁରୁତର ସହ ନିଆଯାଉଛି ।

# ଓଡ଼ିଶାରେ ମାତ୍ର ୧୪୩୩ ହିତାଧିକାରୀ, ଖୋର୍ଦ୍ଧାରେ ସର୍ବାଧିକ

ଭୁବନେଶ୍ୱର,୪ା୨: ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ସତ୍ତ୍ୱେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ମାତ୍ର ୧୪୩୩ ଜଣ ଏହି ଯୋଜନାରେ ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିଛନ୍ତି। ଓଡ଼ିଶାରେ ଏହି ଯୋଜନାର କାର୍ଯ୍ୟକାରିତା ନେଇ ସଂସଦରେ ନୂତନ ଓ ଅକ୍ଷୟ ଶକ୍ତି ଏବଂ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାଏକ ରାଜ୍ୟସଭାରେ ଦେଇଥିବା ଉତ୍ତରରୁ ଏହି ସୂଚନା ମିଳିଛି। ବିଜେଡି ସାଂସଦ ନିରଞ୍ଜନ ବିଶିଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ଜାନୁଆରୀ ୨୪ ତାରିଖ ସୁଦ୍ଧା ରାଜ୍ୟରେ ମାତ୍ର ୧୪୩୩ ଜଣ ଏହି ଯୋଜନାରେ ନିଜ ଘରର ଛାତ ଉପରେ ସୌର ପ୍ୟାନେଲ ଖଞ୍ଜିଛନ୍ତି। ତେବେ ଏହି ତାଲିକାରେ କନ୍ଧମାଳ ଜିଲ୍ଲାରେ ମାତ୍ର ଜଣେ ହିତାଧିକାରୀ ଅଛନ୍ତି। ରାୟଗଡା ଜିଲ୍ଲାରେ ୨ ଜଣ ହିତାଧିକାରୀ ସେମାନଙ୍କ ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ବସାଇଥିବାବେଳେ ଜଗତ୍‌ସିଂହପୁର ଓ ବୌଦ୍ଧରେ ୩ ଜଣ ଲେଖାଏଁ

- ପିଏମ୍ ସୂର୍ଯ୍ୟଘର ଯୋଜନା

ଏବଂ ଦେବଗଡ ଜିଲ୍ଲାରେ ୪ ଜଣ ହିତାଧିକାରୀ ରହିଛନ୍ତି। ସବୁଠାରୁ ଅଧିକ ୬୨୮ ଜଣ ହିତାଧିକାରୀ ଖୋର୍ଦ୍ଧା ଜିଲ୍ଲାରେ ଥିବାବେଳେ କଟକରେ ୧୧୩ ଜଣ, ଗଞ୍ଜାମରେ ୧୧୦ ଜଣ ଓ ସୁନ୍ଦରଗଡ଼ରେ ୧୦୨ ଜଣ ହିତାଧିକାରୀ ଅଛନ୍ତି। ଏହାଛଡ଼ା ସମ୍ବଲପୁରରେ ୫୩ ଜଣ ଓ ବଲାଙ୍ଗିରରେ ୬୩ ଜଣ ହିତାଧିକାରୀ ରହିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ଦେଶର ପ୍ରତି ଜିଲ୍ଲାରେ ଗୋଟିଏ ମଡେଲ୍ ସୌର ଗ୍ରାମ ପ୍ରତିଷ୍ଠା ହେବ। ଏହାକୁ ଏକ ଆହ୍ୱାନ ଭାବେ ନେଇ କାର୍ଯ୍ୟ କରିବାକୁ ଗତବର୍ଷ ଅଗଷ୍ଟରେ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ତେବେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ନିର୍ଦ୍ଦେଶାବଳୀ ଅନୁଯାୟୀ ହିତାଧିକାରୀମାନେ ସେମାନଙ୍କର ବଳକା ସୌରଶକ୍ତିକୁ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀକୁ ବିକ୍ରି କରିବାର କୌଣସି ବ୍ୟବସ୍ଥା ନାହିଁ। ଏହି ସୌରଶକ୍ତିକୁ ଗ୍ରୀଡ୍‌କୁ ପ୍ରଦାନ କରାଯିବ। ଏ ବାବଦ ଅର୍ଥ ହିତାଧିକାରୀଙ୍କ ନିୟମିତ ବିଜୁଳି ବିଲ୍‌ରେ ଆଡଜଷ୍ଟ ହେବ। ତେବେ ସୌରଶକ୍ତି ଉପରେ ସଂସଦରେ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୬-୨୭ ବର୍ଷରେ ଦେଶର ଏକ କୋଟି ଘରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନର ଲକ୍ଷ୍ୟ ରଖାଯାଇଛି। ଏ ବାବଦରେ କେନ୍ଦ୍ର ସରକାର ୭୫ ହଜାର କୋଟି ଟଙ୍କା ବ୍ୟୟ କରିବେ ଓ ସେହିସବୁ ହିତାଧିକାରୀମାନେ ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଏହି ପ୍ରକଳ୍ପରୁ ବିଜୁଳି ପାଇପାରିବେ। ବର୍ତ୍ତମାନ ସୁଦ୍ଧା ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିଥିବା ହିତାଧିକାରୀଙ୍କ ସଂଖ୍ୟା ଆନ୍ଧ୍ରପ୍ରଦେଶରେ ସର୍ବାଧିକ ରହିଛି। ଏହି ରାଜ୍ୟରେ ୧୦ ହଜାରରୁ ଅଧିକ ହିତାଧିକାରୀ ଏହା ସ୍ଥାପନ କରିସାରିଥିବା ବେଳେ ପଡ଼ୋଶୀ ପଶ୍ଚିମବଙ୍ଗରେ ଏହି ସଂଖ୍ୟା ୩୭୦ ଓ ଝାଡଖଣ୍ଡରେ ୧୫୨ ରହିଛି। ତେବେ ଛତିଶଗଡ଼ରେ ପାଖାପାଖି ୧୭ ଶହ ହିତାଧିକାରୀ ଏହି ଯୋଜନାରୁ ଲାଭ ଉଠାଇ ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିଥିବା ଜଣାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସମଗ୍ର ଦେଶରେ ୮ ଲକ୍ଷ ୪୬ ହଜାରରୁ ଅଧିକ ଉପଭୋକ୍ତା ରହିଥିବା କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ମୋବାଇଲ୍ ଉତ୍ପାଦନରେ ଭାରତ ବିଶ୍ୱରେ ଦ୍ୱିତୀୟ: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୪।୨: ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' ଦୃଷ୍ଟିକୋଣ ଭାରତକୁ ବିଶ୍ୱ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେଉଛି। ଏହାର ଶୁଭାରମ୍ଭର ଗୋଟିଏ ଦଶନ୍ଧି ମଧ୍ୟରେ, ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ କେବଳ ଦେଶର ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରୁନାହିଁ ବରଂ ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟି ମଧ କରୁଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପରିପ୍ରେକ୍ଷୀରେ ବିସ୍ତୃତ ତଥ୍ୟ ପ୍ରଦାନ କରି ବିଗତ ଦଶନ୍ଧିରେ ଭାରତର ମୋବାଇଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଆସିଥିବା ଉଲ୍ଲେଖନୀୟ ପରିବର୍ତ୍ତନ ଉପରେ ଆଲୋକପାତ କରିଛନ୍ତି। ଭାରତ ମୋବାଇଲ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ଏବଂ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ ଉତ୍ପାଦନକାରୀ ଦେଶରେ ପରିଣତ ହୋଇଛି। ୨୦୧୪ ମସିହାରେ ଭାରତରେ ମାତ୍ର ୨ଟି ମୋବାଇଲ ଉତ୍ପାଦନ ୟୁନିଟ ଥିଲା, କିନ୍ତୁ ଆଜି ଦେଶରେ ୩୦୦ରୁ ଅଧିକ ଉତ୍ପାଦନ ୟୁନିଟ ରହିଛି, ଯାହା ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଲ୍ଲେଖନୀୟ ବିସ୍ତାରକୁ ଦର୍ଶାଉଛି।

୨୦୧୪-୧୫ରେ ଭାରତରେ ବିକ୍ରି ହେଉଥିବା ମୋବାଇଲ୍ ଫୋନର ମାତ୍ର ୨୬ ପ୍ରତିଶତ ଭାରତରେ ନିର୍ମିତ ହେଉଥିଲା, ଅବଶିଷ୍ଟ ଆମଦାନୀ କରାଯାଉଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଜି ଭାରତରେ ବିକ୍ରି ହେଉଥିବା ୯୯.୨% ମୋବାଇଲ୍ ଫୋନ୍ ଭାରତରେ ନିର୍ମିତ। ମୋବାଇଲ ଫୋନର ଉତ୍ପାଦନ ମୂଲ୍ୟ ୨୦୧୪ ଆର୍ଥିକ ବର୍ଷରେ ୧୮,୯୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪ ଆର୍ଥିକ ବର୍ଷରେ ୪, ୨୨, ୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରେ ପ୍ରତିବର୍ଷ ୩୨୫ ରୁ ୩୩୦ ନିୟୁତରୁ ଅଧିକ ମୋବାଇଲ୍ ଫୋନ୍ ଉତ୍ପାଦିତ ହେଉଛି ଏବଂ ଭାରତରେ ହାରାହାରି ପ୍ରାୟ ଏକ ବିଲିୟନ ମୋବାଇଲ୍ ଫୋନ୍ ବ୍ୟବହୃତ ହେଉଛି। ଭାରତ ନିର୍ମିତ ମୋବାଇଲ ଫୋନ ଘରୋଇ ବଜାରକୁ ପ୍ରାୟତଃ ପରିପୂର୍ଣ୍ଣ କରିଦେଇଛି। ସେଥିପାଇଁ ମୋବାଇଲ ଫୋନର ରପ୍ତାନୀ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୧୪ରେ ରପ୍ତାନୀ ପ୍ରାୟ ଶୂନ ଥିଲା, ଯାହା ଏବେ ୧, ୨୯, ୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଏହି କ୍ଷେତ୍ରର ସମ୍ପ୍ରସାରଣ ମଧ ରୋଜଗାରର ଏକ ପ୍ରମୁଖ ଉତ୍ସରେ ପରିଣତ ହୋଇଛି। ବିଗତ ଦଶନ୍ଧିରେ ଏ କ୍ଷେତ୍ରରେ ପ୍ରାୟ ୧୨ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏହି ନିଯୁକ୍ତି ସୁଯୋଗଗୁଡ଼ିକ କେବଳ ଅଗଣିତ ପରିବାରର ଆର୍ଥିକ ସ୍ଥିତିକୁ ଉନ୍ନତ କରିନାହିଁ, ବରଂ ଦେଶର ସାମାଜିକ-ଆର୍ଥିକ ଢାଞ୍ଚାରେ ମଧ ଯୋଗଦାନ ଦେଇଛି। ଏହି ମାଇଲଖୁଣ୍ଟ ହାସଲ କରିବାରେ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଚାର୍ଜର୍, ବ୍ୟାଟେରୀ ପ୍ୟାକ୍, ସମସ୍ତ ପ୍ରକାରର ଯନ୍ତ୍ରାଂଶ, ୟୁଏସବି କେବୁଲ, ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଯଥା: ଲିଥିୟମ୍ ଆୟନ୍ ସେଲ୍, ସ୍ପିକର ଏବଂ ମାଇକ୍ରୋଫୋନ୍, ଡିସପ୍ଲେ ଆସେମ୍ବ୍ଲି ଏବଂ କ୍ୟାମେରା ମଡ୍ୟୁଲ୍ ପରି ପ୍ରମୁଖ ଉପାଦାନ ଏବଂ ଡିସପ୍ଲେଆସେମ୍ବ୍ଲିର ଘରୋଇ ଉତ୍ପାଦନକୁ ସକ୍ଷମ କରିଛି। ବିଶେଷ କରି ଉପାଦାନ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଭବିଷ୍ୟତରେ ମୂଲ୍ୟ ଶୃଙ୍ଖଳାକୁ ଆହୁରି ଗଭୀର କରିବା ଉପରେ ଧ୍ୟାନ ଦିଆଯିବ। ଏହି ପରିବର୍ତ୍ତନ ଆତ୍ମନିର୍ଭରଶୀଳତା ବୃଦ୍ଧି ଏବଂ ବିଶ୍ୱ ଇଲେକ୍ଟ୍ରୋନିକ୍ସ ବଜାରରେ ଭାରତକୁ ପ୍ରଥମ ସ୍ଥାନରେ ରଖିବା ପାଇଁ ଏକ ବ୍ୟାପକ ରଣନୀତିର ଅଂଶବିଶେଷ। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଇଲେକ୍ଟ୍ରୋନିକ୍ସ ଉପାଦାନ ଇକୋସିଷ୍ଟମର ସ୍ୱଦେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୂକ୍ଷ୍ମ ଉପାଦାନ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେଇ ମୂଲ୍ୟ ଶୃଙ୍ଖଳାକୁ ଆହୁରି ଗଭୀର କରିବା ଉପରେ ବର୍ତ୍ତମାନ ଧ୍ୟାନ ଦିଆଯାଉଛି। ଏହା ବିଶ୍ୱସ୍ତରରେ ଏକ ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ବଜାର ଭାବେ ଭାରତର ସ୍ଥିତିକୁ ସୁଦୃଢ଼ କରିବ।

- ❑ ୨୦୧୪ରେ ଥିଲା ୨ଟି, ଏବେ ୩୦୦ରୁ ଊର୍ଦ୍ଧ୍ୱ ମୋବାଇଲ୍ ୟୁନିଟ୍
- ❑ ଦେଶରେ ବିକ୍ରି ହେଉଥିବା ମୋବାଇଲ୍‌ରୁ ୯୯.୨ ପ୍ରତିଶତ ସ୍ୱଦେଶୀ
- ❑ ୨୦୨୪ରେ ୧.୨୯ କୋଟିକୁ ଟପିଛି ରପ୍ତାନୀ
- ❑ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛି 'ମେକ୍ ଇନ୍ ଇଣ୍ଡିଆ'

୧୯୫୦ରୁ ୧୯୯୦ ମଧ୍ୟରେ ପ୍ରତିବନ୍ଧକ ନୀତି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି କରିଥିଲା। ତେବେ, 'ମେକ୍ ଇନ୍ ଇଣ୍ଡିଆ' ମୂଲ୍ୟ ଶୃଙ୍ଖଳାରେ ଗଭୀର ଭାବେ ପ୍ରବେଶ କରି ଏବଂ ଯନ୍ତ୍ରାଂଶ ଓ ଚିପ୍ସର ଉତ୍ପାଦନକୁ ବଢ଼ାଇ ଏହି ଧାରାରେ ପରିବର୍ତ୍ତନ ଆଣିଛି। ଦେଶରେ ଏକ ସେମିକଣ୍ଡକ୍ଟର ଉତ୍ପାଦନ ଆଧାର ପ୍ରତିଷ୍ଠା କରିବା ମେକ୍ ଇନ୍ ଇଣ୍ଡିଆର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହାକୁ ହାସଲ କରିବା ପାଇଁ ଭାରତ ଛଅ ଦଶନ୍ଧି ଧରି ପ୍ରୟାସ କରିଆସୁଛି। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନର ଶୁଭାରମ୍ଭ ଏବଂ ପାଞ୍ଚଟି ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରି ସହିତ ଦେଶରେ ସେମିକଣ୍ଡକ୍ଟରର ବାସ୍ତବ ଉତ୍ପାଦନ ପାଇଁ ମୂଳଦୁଆ ପ୍ରତିଷ୍ଠା ହୋଇସାରିଛି। ଅନୁମୋଦନ ଲାଭ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ମାଇକ୍ରନର ଗୋଟିଏ, ଟାଟା ଇଲେକ୍ଟ୍ରୋନିକ୍ସର ଦୁଇଟି, ସିଜି ପାୱାରର ଗୋଟିଏ, କିନେସ୍‌ର ସେମିକଣ୍ଡକ୍ଟର ପ୍ରକଳ୍ପ ସାମିଲ ରହିଛି। ଖେଳଣାଠାରୁ ଆରମ୍ଭ କରି ମୋବାଇଲ୍ ଫୋନ୍, ପ୍ରତିରକ୍ଷା ଉପକରଣ ଠାରୁ ଆରମ୍ଭ କରି ଇ.ଭି. ବାହନ ପର୍ଯ୍ୟନ୍ତ ଉତ୍ପାଦନ ଭାରତକୁ ଫେରି ଆସୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଲକ୍ଷ୍ୟ ହେଉଛି ଭାରତକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରୁଛି, ଉତ୍ପାଦନ ବୃଦ୍ଧି କରୁଛି ଏବଂ ନିଯୁକ୍ତି ସୃଷ୍ଟି କରୁଛି, ଯଦ୍ୱାରା ଦେଶର ଆର୍ଥିକ ଶକ୍ତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ମିଳିପାରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।



## ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୮ ହଜାର ୧୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୫ ହଜାର ୨୦୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୮, ୧୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୫ ,୨୦୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୮,୧୦୦ ଟଙ୍କା ଓ ୮୫,୨୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୮, ୨୫୦ ଟଙ୍କା ଓ ୮୫, ୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୮,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୫, ୨୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୮,୧୦୦ ଟଙ୍କା ଓ ୮୫,୨୦୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୮,୫୦୦ ହଜାର ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ତେବେ ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ୧୦ ବର୍ଷ ପରେ କରାଚୀ ଏବଂ ଢାକା ମଧ୍ୟରେ ସିଧାସଳଖ ବିମାନ ସେବା



**ପାକ୍ ଏୟାରଲାଇନ୍ସକୁ ଅନୁମତି ଦେଲେ ୟୁନୁସ୍ ସରକାର**

**ଢାକା, ୪।୨:** ବାଂଲାଦେଶର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର କରାଚୀ ଏବଂ ଢାକା ମଧ୍ୟରେ ସିଧାସଳଖ ବିମାନ ସେବା ପାଇଁ ଏକ ପାକିସ୍ତାନୀ ଘରୋଇ ବିମାନ କମ୍ପାନିକୁ ଅନୁମୋଦନ ଦେଇଛନ୍ତି। ଦଶନ୍ଧି ପରେ ବାଂଲାଦେଶ-ପାକିସ୍ତାନର ଦୁଇଟି ପ୍ରମୁଖ ସହର ମଧ୍ୟରେ ବିମାନ ସଂଯୋଗ ପୁନଃସ୍ଥାପନ ପାଇଁ ବାଟ ଖୋଲିଛି। ଗତ କିଛି ମାସ ମଧ୍ୟରେ ବାଂଲାଦେଶ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କରେ ଦ୍ରୁତ ଉନ୍ନତି ହୋଇଛି। ଏହି ନିଷ୍ପତ୍ତି ମଧ୍ୟ ଏଦିଗରେ ଏକ ବଡ଼ ପଦକ୍ଷେପ। ଗତ ବର୍ଷ ଅଗଷ୍ଟ ମାସରେ ବ୍ୟାପକ ବିରୋଧ ପ୍ରଦର୍ଶନ ପରେ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସରକାରର ପତନ ଘଟିଥିଲା। ଶେଖ ହସିନାଙ୍କୁ ଭାରତ-ସମର୍ଥକ ଭାବରେ ଦେଖାଯାଏ। ହସିନାଙ୍କ ପରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ନେତୃତ୍ୱ ନେଉଥିବା ମହମ୍ମଦ ୟୁନୁସ୍ ପାକିସ୍ତାନ ସହିତ ସମ୍ପର୍କ ଉନ୍ନତ କରିବା ଉପରେ ଧ୍ୟାନ ଦେଉଛନ୍ତି।

ଦି ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ବାଂଲାଦେଶର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏବି) ର ଅଧ୍ୟକ୍ଷ ଏୟାର ଭାଇସ୍ ମାର୍ଶାଲ୍ ମହମ୍ମଦ ମଞ୍ଜୁର କବୀର କହିଛନ୍ତି ଯେ, ଏହି ରୁଟ୍‌ରେ ଏକ ଘରୋଇ ପାକିସ୍ତାନୀ ବିମାନ କମ୍ପାନିକୁ ଚଳାଚଳ କରିବାକୁ ଅନୁମତି ଦିଆଯାଇଛି। ତଥାପି, କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିମାନ କମ୍ପାନିକୁ ବାଂଲାଦେଶରେ ଜଣେ ସ୍ଥାନୀୟ ଜେନେରାଲ ସେଲ୍ସ ଏଜେଣ୍ଟ (ଜିଏସଏ) ନିଯୁକ୍ତ କରିବାକୁ ପଡିବ। ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସ (ପିଆଇଏ) ୨୦୧୫ ପର୍ଯ୍ୟନ୍ତ ଏହି ରୁଟ୍‌ରେ ସିଧାସଳଖ ବିମାନ ସେବା ଯୋଗାଇ ଆସୁଥିଲା। ଦଶ ବର୍ଷ ପରେ, କରାଚୀ ଏବଂ ଢାକା ମଧ୍ୟରେ ପୁଣି ଥରେ ବିମାନ ସେବା ଆରମ୍ଭ ହେବ। ସିଏଏବି ଅଧ୍ୟକ୍ଷ ମଞ୍ଜୁର କବୀର ଭୂୟାଁ କହିଛନ୍ତି ଯେ ବିମାନ ସେବା ପୁନଃ ଆରମ୍ଭ କରିବା ପୂର୍ବରୁ ପାକିସ୍ତାନୀ ବିମାନ କମ୍ପାନିକୁ ବାଂଲାଦେଶରେ ଏକ ଜିଏସଏ ନିଯୁକ୍ତ କରିବାକୁ ପଡିବ। ଜିଏସଏ ହେଉଛି ଏକ ପ୍ରକାରର ସ୍ଥାନୀୟ ଏଜେଣ୍ଟ ଯାହା ଏୟାରଲାଇନ୍ସର ଟିକେଟ୍ ବିକ୍ରୟ ଏବଂ ଅନ୍ୟାନ୍ୟ ସେବାର ତଦାରଖ କରେ। ଜିଏସଏ ନିଯୁକ୍ତ ହେବା ପରେ, ବିମାନ କମ୍ପାନି ଉଡ଼ାଣର ସମୟ ଏବଂ କେତେଥର ଉଡ଼ାଣ କରାଯିବ ତାହା ସ୍ଥିର କରିବ। ଢାକା-କରାଚି ରୁଟରେ ବିମାନ ଚଳାଚଳ ପାଇଁ ଅନୁମୋଦନ ପାଇଥିବା ବିମାନ କମ୍ପାନିର ନାମ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ। ଏହି ଏୟାରଲାଇନ୍ସର ନାମ ଖୁବ୍ ଶୀଘ୍ର ଘୋଷଣା କରାଯାଇପାରେ। କବୀର କହିଛନ୍ତି ଯେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବା ଦ୍ୱାରା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ଗତିବିଧି ବୃଦ୍ଧି ପାଇବ। ଏହା ଉଭୟ ଦେଶର ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କରେ ମଧ୍ୟ ଉନ୍ନତି ଆଣିବ।

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ଡକ୍ଟର ମହମ୍ମଦ ୟୁନୁସ୍ ଗତ ବର୍ଷ ସେପ୍ଟେମ୍ବରରେ ଜାତିସଂଘରେ ଦେଶର ସଦସ୍ୟତାର ୫୦ତମ ବାର୍ଷିକୀ ଅବସରରେ ନ୍ୟୁୟର୍କରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଭେଟିଥିଲେ। ଉଭୟ ଦେଶର ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ସାମ୍ପ୍ରତିକ ସମୟରେ ଅନେକ ବୈଠକ କରିଛନ୍ତି। ଏହା ସ୍ପଷ୍ଟ ଯେ ଦୀର୍ଘ ସମୟ ଧରି ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ପରେ, ଉଭୟ ଦେଶ ସମ୍ପର୍କକୁ ସୁଧାରିବା ପାଇଁ କାମ କରୁଛନ୍ତି।



## ଅର୍ଚ୍ଚିତା ଏଙ୍କରର ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ୱର,୪।୨:** ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସ୍‌ର ପ୍ରମୁଖ ବ୍ରାଣ୍ଡ୍ ତଥା ଏଙ୍କର ଓରାଲ୍ କେୟାର୍‌ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଓଡ଼ିଆ ସିନେ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ ନିଯୁକ୍ତ କରାଯାଇଛି। ଏପରିକି ଏଙ୍କର ପାଇଁ ଓଡ଼ିଶା ଏକ ପ୍ରମୁଖ ବଜାର ହୋଇଥିଲାବେଳେ ଅର୍ଚ୍ଚିତା ବ୍ରାଣ୍ଡ୍‌ର ଉପସ୍ଥିତି ବଢ଼ାଇବା ସହିତ ବଜାରର ସ୍ଥିତିକୁ ସୁଦୃଢ଼ କରିବାରେ ସହାୟକ ହେବେ ବୋଲି ବ୍ରାଣ୍ଡ୍‌ର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ଏହି ଅବସରରେ ବ୍ରାଣ୍ଡ୍‌ର ନୂତନ ଉତ୍ପାଦ ଏବଂ ଟିଭିସିକୁ ମଧ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ସେହିଭଳି ଏଙ୍କର ଓରାଲ୍ କେୟାର ପକ୍ଷରୁ ବ୍ରାଣ୍ଡ୍‌ର ପ୍ରମୁଖ ଉତ୍ପାଦ ଏଙ୍କର ରେଡ୍ ଟୁଥ୍‌ପେଷ୍ଟ ସମେତ ଏହାର ଉତ୍କୃଷ୍ଟ ଓରାଲ୍ କେୟାର ଉତ୍ପାଦ ବର୍ଗମାଳାକୁ ବର୍ଣ୍ଣନା କରୁଥିବା ଦୁଇଟି ଅଭିଯାନକୁ ମଧ ରାଜ୍ୟରେ ଉନ୍ମୋଚନ କରାଯାଇଛି। ଏପରିକି ଓଡ଼ିଶା ପାଇଁ ପ୍ରସ୍ତୁତ କରାଯାଇଥିବା ନୂଆ ଟିଭିସି 'ଲାଲ୍, କମାଲ୍, ବେମିସାଲ୍' ଓ 'ନୟି ଜମାନେ କି ନୟି ସୁରକ୍ଷା'ର ଶୁଭାରମ୍ଭ କରାଯାଇଛି।

ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସର ନିର୍ଦ୍ଦେଶକ କରନ ଶାହା କହିଛନ୍ତି, ଆମେ ଆମର ଉଚ୍ଚ ଗୁଣବତ୍ତା, ପ୍ରଭାବଶାଳୀ ଏବଂ ପ୍ରାକୃତିକ ଓରାଲ କେୟାର ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଅର୍ଚ୍ଚିତା ସାହୁଙ୍କ ସହ ଭାଗୀଦାରି କରି ଆମେ ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛୁ। ରାଜ୍ୟର ଓରାଲ କେୟାର ସଚେତନତା ବୃଦ୍ଧିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଏବଂ ବିଶ୍ୱାସ ଓ ଗୁଣବତ୍ତାର ପରମ୍ପରା ସହିତ ଏଙ୍କର ଓରାଲ କେୟାର ଓଡ଼ିଆ ଉପଭୋକ୍ତାଙ୍କୁ ଅଭିନବ ସମାଧାନ ପ୍ରଦାନ କରିବ।

ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସର କ୍ରିଏଟିଭ୍ ଡାଇରେକ୍ଟର କୁନାଲ ଶାହା କହିଛନ୍ତି, ଲାଲ୍, କମାଲ, ବେମିସାଲ ଏବଂ ନୟି ଜମାନେ କି ନୟି ସୁରକ୍ଷା ସହ ଆମେ ଏକ ନୂତନ ଏବଂ ସାଂସ୍କୃତିକ ପ୍ରାସଙ୍ଗିକ କାହାଣୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଅର୍ଚ୍ଚିତା ସାହୁ କହିଥିଲେ, ଏଙ୍କର ଓରାଲ୍ କେୟାର ସହିତ ସହଭାଗିତା କରି ମୁଁ ବେଶ ଉତ୍ସାହିତ ଅଛି। ବ୍ରାଣ୍ଡ ବିଶ୍ୱାସ, ନବସୃଜନ ଓ ସାମଗ୍ରିକ ମୁଖ ସ୍ୱାସ୍ଥ୍ୟ ସହ ପରିପୂରକ ରହିଛି,ସାମଗ୍ରିକ କଲ୍ୟାଣ ପାଇଁ ଉତ୍ତମ ମୁଖ ସ୍ୱଚ୍ଛତା ଜରୁରୀ ଏବଂ ମୋର ପୂର୍ଣ୍ଣ ବିଶ୍ୱସ ଅଛି। ଏଙ୍କର ଗ୍ରାହକମାନଙ୍କ ଆବଶ୍ୟକତା ଅନୁଯାୟୀ ଆଧୁନିକ ଓ ପ୍ରଭାବଶାଳୀ ସମାଧାନ ପ୍ରଦାନ କରିବ। ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସ୍‌ର ବରିଷ୍ଠ ଉପାଧକ୍ଷ-ବିକ୍ରି ଅସିତ ରାୟ କହିଛନ୍ତି, ଓଡ଼ିଶା ଏକ ଗତିଶୀଳ ଏବଂ ବିକଶିତ ବଜାର। ଯେଉଁଠାରେ ବିଶ୍ୱସ୍ତ, ଉଚ୍ଚମାନର ଓରାଲ କେୟାର ଉତ୍ପାଦକୁ ଅଧିକ ପସନ୍ଦ କରାଯାଉଛି। ଅର୍ଚ୍ଚିତା ସାହୁଙ୍କ ସହ ଆମର ସହଭାଗିତା ଏବଂ ଆମର ନୂତନ ଅଭିଯାନ ଆମକୁ ଉପଭୋକ୍ତାଙ୍କ ସହିତ ଆମର ସମ୍ପର୍କକୁ ସୁଦୃଢ଼ କରିବାରେ ସକ୍ଷମ କରିବ। ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସର ମାର୍କେଟିଂ ମୁଖ୍ୟ ସନ୍ଦୀପ ଆବି କହିଛନ୍ତି, ଅର୍ଚ୍ଚିତା ସାହୁ ଓଡ଼ିଶାର ପ୍ରତି ପରିବାର ସହିତ ପରିଚିତ ଥିଲାବେଳେ ତାଙ୍କର ଦୃଢ଼ ବିଶ୍ୱସନୀୟତା ଏବଂ ସମ୍ପର୍କ ତାଙ୍କୁ ଏଙ୍କର ଓରାଲ କେୟାରକୁ ପ୍ରତିନିଧିତ୍ୱ କରିବା ପାଇଁ ଉପଯୁକ୍ତ ପସନ୍ଦ ଭାବେ ଚୟନ କରିଛି।



# ମୋଦୀଙ୍କ ୩ ଦିନିଆ ଗସ୍ତ ୧୨ରୁ

## ଆମେରିକା ସହ ହେବ ବାଣିଜ୍ୟ ଆଲୋଚନା

**ୱାସିଂଟନ, ୪।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଫେବୃଆରି ୧୨ ତାରିଖରେ ଆମେରିକା ଗସ୍ତ କରିବେ। ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ମୋଦୀଙ୍କ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ। ଫ୍ରାନ୍ସ ଗସ୍ତ ପରେ ମୋଦୀ ଫେବୃଆରି ୧୨ ସନ୍ଧ୍ୟାରେ ୱାସିଂଟନ୍ ପହଞ୍ଚିବେ ଏବଂ ଫେବୃଆରି ୧୪ ପର୍ଯ୍ୟନ୍ତ ସେ ଆମେରିକାରେ ରହିବେ। ଆମେରିକୀୟ କର୍ପୋରେଟ୍ ନେତାଙ୍କ ସହ ମଧ ମୋଦୀଙ୍କ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ରହିଛି। ଭାରତୀୟ ସମୁଦାୟଙ୍କୁ ମଧ ପ୍ରଧାନମନ୍ତ୍ରୀ ଭେଟିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବାପରେ ମୋଦୀ ଟ୍ରମ୍ପଙ୍କ ସହ ଫୋନ୍ କରି କଥା ହୋଇଥିଲେ ଏବଂ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। କଥାବାର୍ତ୍ତା ପରେ ଟ୍ରମ୍ପ୍ କହିଥିଲେ ଯେ ମୋଦୀ ଫେବୃଆରିରେ ହ୍ୱାଇଟ୍ ହାଉସ୍ ଗସ୍ତ କରିପାରନ୍ତି। ମୋଦୀଙ୍କ ଗସ୍ତ ଅବସରରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କ ଏବଂ ସାମରିକ ସହଯୋଗ ନେଇ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇପାରେ। ମଧ୍ୟପ୍ରାଚ୍ୟ ସ୍ଥିତି, ରୁଷ୍-ୟୁକ୍ରେନ୍ ଯୁଦ୍ଧ ସମେତ ବିଭିନ୍ନ ସାଂପ୍ରତିକ ବୈଶ୍ୱିକ ସଙ୍କଟ ନେଇ ମଧ ଉଭୟ ନେତା ଆଲୋଚନା କରିପାରନ୍ତି।

# ବିଏମଡବ୍ଲ୍ୟୁ 'ମେଡ୍ ଇନ୍ ଇଣ୍ଡିଆ' କାରର ଦାମ ୪୯ ଲକ୍ଷ

**ନୂଆଦିଲ୍ଲୀ, ୪।୨:** ବିଏମଡବ୍ଲ୍ୟୁ ଆଇଏକ୍ସ୧ ଏଲଡବ୍ଲ୍ୟୁବିକୁ ବିଏମଡବ୍ଲ୍ୟୁ ଦ୍ୱାରା ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ ରେ ଲଞ୍ଚ କରାଯାଇଥିଲା। ଖାସ୍ କଥା ହେଉଛି ଯେ ଏହି ବିଏମଡବ୍ଲ୍ୟୁ କାରକୁ ଭାରତରେ ହିଁ ଏକତ୍ରିତ କରାଯାଇଛି, ଯାହାର ଏକ୍ସ-ସୋରୁମ୍ ପ୍ରାଇସ୍ ୪୯ ଲକ୍ଷ ଟଙ୍କା ରଖାଯାଇଛି। ଏହା ଏକ ଇଲେକ୍ଟ୍ରିକ୍ କାର, ଯାହାର ପ୍ରଡକ୍ସନ୍ ଚେନ୍ନାଇ ପ୍ଲାଣ୍ଟରେ ସ୍ଥାନୀୟ ଭାବରେ କରାଯାଇଛି। ବିଏମଡବ୍ଲ୍ୟୁ ର ଏହି ଇଲେକ୍ଟ୍ରିକ୍ କାର ନିଜର ସେଗମେଣ୍ଟର ସବୁଠାରୁ ଲମ୍ବା କାର୍ ବୋଲି ବିବେଚନା କରାଯାଏ, ଯାହା ଗୋଟିଏ ଚାର୍ଜରେ ୫୩୧ କିଲୋମିଟର ରେଞ୍ଜ ଦେବାକୁ ଦାବି କରେ। ଏହି କାର୍ ଆପଣଙ୍କୁ ୫ଟି କଲର ଅପ୍ସନ ଦିଆଯାଇଛି। କାରର ଡିଜାଇନ୍ ବିଷୟରେ କହିବାକୁ ଗଲେ ଏଥିରେ ସିଲଭର୍ inserts ସହିତ ଫ୍ଲସ୍ ଡୋର୍ ହ୍ୟାଣ୍ଡେଲ ଏବଂ ବ୍ଲାକ୍-ଆଉଟ୍ ରୁଫ୍ ସହିତ ଏକ ବ୍ଲକ୍ଡ —ଅଫ ଗ୍ରୀଲ୍ ମିଳିଥାଏ। ଇଲେକ୍ଟ୍ରିକ୍ କାରରେ ଏମ ସ୍ପୋର୍ଟ ଫର୍ମରେ ସାମିଲ ଅଛି। ଏଥିରେ ସ୍ଲିମ୍ ଆଡପ୍ଟିଭ୍ ଏଲଇଡି ହାଇଲାଇଟ୍ସ, କିଡ୍ନୀ ଗ୍ରୀଲ୍ ପାଇଁ ମେଶ୍ ପ୍ୟାଟର୍ନ ଏବଂ ୩ଡି ଏଲଇଡି ଟେଲଲାଇଟ୍ସ ସାମିଲ ଅଛି। ଏହି ଲଗଜରୀ ଇଲେକ୍ଟ୍ରିକ୍ କାରରେ ୱାଇଡ୍ ସ୍କ୍ରିନ୍ କର୍ଭଡ୍ ଡିସପ୍ଲେ ସହିତ ୧୦.୨୫-ଇଞ୍ଚ ଇନଫୋଟେନ୍ମେଣ୍ଟ ଟଚସ୍କ୍ରିନ୍ ମିଳିଥାଏ। କାରରେ ପାନାରେମିକ୍ ସନରୁଫ୍, ସ୍ପ୍ଲିଟ୍ ଫୋଲ୍ଡିଂ ଫଙ୍କସନ୍, ଡୁଆଲ ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ଏବଂ ୧୨-ସ୍ପିକର ହରମନ କାର୍ଡନ ସିଷ୍ଟମ ରହିଛି। କାରରେ ସେଫ୍ଟି ପାଇଁ ଲେଭଲ୍-୨ ADAS ଟେକ୍ନୋଲୋଜି, ୮ ଏହାରବ୍ୟାଗ୍, ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍ ଭଳି ଫିଚର୍ସ ଦିଆଯାଇଛି। ୪୯ ଲକ୍ଷ ଟଙ୍କାର ଏକ୍ସ-ସୋରୁମ୍ ପ୍ରାଇସରେ ଉପସ୍ଥାପନ କରାଯାଇଛି। ଏହି କାରଟି ଭଲ୍‌ଭୋ ଏକ୍ସସି୪୦ ରିଚାର୍ଜ ଏବଂ ମର୍ସିଡିଜ୍-ଭେଞ୍ଜ ଇକ୍ୟୁଏ ସହିତ ଟକ୍କର ଦେବ। ବିଏମଡବ୍ଲ୍ୟୁ ର ଏହି କାରର ରେଞ୍ଜ ବିଷୟରେ କହିବାକୁ ଗଲେ, ତେବେ ଫୁଲ୍ ଚାର୍ଜ କରିବା ପରେ ଏମଆଇସିଡି ସାର୍ଟିଫାଏଡ୍ ୫୩୧ କିଲୋମିଟର ରେଞ୍ଜ ମିଳିଥାଏ। ରିୟଲ ବଲ୍ଡ ରେଞ୍ଜ ବିଷୟରେ କହିବାକୁ ଗଲେ ଆପଣ ଏଥିରେ ୩୫୦-୪୦୦ କିଲୋମିଟର ଆଶା କରିପାରିବେ। ଫ୍ରଣ୍ଟ ଏକ୍ସଲ ମାଉଣ୍ଟେଡ୍ ମୋଟର ୨୦୪ ଏଚପିର ପାୱାର ଏବଂ ୨୫୦ ଏନଏମର ଟର୍କ ଜେନେରେଟ୍ କରିଥାଏ। କାରର ମୋଟର ୮.୬ ସେକେଣ୍ଡ ରେ ୦-୧୦୦ କିଲୋମିଟର ଘଣ୍ଟା ପ୍ରତି ଯାଇପାରିବ।




## ରିଲାଏନ୍ସ ଡିଜିଟାଲ୍‌ରେ ୩୦ ମିନିଟ୍‌ରେ ସାମସଙ୍ଗ୍ ଗାଲାକ୍ସି ଏସ୍୨୫ ସିରିଜ୍‌ର ଡେଲିଭରି




**ଭୁବନେଶ୍ୱର, ୪।୨:** ଦେଶର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ରିଟେଲ୍ ଶୃଙ୍ଖଳା ରିଲାଏନ୍ସ ଡିଜିଟାଲ୍ ପକ୍ଷରୁ ୩୦ ମିନିଟ୍‌ରେ ସାମସଙ୍ଗ ଗାଲାକ୍ସି ଏସ୍୨୫ ସିରିଜ୍ ଫୋନ୍ ଡେଲିଭରି କରାଯାଉଛି। ଫେବୃଆରି ୪ ତାରିଖରୁ ଏହି ସୁବିଧା ଆରମ୍ଭ ହୋଇଛି। କମ୍ପାନିର ୱେବସାଇଟ୍‌ରେ ଯେଉଁମାନେ ଏହି ଫୋନ୍ ବରାଦ ଦେଇଛନ୍ତି, ସେମାନେ ସେହି ଦିନ ଡେଲିଭରି ପାଇପାରିବେ। କମ୍ପାନି ସାରା ଭାରତରେ ଥିବା ଏହାର ୬୫୦ରୁ ଅଧିକ ଷ୍ଟୋର୍ ଜରିଆରେ ଗ୍ରାହକଙ୍କ ନିକଟରେ ଫୋନ୍ ପହଞ୍ଚାଇବ। ତେଣୁ ସାମସଙ୍ଗ୍‌ର ଏହି ଚମତ୍କାର ଫୋନ୍‌ର ଅନୁଭବ ହାସଲ କରିବା ଲାଗି ଗ୍ରାହକମାନଙ୍କୁ ଆଉ ପ୍ରତୀକ୍ଷା କରିବାକୁ ପଡ଼ିବ ନାହିଁ। କମ୍ପାନିର ଗଭୀର ଓମ୍ନି ଚ୍ୟାନେଲ୍ ଉପସ୍ଥିତି ପାଇଁ ଏହା ଦୂରଦୂରାନ୍ତ ସ୍ଥାନରେ ଫୋନ୍ ପହଞ୍ଚାଇପାରୁଛି। ଦେଶର କିଛି ନିର୍ଦ୍ଦିଷ୍ଟ ସହରର ଗ୍ରାହକମାନେ ୱେବସାଇଟ୍‌ରେ 'ଫାଷ୍ଟେଟ୍ ଡେଲିଭରି' ବିକଳ୍ପ ଚୟନ କରି ଏହି ସେବା ପାଇପାରିବେ। ସେମାନଙ୍କ ପାଖରେ ୩୦ ମିନିଟ୍‌ରେ ଫୋନ୍ ପହଞ୍ଚିଯିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।

### ଶ୍ରୀ ଅନ୍ନ ଅଭିଯାନରେ ମହାଘୋଟାଲା

# ସରକାରଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ଏନ୍‌ଜିଓ

**ନୟାଗଡ଼, ୪।୨ (ସଂଚାର ବ୍ୟୁରୋ) :** ଶ୍ରୀ ଅନ୍ନ ଯୋଜନାକୁ ନେଇ ହୋଇଥିବା ମହାଘୋଟାଲାର ପେଡ଼ି ଖୋଲିବାର ଲାଗିଛି। କିଏ କିଏ ଏଥିରେ ସମ୍ପୃକ୍ତି ଅଛନ୍ତି ତାହାର ମଧ୍ୟ ତନାଘନା ଆରମ୍ଭ ହୋଇଥିବା ବେଳେ ସୂଚନା ଅଧିକାରର ସୂଚନା ତଦନ୍ତ ହେଲେ ଆହୁରି ଖୋରାକ ଯୋଗାଇବ ବୋଲି ମଧ୍ୟ ବିଶେଷ ସୂତ୍ରରୁ ଜଣାପଡିଛି। ଗୋଡିପଡା ପଞ୍ଚାୟତରେ ଲଗାତାର ଭାବେ ତାଙ୍କ ପରିବାର ସଦସ୍ୟ ଏବଂ ନିଜେ ସରପଞ୍ଚ ରହିଆସୁଥିବା ବେଳେ ବର୍ତ୍ତମାନ ସରପଞ୍ଚ ପାଲଟିଛନ୍ତି ମାଣ୍ଡଆ ଚାଷୀ। ନୟାଗଡ଼ ଜିଲ୍ଲାରେ ଶ୍ରୀ ଅନ୍ନ ଯୋଜନାରେ ସାଂଘାତିକ କେଳେଙ୍କାରୀ ହୋଇଛି। ଚାଷ ନକରି ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଭୁଆଁ ବୁଲାଯାଉଛି।

ରାଜ୍ୟ ସରକାର ମାଣ୍ଡିଆ ଚାଷକୁ ଲୋକାଭିମୁଖି କରିବାକୁ ନୟାଗଡ଼ ଜିଲ୍ଲାର ୫ଟି ବ୍ଲକ ପାଇଁ ୫ଟି ଏନ୍‌ଜିଓକୁ ଦାୟିତ୍ୱ ଦେଇଥିଲେ । ଏହି ଏନଜିଓ ଗୁଡ଼ିକ ମିଛ ଚାଷୀ ତାଲିକା ପ୍ରସ୍ତୁତ କରି ସରକାରଙ୍କୁ ଭୁଆଁ ବୁଲାଇ ସରକାରୀ ଅର୍ଥକୁ ଆତ୍ମସାତ କରିଥିବା ସ୍ପଷ୍ଟ ହୋଇଛି । ଚଳିତ ଖରିଫ୍ ଋତୁରେ ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକରେ ୭୭୧ ଜଣ ଚାଷୀ ମାଣ୍ଡିଆ ଚାଷ କରିଥିବା ଦର୍ଶାଯାଇଥିବା ବେଳେ ଓଡ଼ଗାଁ ବ୍ଲକରେ ୧୧୯୯ ଜଣ, ଗଣିଆ ବ୍ଲକରେ ୧୦୧୧ ଜଣ, ଦଶପଲ୍ଲାରେ ୧୩୦୨ ଜଣ, ନୂଆଗାଁ ବ୍ଲକର ୧୨୭୮ ଜଣ ଚାଷୀ ଚାଷ

**ଗୋଡିପଡାର ସରପଞ୍ଚ ମାଣ୍ଡିଆ ଚାଷୀ**

**ଭିଜିଲାନ୍ସ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

କରିଥିବା ଜିଲ୍ଲା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଚାଷୀଙ୍କ ତାଲିକାକୁ ଅନୁଧ୍ୟାନ କରିବାରେ ସାଂଘାତିକ କେଳେଙ୍କାରୀ ସାମ୍ନାକୁ ଆସିଛି । ଚାଷୀ ଆଦୌ ଚାଷ କରିଥିବା ବେଳେ ଏନ୍‌ଜିଓ ଗୁଡ଼ିକ ଚାଷୀଙ୍କ ନାଁରେ ସହାୟତା ରାଶି ଲୁଟ କରିଥିବା ଅଭିଯୋଗ ହୋଇଛି ।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ନିଗମ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ନୂଆଗାଁ ବ୍ଲକରେ ହାମସ୍, ଓଡ଼ଗାଁ ବ୍ଲକରେ ଇ ଇକୋ ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ୍, ଗଣିଆ ବ୍ଲକରେ ଜିୟୁସି, ଦଶପଲ୍ଲା ବ୍ଲକରେ ମଧ୍ୟ ନିର୍ମାଣ ଏନଜିଓକୁ ସରକାରଙ୍କ ପକ୍ଷରୁ ଦାୟିତ୍ୱ ମିଳିଛି। ଓଡ଼ଗାଁ ବ୍ଲକର ଗୋଡ଼ିପଡ଼ା ଗାଁରେ ଚଳିତ ବର୍ଷ ଆଦୌ ମାଣ୍ଡିଆ ଚାଷ ହୋଇନଥିବା ସ୍ଥାନୀୟ ଲୋକେ କହିଥିବା ବେଳେ ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ମାଣ୍ଡିଆ ଚାଷୀ ବୋଲି ସହାୟତା ପାଇଥିବା ଜଣାପଡ଼ିଛି। ସରକାରୀ ତାଲିକାରେ ତାଙ୍କ ନମ୍ବର ବଦଳରେ ଭୁଲ ନମ୍ବର ଉଲ୍ଲେଖ କରାଯାଇଛି। ଏନେଇ ଶ୍ରୀଯୁକ୍ତ ସାହୁଙ୍କ ଠିକ ନମ୍ବରରେ ଯୋଗାଯୋଗ କରିବାରେ ସେ ମାଣ୍ଡିଆ ଚାଷ କରିଥିବା କହିଛନ୍ତି। ଓଡ଼ଗାଁ ବ୍ଲକର ୧୧୯୯ ଜଣ ଚାଷୀଙ୍କ ମଧ୍ୟରୁ ଶହେରୁ ଉର୍ଦ୍ଧ୍ୱ ନମ୍ବରକୁ ଯୋଗାଯୋଗ କରିବାରେ ତାହା ଭୁଲ ଏବଂ ଅନ୍ୟ ବ୍ୟକ୍ତିଙ୍କ ନମ୍ବର ବୋଲି ଜଣାପଡ଼ିଛି। ସେହିଭଳି ଭାବେ ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ପୂର୍ବତନ ସରପଞ୍ଚ ଦଣ୍ଡପାଣି ନାୟକ ଆଦୌ ମାଣ୍ଡିଆ ଚାଷ କରିନଥିବା ବେଳେ ଚାଷୀ ଭାବରେ ସହାୟତା ପାଇଥିବା ଜଣାପଡ଼ିଛି। ବଡ଼ସହରା ଗାଁରେ ଆଦୌ ଚାଷ ହୋଇନଥିବା ବେଳେ ୩୨ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ଗଣିଆ ବ୍ଲକ କୃଷି ବିଭାଗରେ ଦୈନିକ ବେତନରେ କାର୍ଯ୍ୟରତ ଆନନ୍ଦ ଚନ୍ଦ୍ର ସାହୁ ଆଦୌ ମାଣ୍ଡିଆ ଚାଷ କରିନଥିବା ବେଳେ ତାଙ୍କୁ ଚାଷୀ ଭାବେ ଦର୍ଶାଯାଇଛି। ଗଣିଆ ବ୍ଲକ ଦାୟିତ୍ୱରେ ଥିବା ଏନଜିଓ ଜିୟୁସି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ପତ୍ନୀ ମମତା ବେହେରାଙ୍କୁ ମଧ୍ୟ ମାଣ୍ଡିଆ ଚାଷୀ ବୋଲି ଦର୍ଶା ଯାଇଛି । ଗଣିଆରେ ଜିୟୁସି ମନଇଚ୍ଛା ଚାଷୀ ତାଲିକା ପ୍ରସ୍ତୁତ କରି ସରକାରଙ୍କୁ ଭୁଆଁ ବୁଲାଇଛି । ଜିଲ୍ଲାରେ ମାଣ୍ଡିଆ ଚାଷ ନାଁରେ ସରକାରଙ୍କୁ ଭାଣ୍ଡିଆ କରିବା ଆଳରେ ୫ଟି ଏନ୍‌ଜିଓ ଯୋଜନା ବଦ୍ଧ ଷଡ଼ଯନ୍ତ୍ର କରି ସରକାରୀ ଅର୍ଥକୁ ବ୍ୟୟ କରିଥିବା ସ୍ପଷ୍ଟ ହୋଇଛି ।

ସରକାର ଭିଜିଲାନ୍ସ ବିଭାଗ ଦ୍ୱାରା ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ବିପଦ ସଙ୍କୁଳ ଅବସ୍ଥାରେ ନୀଳଗିରି ଲ୍ୟାମ୍ପସ କାର୍ଯ୍ୟାଳୟ

● ଛାତରୁ ଖସୁଛି କଂକ୍ରିଟ ଖଣ୍ଡ, ଦେଖାଯାଉଛି ଲୁହା ରଡ୍



**ନୀଳଗିରି, ୪।୨ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାର ଚାଷୀ ଓ ଅନ୍ୟାନ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ସମବାୟ ମାଧ୍ୟମରେ ସହାୟତା ଯୋଗାଇ ଦେବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ତାହା କେଉଁଠି ଠିକ୍ ଭାବରେ କାର୍ଯ୍ୟ ହୋଇଛି ତ ଆଉ କେଉଁଠି ବିପଦ ସଙ୍କୁଳ ଅବସ୍ଥାରେ କାର୍ଯ୍ୟ ହୋଇଛି। ଏହିଭଳି ଏକ ବିପଦ ସଙ୍କୁଳ ଅବସ୍ଥାରେ ନୀଳଗିରି ଲ୍ୟାମ୍ପସ ସମବାୟ ସମିତି କାର୍ଯ୍ୟାଳୟ ଚାଲିଥିବାର ଦେଖିବାକୁ ମିଳିଛି।

ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତ ମଧ୍ୟରୁ ନୀଳଗିରି ସମବାୟ ସମିତି ଅଧୀନରେ ୧୫ଟି ପଞ୍ଚାୟତ ସହ ୬ଟି କେନ୍ଦ୍ର ରହିଛି। ୧୫ଟି ପଞ୍ଚାୟତର ଚାଷୀ ଓ ଅନ୍ୟାନ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ଏହି ସମବାୟ ଅଫିସ ଉପରେ ନିର୍ଭର କରୁଥିବାବେଳେ ଏଠାରେ ୧୧ ଜଣ କର୍ମଚାରୀ କାର୍ଯ୍ୟ କରନ୍ତି। କିନ୍ତୁ ଏହି ସମବାୟ ସମିତି କାର୍ଯ୍ୟାଳୟଟି ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଛାତରୁ ଖସୁଛି କଂକ୍ରିଟ ଖଣ୍ଡ ଓ ବାହାରକୁ ଦେଖାଯାଉଛି ଲୁହା ରଡ। ଚାଷୀ ଓ କର୍ମଚାରୀଙ୍କ ପାଇଁ ଅସୁରକ୍ଷିତ ହୋଇ ପଡିଛି ନୀଳଗିରି ସମବାୟ ଅଫିସ। କବାଟ ଝରକା ଅବସ୍ଥା ନକହିବା ଭଲ । ତେବେ କେତେବେଳେ ଅଘଟଣ ଘଟିବ ତାହା କହିହେବ ନାହିଁ । ତେଣୁ ବାଲେଶ୍ୱର ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନେଇ ସାଧାରଣରେ ମତ ମତପ୍ରକାଶ ପାଇଛି।

# ଓଡିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




**ନାଉଗାଁ, ୪।୨ (ସଂଚାର ବ୍ୟୁରୋ) :** ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ସଂଘ ପକ୍ଷରୁ ନାଉଗାଁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ଦାବି ଅନୁସାରେ ଗ୍ରାମ ପଞ୍ଚାୟତ ସ୍ତରରେ ମହାସଂଘର କାର୍ଯ୍ୟରତ ଇ.ସି. ମାନେ ଦୀର୍ଘ ଚାରିବର୍ଷ ଧରି ବିନା ପାରିଶ୍ରମିକରେ କାର୍ଯ୍ୟ କରି ଆସୁଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ଏଥିରେ ନବୀକରଣ ପନ୍ଥା ଅବଲମ୍ବନ କରିବାକୁ ଯାଉଛନ୍ତି। ଯାହାକୁ ବିରୋଧ କରି ପ୍ରତି ଜିଲ୍ଲାରେ ସଂଘ ପକ୍ଷରୁ ଏହାକୁ ପ୍ରତିବାଦ କରାଯାଉଥିବା ବେଳେ ନାଉଗାଁ ବ୍ଲକରେ ମଧ୍ୟ ସଂଘ ପକ୍ଷରୁ ଶତାଧିକ କାର୍ଯ୍ୟରତ ମହିଳାମାନେ ଏହି ନବୀକରଣ ପନ୍ଥାକୁ ବନ୍ଦ କରାଯିବା ସହିତ ପୂର୍ବରୁ କାର୍ଯ୍ୟ କରୁଥିବା ଏହି ମହିଳାମାନଙ୍କୁ ସ୍ଥାୟୀ କର୍ମକର୍ତ୍ତା ଭାବେ ଘୋଷଣା କରାଯିବା ଦାବୀରେ ନାଉଗାଁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନାଉଗାଁ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ମିଶନଶକ୍ତି ଇସି ସଂଘର ରାଲି




**ନବରଙ୍ଗପୁର, ୪।୨ (ସଂଚାର ବ୍ୟୁରୋ) :** ୭ ଦଫା ପୂରଣ ଦାବି ପୂରଣ ନେଇ ନବରଙ୍ଗପୁର ଜିଲ୍ଲା ମିଶନଶକ୍ତି ଇସି ସଂଘର ବିଶାଳ ଶୋଭାଯାତ୍ରା କରାଯାଇଛି। ପରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ବାଙ୍କବିହାରୀ ବିଶୋଇ, ଉପଦେଷ୍ଟା ପରମେଶ୍ୱର ବିଶୋଇ, ଜିଲ୍ଲା ସଭାନେତ୍ରୀ ପ୍ରମିଳା ସାମନ୍ତରାୟ, ସଂପାଦିକା ଭବାନୀ ଡଙ୍ଗରୀଙ୍କ ନେତୃତ୍ୱରେ ଶତାଧିକ ମିଶନଶକ୍ତି ଇସି କର୍ମୀ ସ୍ଥାନୀୟ ପୁଲିସ୍ ପଡ଼ିଆରୁ ଏକ ଶୋଭଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୭ ଦଫା ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଓଡ଼ିଶା ଜୀବିକା ମିଶନଶକ୍ତି ଇସି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ଦୈନିକ ମଜୁରୀ ହାରରେ ମାସିକ ୧୫ ହଜାର ଟଙ୍କା ବେତନ, ଯେଉଁ ପଦବୀରେ ଇସି କର୍ମଚାରୀ ଅଛନ୍ତି, ସେହି ପଦବୀଗୁଡ଼ିକୁ ସ୍ଥାୟୀ କରାଯାଉ, କାର୍ଯ୍ୟରତ ସମୟରେ ଦୁର୍ଘଟଣାଜନୀତ ମୃତ୍ୟୁ ପାଇଁ ୧୦ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ପାଇଁ ୫ ଲକ୍ଷ ଟଙ୍କା, ୬୦ ବର୍ଷରେ ଅବସର ଓ ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଓ ମାସିକ ପେନସନ୍ ୫ ହଜାର ଟଙ୍କା, ବୀମା, ଇଏସ୍‌ଇ, ପ୍ରୋଭିଡେଣ୍ଟ ଫଣ୍ଡ ଆଦି ଲାଗୁ କରିବା, ପ୍ରତି ମାସ ୫ରୁ ୧୦ ତାରିଖ ମଧ୍ୟରେ ଦରମା ପ୍ରଦାନ ପାଇଁ ସଂଘ ଦାବି କରିଛି ।

# ସ୍କୁଲ ପୋଷାକ ଯୋଗାଣରେ କୋଟି କୋଟି ଟଙ୍କାର ଘୋଟାଲା

**କଳାହାଣ୍ଡି, ୪।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ୨୦୦ରୁ ଉର୍ଦ୍ଧ୍ୱ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିବର୍ଷ ସରକାର ବିଦ୍ୟାର୍ଥୀ ମାନଙ୍କ ନିମନ୍ତେ ୧୦୦୦ ଟଙ୍କା ସ୍କୁଲ ପୋଷାକ ଓ ଜୋତା ପାଇଁ ଖର୍ଚ୍ଚ କରିଥାନ୍ତି। କିନ୍ତୁ ଛାତ୍ରଛାତ୍ରୀମାନଙ୍କ ସ୍କୁଲ ପୋଷାକ ଯୋଗାଣ ପାଇଁ ଅସାଧୁ ବ୍ୟବସାୟୀମାନେ ଲୋଲୁପ ଦୃଷ୍ଟି ପକାଇଥାନ୍ତି। କାରଣ ସ୍କୁଲ ମାନଙ୍କରେ ପୋଷାକ ଯୋଗାଇବା ପାଇଁ ରୁପ୍ରାରୋଡ ଗ୍ରାମର କିଛି ଅସାଧୁ ଲାଭଖୋର ବ୍ୟବସାୟୀମାନେ ପ୍ରତିବର୍ଷ ନିମ୍ନ ମାନର ପୋଷାକ ଯୋଗାଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରି ଆସୁଥିବା ବିଭିନ୍ନ ସ୍କୁଲର ଛାତ୍ର ଅଭିଭାବକ ଓ ଶିକ୍ଷା ପରିଚାଳନା କମିଟିମାନେ ମଧ୍ୟ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। କିନ୍ତୁ ଏଥି ପ୍ରତି କୌଣସି ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରୁ ନ ଥିବା ବେଳ ଓଲଟା ଶିକ୍ଷା ଅଧିକାରୀମାନେ ଏହି ଅସାଧୁ ବ୍ୟବସାୟୀ ମାନଙ୍କ ସହ ମିଶି ତାଙ୍କ ପୋଷାକ ନ କିଣିଲେ ସଂପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ମାନଙ୍କ ଦରମା ବନ୍ଦ କରିଦିଆଯିବ ବୋଲି ଧମକ ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଏହି ଅସାଧୁ ବ୍ୟବସାୟୀ ମାନଙ୍କ ଠାରୁ ପୋଷାକ ନ କିଣି ନିଜ ସ୍କୁଲର ପୋଷାକ ସଂପୃକ୍ତ ସ୍କୁଲର ଶିକ୍ଷା ପରିଚାଳନା କମିଟିମାନେ ନିଜେ କିଣିବା ପାଇଁ ନର୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଜଣାଇଥିବା ବେଳେ ଶିକ୍ଷା ଅଧିକାରୀ ରୋକ୍ ଠୋକ୍ ମନା କରିଦେଇଥିବା ଅନେକ ଶିକ୍ଷା ପରିଚାଳନା କମିଟି ଅଭିଯୋଗ ଆଣିଛନ୍ତି। ଏଭଳିକି ରୁପ୍ରା ରୋଡ ଗ୍ରାମର ସିଦ୍ଧାର୍ଥ କ୍ଲଥ ଷ୍ଟୋର, ଶ୍ରୀ ରାମାନୁଜ ଟ୍ରେଡର୍ସ, ମାଁ ମାଣିକେଶ୍ୱରୀ ଇଣ୍ଡଷ୍ଟ୍ରି, ଆଲୋକ କ୍ଲଥ ଷ୍ଟୋର, ଓଁ ସାଇ ଷ୍ଟିଲ, କମଲ ଏନ୍‌ଏକ୍ସଟି ଏମ୍ ଏସ୍ ଆଲୋକ କ୍ଲଥ ଷ୍ଟୋର ଏହି ସବୁ ଅସାଧୁ ବ୍ୟବସାୟୀଙ୍କ ସହ ନର୍ଲା ବ୍ଲକର ଜଣେ ପଦସ୍ଥ ବି.ଆର୍.ସି ସଲାସୁତୁରା ହୋଇ ବିଭାଗ ପାଇଁ ମୋଟା ଅଙ୍କର ପିଶି ନେଇ ବାରମ୍ବାର ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ ହୋଇ ଆସୁଥିବା ବ୍ୟବସାୟୀମାନଙ୍କୁ ପୁନଃ ଥଇଥାନ ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରୁଥିବା ଶିକ୍ଷା ପରିଚାଳନା କମିଟି ମାନେ ଅଭିଯୋଗ ଆଣିଛନ୍ତି। ଏହି ଦୁର୍ନୀତି ଗ୍ରସ୍ତ ଅଧିକାରୀ ଜଣକ ନର୍ଲା ବ୍ଲକର ବାସିନ୍ଦା ହୋଇଥିବାରୁ ଶିକ୍ଷା ବିଭାଗରେ ଛାତ୍ରଛାତ୍ରୀଙ୍କୁ ଶୋଷଣ କରିବା ପାଇଁ ସହଜ ସାଧ୍ୟ ହେଉଥିବା ଚର୍ଚ୍ଚା ହେଉଛି। ଏଣୁ ଏହି ଅସାଧୁ ଅଧିକାରୀ ଓ ବ୍ୟବସାୟୀଙ୍କ ବିରୋଧରେ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତିର ଭାନୁମତୀ ପେଡ଼ି ଖୋଲିବ ବୋଲି ଶିକ୍ଷା ପରିଚାଳନା କମିଟିର ସଦସ୍ୟମାନେ ଅଭିଯୋଗ ଆଣିଛନ୍ତି।

# ନବନିର୍ମିତ ଅବକାରୀ କୋଠା ଭୂତକୋଠି

● ବର୍ଷ ବର୍ଷ ଧରି ଭଡ଼ାରେ ଚାଲିଛି କାର୍ଯ୍ୟାଳୟ



**ହିଞ୍ଜିଳିକାଟୁ, ୪।୨ (ସଂଚାର ବ୍ୟୁରୋ):** ଲକ୍ଷ ଲକ୍ଷ ଟଙ୍କାର କୋଠା ଛିଡା ହୋଇଛି ଭୂତକୋଠି ଭଳି, କିନ୍ତୁ ବ୍ୟବହାର ହେଉନାହିଁ। କେବଳ ଠିକାଦାର ପୋଷିବାରେ ଚାଲିଗଲା ସରକାରଙ୍କ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା। ସେପଟେ ଭଡା ଘରେ କାର୍ଯ୍ୟାଳୟ ଚାଲିଥିବାରୁ ବିଭାଗୀୟ ଅଧିକାରୀଙ୍କୁ ମାସକୁ ମାସ ଭଡା ଗଣିବାକୁ ପଡୁଛି । ଏଇ ହେଉଛି ହିଞ୍ଜିଳିକାଟୁ ଅବକାରୀ ବିଭାଗ କାର୍ଯ୍ୟାଳୟର ବାସ୍ତବ ଚିତ୍ର। ଦେଖୁ ଦେଖୁ ୧୪ ବର୍ଷ ବିତିଗଲା କିନ୍ତୁ ନବନିର୍ମିତ ଅବକାରୀ କୋଠା କାର୍ଯ୍ୟକ୍ଷମ ହୋଇପାରିଲାଣି ।

ସୂଚନା ପ୍ରକାରେ, ୨୦୦୯ ମସିହାରେ ଅବକାରୀ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ୯ଲକ୍ଷ ୨୫ହଜାର ଟଙ୍କାରେ ଇନଚାର୍ଜ କାର୍ଯ୍ୟାଳୟ ଓ ୧୪ ଲକ୍ଷ ଟଙ୍କା ବ୍ୟୟରେ ଇନସେପ୍ଟର କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା କିନ୍ତୁ ୧୪ ବର୍ଷ ହେଲା ଏଥିରେ ତାଲା ଝୁଲୁଛି। ବିଭାଗ ମାସିକ ୨୦ ଲକ୍ଷରୁ ଅଧିକ ରାଜସ୍ୱ ଆଦାୟ କରୁଥିବା ବେଳେ ନିଜସ୍ୱ କୋଠାକୁ କାହିଁକି ସ୍ଥାନାନ୍ତର ହୋଇପାରୁନି ଏହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷେ ହିଞ୍ଜିଳି ସହର ସ୍ଥିତ ଜନୈକ ବ୍ୟକ୍ତିଙ୍କ ଘରେ ବର୍ଷବର୍ଷ ଧରି ବିନା ନାମଫଳକରେ ଅବକାରୀ ବିଭାଗ କାର୍ଯ୍ୟାଳୟ ଭଡା ସୂତ୍ରରେ ଚାଲିଛି। ତେବେ ସବୁଠୁ ଉଦବେଗର ବିଷୟ ହିଞ୍ଜିଳିକାଟୁ ଅଞ୍ଚଳର ୮୦ ଭାଗ ଲୋକେ ଅଞ୍ଚଳର କେଉଁଠି ଅବକାରୀ ବିଭାଗର କାର୍ଯ୍ୟାଳୟ ରହିଛି ଏହା ବି କେହି ଭଲ ଭାବେ ଜାଣିନାହାନ୍ତି । ଫଳରେ ଲୋକେ ଅଭିଯୋଗ କରିବାକୁ ଯାଇ ଅବକାରୀ ବିଭାଗର କାର୍ଯ୍ୟାଳୟ ସହରରେ ଖୋଜି ଖୋଜି ଫେରି ଯାଉଛନ୍ତି ।

ସେପଟେ ନୂତନ ଭାବେ ନିର୍ମିତ ହୋଇଥିବା କୋଠାର ଅବସ୍ଥା ବର୍ତ୍ତମାନ ଦିନକୁ ଦିନ ଖରାପ ହେବାରେ ଲାଗିଥିବା ବେଳେ ଉକ୍ତ ଅଞ୍ଚଳର ମଦ୍ୟପ ଲୋକଙ୍କ ଆଡ଼ାସ୍ଥଳୀ ପାଲିଟିଛି। ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ତେଣୁ ନୂତନ ଅବକାରୀ କାର୍ଯ୍ୟାଳୟ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ଗଂଜାମ ଜିଲ୍ଲାପାଳ, ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦୃଷ୍ଟି ଦେବାକୁ ହିଞ୍ଜିଳି ସହରବାସୀ ଦାବି କରିଛନ୍ତି ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଓ ସଙ୍ଗୀତ ସମାରୋହ

**ଭୁବନେଶ୍ୱର, ୪।୨ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆଦିକବି ସାରଳା ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ତଥା ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ଅବସରରେ ଏକ ବିଶେଷ ସାହିତ୍ୟ ଓ ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟର ବିଶାଳ ସାରସ୍ୱତ କୋଣାର୍କ ଭାବେ ଅଭିହିତ କରିବା ସହ ଏହାକୁ ଆମ ସାହିତ୍ୟର ଏକ ଅନନ୍ୟ କୃତି ଭାବେ ଗ୍ରହଣ କରାଯାଇଛି ବୋଲି କହିଥିଲେ। ସେହିଭଳି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିହାରଙ୍କ ରଚନା ସମୂହରେ ରହିଛି ଶାଶ୍ୱତ ପ୍ରେମ ଓ ଭକ୍ତିର ଚମତ୍କାର ବର୍ଣ୍ଣନା। ଅନୁରୂପ ଭାବେ ଓଡ଼ିଆ ଅସ୍ମିତା ଓ ଉତ୍କଳଗୌରବ ମଧୁସୂଦନଙ୍କ ଅନନ୍ୟ ଅବଦାନ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ପୂଜ୍ୟପୂଜାର ଧର୍ମ ଓ ଭାରତୀୟ ଜ୍ଞାନ ପରମ୍ପରାରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା ପ୍ରତିଭାମାନଙ୍କୁ ଯୁବପିଢ଼ି ଆଦର୍ଶଭାବେ ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତଭାଷଣ ଦେଇଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଆୟୋଜିତ ସଂଗୀତ କାର୍ଯ୍ୟକ୍ରମରେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ଛାତ୍ରୀମାନେ ସାରଳା ଦାସ ଓ ଅଭିମନ୍ୟୁଙ୍କ ରଚନାରୁ କଣ୍ଠ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ଏହି ସମାରୋହରେ ସମସ୍ତ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।




କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବରିଷ୍ଠ ସାହିତ୍ୟିକ ଓ ସମାଲୋଚକ ପ୍ରଫେସର ଫଣୀନ୍ଦ୍ରଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଆଦିକବି ସାରଳା ଦାସଙ୍କ ଓଡ଼ିଆ ମହାଭାରତକୁ ଓଡ଼ିଆ ଆଦି ଆମ ନିକଟରେ ପହଞ୍ଚିଛି ଉତ୍କଳ ଗୌରବ ମଧୁସୂଦନର ଜୀବନବ୍ୟାପୀ ସାଧନା ଓ ସଂଘର୍ଷ ନିମନ୍ତେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପ୍ରଫେସର ନିଶାମଣି କର ଓଡ଼ିଆ ସାହିତ୍ୟ, ସଂଗୀତ ଓ ସଂସ୍କୃତିକୁ ଆଦିକବି ସାରଳା ଦାସ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର

# ସୂର୍ଯ୍ୟମୁଖୀ କ୍ଷେତ ସାଜିଛି ସେଲଫି ପଏଣ୍ଟ



**ଭବାନୀପାଟଣା, ୪।୨ (ସଂଚାର ବ୍ୟୁରୋ):** ଶୀତୁଆ ସଂଧ୍ୟାରେ ପର୍ଯ୍ୟଟକଙ୍କୁ ହଳଦୀମୁଖି ମୁରୁକି ହସି, ଆନମନା କରିଦେଉଛି। ଯୁବକ ଯୁବତୀ ଫୁଲବଣରେ ସେଲଫି ନେବା ପାଇଁ ଭିଡ଼ ଜମୁଛି।ଭଟାଙ୍ଗପଦର ଗାଁ ର ପାହାଡ଼ ଝରଣା ପାଖରେ ଗାଁ ସୂର୍ଯ୍ୟମୁଖି ଚାଷ ମନମୋହୁଛି। ଭବାନୀପାଟଣା ସହର ଆଖପାଖ ଅଞ୍ଚଳରୁ ସେଲଫି ପାଇଁ ଭିଡ ଜମୁଛି ।

ମାଘ ମାସର ଶିତୁଆ ସୁରୁଜ ଅଲସୁଆ ହୋଇ ହଦଲୀମୁଖି, ରାଣୀ ସୁରୁଜ ମୁଖିକୁ ଯେମିତି ଚାହିଁ ରହିଛି।ଶିତୁଆ ପବନ ରେ ଅଣ୍ଟା ହଲାଉଛି ହଳଦୀ ମୁଖି। ହଁ ଦର୍ଶକ ବନ୍ଧୁ,ଯିଏ ହେଉନା କାହିଁକି ସୂର୍ଯ୍ୟମୁଖି କୁ ଦେଖିଲେ ଅଟକିବ ହିଁ ଅଟକିବ,ତା ଚାହାଣିରେ ଟାଣିଆଣିବ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଠାରୁ ମାତ୍ର ୧୨କିଲୋମିଟର ଦୁରରେ ଥିବା ଭଟାଙ୍ଗପଦର, ପିପଲନାଲା ଝରଣା କୁଳରେ ୧୦ରୁ ୧୨ ଏକର ସୁର୍ଯ୍ୟମୁଖି ଚାଷ। ଭଟାଙ୍ଗପଦର ରୁ ରାବଣଧାରା ଜଳପ୍ରପାତ କୁ ଯିବା ରାସ୍ତାରେ ଥିବା ଯୋଗୁଁ ଭିଡ ଜମୁଛି।ହଦଲୀ ହଦଲୀ ରଙ୍ଗରେ ଗାଁ ମୁଣ୍ଡରୁ ପାହାଡ଼ ଛୁଇଁଛି। ଗାଁ ର ପ୍ରାୟ ୨୦ପରିବାର ଚାଷ କରିଛନ୍ତି। ପ୍ରେମିକ ପ୍ରେମିକା,ଠାରୁ ଆରମ୍ଭ କରି ରିଲ୍ସ ସେଲଫି ନେବା ପାଇଁ ଭିଡ଼ ଲାଗୁଛି। ଚାଷୀ ମଧ୍ୟ ଖୁସି ଅଛନ୍ତି,ଫୁଲ ବଣ ରେ ପର୍ଯ୍ୟଟକ ଙ୍କୁ ଦେଖି । ଯୁବପିଢୀ ବେଶ ଆକର୍ଷିତ , ସମସ୍ତ ଙ୍କୁ ଯେମିତି ଟାଣି ନେଉଛି। ହେଲେ ଅନ୍ୟ ବର୍ଷ ଅପେକ୍ଷା ଚାଷ ଭଲ ହୋଇନାହିଁ।କିମ୍ବା କୃଷି ବିଭାଗ ତରଫରୁ କୌଣସି ସହାୟତା ମିଳିପାରିନାହିଁ। ସୁର୍ଯ୍ୟମୁଖି ଚାଷ ବିଷୟ କମ୍ ସଚେତନ। ତେଣୁ ଚାଷ ରେ ସାର୍ କୀଟନାଶକ ଉନ୍ନତ ମାନର ଚାଷ କରୁନାହାନ୍ତି। ଲାଭକାରୀ ଫସଲ ହେଲେ ମଧ୍ୟ ଲାଭ କମ୍ ହେବ ବୋଲି କହିଛନ୍ତି ଚାଷୀ। ହଦଲୀମୁଖିର ମୁରୁକି ହସ, ଯିଏ ଦେଖୁଛି ଟାଣି ନେଉଛି। ସୂର୍ଯ୍ୟମୁଖି ଫୁଲବଣରେ ସେଲ୍ଫି ପାଇଁ ଭିଡ ଜମୁଛି।

### ରାୟାଗଡା ଜିଲ୍ଲାପାଳଙ୍କ ଅଚାନକ ବିଷମକଟକ ଗସ୍ତ

# ବସ୍ତିରୁ ପିଏମଏୱାଇ ସର୍ଭେର କଲେ ଶୁଭାରମ୍ଭ



**ରାୟଗଡା, ୪।୨ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ବିଷମକଟକ ସନ ସାହିକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚିବା ସହ ତାଙ୍କ ସାଥେ ଯୋଡି ହୋଇ ଶାସନର ଏକ ବିରଳ ତଥା ପ୍ରଶଂସନୀୟ ପ୍ରଦର୍ଶନ କରିଛନ୍ତି ରାୟଗଡା ଜିଲ୍ଲାପାଳ ସୁଶ୍ରୀ ପାରୁଲ ପାଟୱାରୀ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱଇ) ଯାଞ୍ଚ ପ୍ରକ୍ରିୟାକୁ ବ୍ୟକ୍ତିଗତ ଭାବରେ ତଦାରଖ କରିବା ପାଇଁ ଆଜି ସୁଶ୍ରୀ ପାରୁଲ ପାଟୱାରୀ ବିଷମକଟକ ବିଷମକଟକ ପରିଦର୍ଶନ କରିଥିଲେ । ବିଷମକଟକ ସଦର ମହକୁମାର ଏକ ପରିତ୍ୟକ୍ତ ବସ୍ତିରୁ ଜିଲ୍ଲାପାଳ ହିତାଧିକାରୀଙ୍କ ସର୍ଭେ ପ୍ରକ୍ରିୟାର କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ଯୋଡି ହୋଇଥିବା ବେଳେ, ବସ୍ତି ବାସିନ୍ଦାଙ୍କ ସହ ସିଧାସଳଖ କଥାବାର୍ତ୍ତା, ତାଙ୍କ ସୁବିଧା ଅସୁବିଧା ନେଇ ସେ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିବା ଦେଖିବାକୁ ମିଳିଥିଲା । ଏଥିପୂର୍ବରୁ ଏଭଳି ବସ୍ତିକୁ ପ୍ରବେଶ କରିବାକୁ ମଧ୍ୟ କେହି ଚିନ୍ତା କରିନଥିବା ବେଳେ ଜିଲ୍ଲାପାଳ ପାରୁଲ ପାଟୱାରୀଙ୍କ ଏହି ପରିଦର୍ଶନକୁ ବହୁ ମାତ୍ରାରେ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି। ତାଙ୍କ ଏହି ଗସ୍ତ ବେଳେ, ଶ୍ରୀମତୀ ପାଟୱାରୀ ସାନ ସାହି ସ୍ଥିତ ଜଣେ ଭିନ୍ନକ୍ଷମ ବୃଦ୍ଧ ମହିଳାଙ୍କୁ ସାକ୍ଷାତ କରିଥିଲେ । ଯିଏ ଦଦରା କୁଡ଼ିଆରେ ରହୁଥିବା ଜାଣି ତାଙ୍କ ବିଷମକଟକ ବିଭାଗୀୟ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ ବ୍ୟକ୍ତିଗତ ସହାୟତା ଯୋଗାଇ ଅନ୍ଧ ଅସହାୟ ପାଇଁ ଘର ଖଣ୍ଡିଏ ତୋଳି ଦେଇଥିଲେ ।

# ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ, ୪।୨ (ସଂଚାର ବ୍ୟୁରୋ):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୧ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଅଛି। କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋରାକବରସ୍ଥ ସମାଧିପୀଠରେ ମାଲ୍ୟାର୍ପଣ ପରେ କ୍ୟାଣ୍ଟନମେଣ୍ଟ ସମେତ କଟକରେ ଥିବା ମଧୁବାବୁଙ୍କ ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ସମେତ ସର୍ବଶ୍ରୀ ପ୍ରଶାନ୍ତ ନାୟକ, ଗଗନ ଚନ୍ଦ୍ର ମେହେର, ଡ଼ଃ କ୍ଷୀରୋଦ ସାହୁ, ଅଧ୍ୟାପକ ଅଶୋକ ପଣ୍ଡା, ଅରୁଣା ସାମନ୍ତରାୟ, ଡ଼ଃ ପ୍ରମୋଦ ମହାପାତ୍ର, ଶ୍ୟାମସୁନ୍ଦର ସାହୁ, ବୈଷ୍ଣବ ପରିଡ଼ା, ସମରେନ୍ଦ୍ର ଘୋଷ, ବିଦ୍ୟୁତ ଲାଲା, ମାଧବ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ବିପଦରେ ଶ୍ରମିକଙ୍କ ଜୀବନ

# ବାଉଁଶ ଭାରା ସାହାରାରେ ଲଟକିଛି ଜୀବନ

**କାକଟପୁର/ଅସ୍ତରଙ୍ଗ, ୪।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ କାମ ରେ ଶ୍ରମିକ ଙ୍କ ଜୀବନ ବିପଦରେ। ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ କଣ୍ଟାପଡା ନିକଟରେ ଚାଲିଛି ଓଭରହେଡ୍ ପାଣି ଟାଙ୍କି ନିର୍ମାଣ। ଏହି ନିର୍ମାଣ କାର୍ଯ୍ୟ କଣ୍ଟାପଡା ନିକଟସ୍ଥ ହାଇସ୍କୁଲ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଚାଲିଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଲୁହା ରେଲିଂ ପରିବର୍ତ୍ତେ ନିର୍ମାଣ କାର୍ଯ୍ୟରେ ବାଉଁଶ ବ୍ୟବହାର କରାଯାଉଛି। ଫଳରେ କାର୍ଯ୍ୟରତ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି।

ଖବରରୁ ପ୍ରକାଶ ଯେ, ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ନିର୍ମାଣ ହେଉଥିବା ଓଭରହେଡ୍ ପାଣି ଟାଙ୍କି ଅସ୍ତରଙ୍ଗ ବ୍ଲକର କଣ୍ଟାପଡା ରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହା ସହ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ କୋଠା କୁ ରଙ୍ଗ କାର୍ଯ୍ୟ ବାଉଁଶ ଭାରା ସାହାଯ୍ୟ ରେ ଶ୍ରମିକ ବିପଦ ସଂକୁଳ ଅବସ୍ଥାରେ କାମ କରୁଛନ୍ତି।ନିର୍ମାଣ ହେଉଥିବା ପ୍ରକଳ୍ପଗୁଡ଼ିକରେ ଠିକାଦାରମାନଙ୍କ ଦ୍ୱାରା ଶ୍ରମିକ ନିଯୁକ୍ତ ହୋଇଛନ୍ତି। ହେଲେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଶ୍ରମିକମାନଙ୍କ ଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଇଛି। କାରଣ ଠିକାଦାର ଟାଙ୍କି ନିର୍ମାଣ କାର୍ଯ୍ୟରେ ଲୁହା ରେଲିଂ ପରିବର୍ତ୍ତେ ବାଉଁଶ ବ୍ୟବହାର କରୁଛନ୍ତି।





ବାଉଁଶରେ ପ୍ରସ୍ତୁତ ଭାରାରେ ଚଢ଼ି ୫୦ ଫୁଟ ଉପରେ ଶ୍ରମିକମାନେ ବିନା ସେଫଟି ବେଲ୍ଟ ରେ କାମ କରୁଛନ୍ତି। ସେହିଭଳି ତହସିଲ କାର୍ଯ୍ୟାଳୟ ରଙ୍ଗ ଚାଲୁଥିଲେ ମଧ୍ୟ ଏହା ସହ ପାଣି ଟାଙ୍କି ଚାରିପଟେ ନେଟ୍ ବା ଜାଲ ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। ଶ୍ରମିକଙ୍କୁ ସୁରକ୍ଷା ଆନୁସାଙ୍ଗିକ ଦିଆଯାଇନାହିଁ।ଫଳରେ କୌଣସି ଶ୍ରମିକ ଯଦି ତଳକୁ ଖସି ପଡ଼ନ୍ତି, ତେବେ ପ୍ରାଣ ଯିବା ସୁନିଶ୍ଚିତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିର୍ମାଣ ସ୍ଥଳକୁ ଆସୁଥିବା ବିଭାଗୀୟ ଅଧିକାରୀ ମାନେ ଏଭଳି ବିପଦସଙ୍କୁଳ କାର୍ଯ୍ୟ ଦେଖି ମଧ୍ଯ ନିରବ ରହୁଛନ୍ତି । ଠିକାଦାର ଓ ବିଭାଗୀୟ ପଦାଧିକାରୀଙ୍କ ସଲାସୁତୁରାରେ ଏଭଳି ବେନିୟମ କାର୍ଯ୍ୟ ଚାଲିଥିବା ନେଇ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଏ ନେଇ ପୁରୀ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ କହିଛନ୍ତି ଘଟଣା ସ୍ଥିତି ଅନୁଧ୍ୟାନ କରାଯିବ,ନିୟମ ଅନୁଯାୟୀ ନିୟମ ଉଲ୍ଲଙ୍ଘନ କରାଯାଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।